ISSN-0971-8400

# ଯୋଜନା

ମେ’ ୨୦୧୮ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା



# ପୁଷ୍ଟିସାଧନ

**ପୋଷଣ ଅଭିଯାନ**
ରାକେଶ ଶ୍ରୀବାସ୍ତବ

**ପୁଷ୍ଟିସାଧନ ସମାଧାନରେ ସ୍ୱାସ୍ଥ୍ୟସେବାର ଭୂମିକା**
ପ୍ରେମା ରାମଚନ୍ଦ୍ରନ

## ବିଶେଷ ପ୍ରବନ୍ଧ

**ଖାଦ୍ୟ ସୁରକ୍ଷାରୁ ପୋଷଣ ସୁରକ୍ଷା**
ଏସ୍.ଏସ୍. ସ୍ୱାମୀନାଥନ

## ଫୋକସ୍

**ଭାରତରେ ପୁଷ୍ଟିସାଧନ**
ଶମିକା ରବି

## ରୂପାନ୍ତରିତ ଭାରତ

**ଭିତ୍ତିଭୂମିକୁ ପ୍ରୋତ୍ସାହନ ବିକାଶକୁ ତ୍ୱରାନ୍ୱିତ କରିବ**
ହିରଣ୍ମୟ ରାୟ

**ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ: ପଥ ଆଗକୁ**
ଚରଣ ସିଂହ

ବିକାଶର ରୋଡ୍‌ମ୍ୟାପ୍

# ଡିଇଏଫ୍ ଏକ୍ସପୋ ୨୦୧୮ରେ ପ୍ରଧାନମନ୍ତ୍ରୀ




ଗତ ଏପ୍ରିଲ୍ ୧୧ରୁ ୧୪ ତାରିଖ ମଧ୍ୟରେ ଚେନ୍ନାଇଠାରେ DefExpo Indiaର ଦଶମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ଏହା ହେଉଛି ଜଳ ସ୍ଥଳ ଓ ଆଭ୍ୟନ୍ତରୀଣ ସୁରକ୍ଷା ସମ୍ପର୍କିତ ଏକ ପ୍ରଦର୍ଶନୀ, ଯାହା ପ୍ରତ୍ୟେକ ଦୁଇବର୍ଷରେ ଥରେ ଆୟୋଜିତ ହୁଏ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦ୍‌ଘାଟନ କରିଥିଲେ। ଏହାର ମୁଖ୍ୟ ବିଷୟ ଥିଲା– ‘ଭାରତ– ପ୍ରତିରକ୍ଷା ସାମଗ୍ରୀ ବିନିର୍ମାଣର ଉଦୀୟମାନ କେନ୍ଦ୍ର।’ ଏହାର ଉଦ୍ଦେଶ୍ୟ ଥିଲା ସମଗ୍ର ବିଶ୍ୱ ସମ୍ମୁଖରେ ଭାରତର ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ଦକ୍ଷତା ପ୍ରତିପାଦିତ କରିବା। ଏଥିରେ ୧୫ଟି ଆନ୍ତଃରାଷ୍ଟ୍ରୀୟ ସଂସ୍ଥା ଓ ୫୦୦ରୁ ଅଧିକ ଭାରତୀୟ ପ୍ରତିରକ୍ଷା ଫାର୍ମଗୁଡ଼ିକ ସମେତ ୬୭୦ଟି ସଂସ୍ଥା ଅଂଶଗ୍ରହଣ କରିଥିଲେ। ଏହି ପ୍ରଦର୍ଶନୀରେ ଦେଶର ସରକାରୀ ଓ ବେସରକାରୀ କ୍ଷେତ୍ର ସମେତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପ୍ରତିରକ୍ଷା ସମାଗ୍ରୀ ନିର୍ମାଣ ସମ୍ପର୍କିତ ଦକ୍ଷତା ପ୍ରତିପାଦିତ କରାଯାଇଥିଲା।

ଏଥିରେ ଟାଟା, ଏଲ୍‌ଏଣ୍ଡ୍‌ଟି, କଲ୍ୟାଣୀ, ମହିନ୍ଦ୍ରା, ଡିଆର୍‌ଡିଓ, ହାଲ୍, ଜିଏଫ୍‌ଏଲ୍ ଭଳି ଦେଶୀୟ କମ୍ପାନୀ ସମେତ ଆମେରିକାର ବୋଇଂ, ଫ୍ରାନ୍ସର ରାଫେଲ୍ ଓ ଏୟାରବସ୍, ରୁଷିଆର ୟୁନାଇଟେଡ୍ ସିପ୍ ବିଲ୍ଡିଂ, ଇସ୍ରାଏଲ୍‌ର ସିବତ୍ ଓ ଇଂଲଣ୍ଡର ବିଏଇ ସିଷ୍ଟମ୍ ଭଳି ସଂସ୍ଥାଗୁଡ଼ିକ ଭାଗ ନେଇଥିଲେ। ନିଜର ଉଦ୍‌ଘାଟନୀ ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ମେକ୍ ଇନ୍ ଇଣ୍ଡିଆ ଓ ମେକ୍ ଫର୍ ଇଣ୍ଡିଆର ରଣନୀତିର କାର୍ଯ୍ୟକାରିତା ପାଇଁ ଭାରତ ବର୍ତ୍ତମାନ ଯେଉଁ ସଶକ୍ତ ପରିସ୍ଥିତିରେ ଅଛି, ସେମିତି ପୂର୍ବରୁ କେବେ ନଥିଲା। ସେ କହିଥିଲେ ଯେ ଶାନ୍ତି ପାଇଁ ଆମେ ଯେତିକି ପ୍ରତିବଦ୍ଧ, ନିଜର ସୁରକ୍ଷାକୁ ନେଇ ମଧ୍ୟ ଆମେ ସେତିକି ଦୃଢ଼ନିଶ୍ଚିତ। ଏଥିପାଇଁ ଆମର ସୈନ୍ୟଶକ୍ତିର ସଶକ୍ତିକରଣ ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ସକାଶେ ଆମେ ପ୍ରସ୍ତୁତ। ସେ କହିଥିଲେ ଯେ, ତାଙ୍କ ସରକାର ‘ଇନୋଭେସନ୍ ଫର୍ ଡିଫେନ୍‌ସ ଏକ୍ସଲେନ୍‌ସ’ ଯୋଜନା ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନରେ ଡିଫେନ୍‌ସ ଇନୋଭେସନ୍ ହବ୍‌ଗୁଡ଼ିକ ପ୍ରତିଷ୍ଠା କରାଯିବ। ତାଙ୍କ ସରକାର ନେଉଥିବା ବିଭିନ୍ନ ସଂସ୍କାରଧର୍ମୀ ପଦକ୍ଷେପ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରତିରକ୍ଷା ସମାଗ୍ରୀ ନିର୍ମାଣ ଓ ପ୍ରତିରକ୍ଷା କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶ, ପ୍ରତିରକ୍ଷା ସମ୍ପର୍କିତ ବିନିର୍ମାଣ ପାଇଁ ଆବଶ୍ୟକ ଲାଇସେନ୍ସ ଏବଂ ପ୍ରତିରକ୍ଷା ସମ୍ପର୍କିତ ସାମଗ୍ରୀ ଆହରଣ କ୍ଷେତ୍ରରେ ବିଭିନ୍ନ ପ୍ରକ୍ରିୟାକୁ ସରଳ କରାଯାଇଛି। ସେ କହିଥିଲେ ଯେ ଏସବୁ କ୍ଷେତ୍ରରେ ବିଭିନ୍ନ ନିୟମ ଏବଂ ପ୍ରକ୍ରିୟାଗୁଡ଼ିକୁ ଉଦ୍ୟୋଗ ଅନୁକୂଳ କରାଯିବା ସହ ସେଗୁଡ଼ିକରେ ଯଥେଷ୍ଟ ସ୍ୱଚ୍ଛତା ମଧ୍ୟ ଅବଲମ୍ବନ କରାଯାଇଛି।

ମେ' ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ପଞ୍ଚବିଂଶ ବର୍ଷ / ଅଷ୍ଟମ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ / ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୦୪ |
| ● ପୋଷଣ ଅଭିଯାନ<br>*ରାକେଶ ଶ୍ରୀବାସ୍ତବ* | ୦୫ |
| ● ଭାରତର ପୁଷ୍ଟିସାଧନ ସମସ୍ୟା ସମାଧାନରେ ସ୍ୱାସ୍ଥ୍ୟସେବାର ଭୂମିକା<br>*ପ୍ରେମା ରାମଚନ୍ଦ୍ରନ* | ୦୮ |
| ● ଭିତ୍ତିଭୂମିକୁ ପ୍ରୋତ୍ସାହନ ବିକାଶକୁ ତ୍ୱରାନ୍ୱିତ କରିବ<br>*ହିରଣ୍ମୟ ରାୟ* | ୨୫ |
| ● ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ: ପଥ ଆଗକୁ<br>*ଚରଣ ସିଂହ* | ୩୧ |
| ● ସାମାଜିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ସମୂହ- ଦୁର୍ବଳମାନଙ୍କ ପାଇଁ ହସ୍ତ ସମ୍ପ୍ରସାରଣ<br>*ଭି. ଶ୍ରୀନିବାସ* | ୩୭ |
| ● ପୁଷ୍ଟିସାଧନର ନିରାପତ୍ତା - ସାଧାରଣ ବଣ୍ଟନ ବ୍ୟବସ୍ଥାର ଭୂମିକା<br>*ଡକ୍ଟର ପୁଲ୍ଲାୟା ଡୁଡେକୁଲା* | ୪୩ |
| ● ଆପଣ ଜାଣନ୍ତି କି ? | ୪୯ |
| ● ସାମ୍ପ୍ରତିକୀ | ୫୧ |

**ଫୋକସ୍**
ଭାରତରେ ପୁଷ୍ଟିସାଧନ
ଶମିକା ରବି: ୧୯

**ବିଶେଷ ପ୍ରବନ୍ଧ**
ଖାଦ୍ୟ ସୁରକ୍ଷାରୁ ପୋଷଣ ସୁରକ୍ଷା
ଏମ୍.ଏସ୍. ସ୍ୱାମୀନାଥନ: ୧୬

*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

ଅଗ୍ରଲେଖ...

# ପୁଷ୍ଟିସାଧନ: ବିକାଶର ଚାବିକାଠି

୨୦୧୧ ଜନଗଣନା ଅନୁଯାୟୀ ଭାରତର ଲୋକସଂଖ୍ୟା ହେଉଛି ୧.୨ ବିଲିଅନ୍। ଏହି ଅନୁଯାୟୀ ଆଗାମୀ ୨୦୩୦ ମସିହା ସୁଦ୍ଧା ୧.୬ ବିଲିଅନ୍ ଜନସଂଖ୍ୟା ସହିତ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଭାବେ ପରିଗଣିତ ହେବାର ସମ୍ଭବନା ରହିଛି। ବର୍ତ୍ତମାନ ଏହା ପାଖରେ ବିଶ୍ୱ ଜନସଂଖ୍ୟାର ୧୭% ଲୋକ ରହିଛନ୍ତି। ତେଣୁ ଏତେବଡ଼ ଜନସଂଖ୍ୟା ପାଇଁ ଖାଦ୍ୟ ଏବଂ ପୁଷ୍ଟିସାଧନ ଯୋଗାଣ ଏକ ମସ୍ତବଡ଼ ଆହ୍ୱାନ। କୌଣସି ଦେଶର ବିକାଶ ପାଇଁ ସୁସ୍ଥସବଳ ଶ୍ରମଶକ୍ତି ଅପରିହାର୍ଯ୍ୟ। ଏହି ଆଧାରରେ ଦେଶର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ସ୍ତର ପ୍ରତି ସରକାର ଆବଶ୍ୟକ ଦୃଷ୍ଟି ଦେଇଆସିଛନ୍ତି। ଭାରତୀୟ ସମ୍ବିଧାନର ୪୭ ଧାରା ଅନୁଯାୟୀ ମଧ୍ୟ ଏ ସମ୍ପର୍କିତ ନିର୍ଦ୍ଦେଶାବଳୀ ରହିଛି। ଏଥି ଅନୁଯାୟୀ ଜନସାଧାରଣଙ୍କ ଜୀବନ ଜୀଇଁବାର ସ୍ତର ଏବଂ ପୁଷ୍ଟିସାଧନ ସ୍ତର ସମେତ ଜନସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ସକାଶେ ଦେଶ ନିଜ କର୍ତ୍ତବ୍ୟ ନିର୍ବାହନ କରିବା ଆବଶ୍ୟକ।

ଭାରତୀୟ ନୀତି ନିର୍ଦ୍ଧାରକମାନେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ଉପରେ ଅଗ୍ରାଧିକାର ଦେଇଆସିଛନ୍ତି। ବିଭିନ୍ନ ପଞ୍ଚବାର୍ଷିକ ଯୋଜନାଗୁଡ଼ିକ ମଧ୍ୟ ଭିନ୍ନ ଭିନ୍ନ ନୀତି ଏବଂ ରଣନୀତି ଆଧାରରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖାଦ୍ୟ ଏବଂ ପୁଷ୍ଟିସାଧନ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ଅର୍ଥଯୋଗାଣ କରିଆସିଛନ୍ତି। ସରକାର ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଣ ପାଇଁ ମଧ୍ୟ ଅତ୍ୟଧିକ ପ୍ରୟାସ କରିଆସିଛନ୍ତି। ଫଳସ୍ୱରୂପ ବର୍ତ୍ତମାନ ଦେଶରେ ଆଉ କ୍ଷୁଧା କିମ୍ବା ଦୁର୍ଭିକ୍ଷ ଏକ ସମସ୍ୟା ହୋଇ ରହିନାହିଁ। ଏତଦ୍‌ବ୍ୟତୀତ ଜନସଂଖ୍ୟାର ଏକ ବୃହତ୍ ଭାଗ ପୁଷ୍ଟିସାଧନକୁ ନେଇ ଏକ ସୁବିଧାଜନକ ସ୍ଥିତିରେ ରହିଆସିଛି।

ତେବେ ମାତୃ ଏବଂ ଶିଶୁ ପୁଷ୍ଟିହୀନତା ବର୍ତ୍ତମାନ ମଧ୍ୟ ଏକ ଜାତୀୟ ଜନସ୍ୱାସ୍ଥ୍ୟ ସମସ୍ୟା ଭାବେ ବଳବତ୍ତର ରହିଛି। ଏଥିପାଇଁ ନୀତିଗତ ସ୍ତରରେ ସରକାର ସଚେତନ ରହିଛନ୍ତି। ୫ ବର୍ଷ ବୟସରୁ କମ୍ ବୟସ୍କ ପ୍ରାୟ ୪ କୋଟି ଗେଡ଼ା ଏବଂ ୧.୭ କୋଟି ଶାରିରୀକ ଭାବେ ଅନଗ୍ରସର ଶିଶୁ ଭାରତରେ ଅଛନ୍ତି। ଏହିଭଳି ପୁଷ୍ଟିହୀନତାର ପ୍ରମୁଖ କାରଣ ହେଉଛି ପର୍ଯ୍ୟାପ୍ତ ପରିମାଣର ପୁଷ୍ଟିକର ଖାଦ୍ୟାଭାବ ଏବଂ ଅନ୍ୟାନ୍ୟ ପୁଷ୍ଟିକର ତତ୍ତ୍ୱଗୁଡ଼ିକର ଅଭାବ। ଏତଦ୍‌ବ୍ୟତୀତ ବିଭିନ୍ନ ଅଞ୍ଚଳ ମଧ୍ୟରେ ରହିଥିବା ଖାଦ୍ୟ ଉପଲବ୍ଧତା ଏବଂ ଖାଦ୍ୟ ଆହରଣ ସମ୍ପର୍କିତ ପାର୍ଥକ୍ୟ ଯୋଗୁଁ ସାଧାରଣ ପୁଷ୍ଟିସାଧନ ସ୍ତର ମଧ୍ୟ ପ୍ରଭାବିତ ହୋଇଥାଏ। ଏହାର ପ୍ରଭାବ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ପରିଦୃଶ୍ୟ ହୋଇଥାଏ। ତେଣୁ ପୁଷ୍ଟିସାଧନ ସୁନିଶ୍ଚିତ କରିବା ପାଇଁ ଆମକୁ ଆଞ୍ଚଳିକ ଭିତ୍ତିରେ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ହେବ।

ଏହି ପୃଷ୍ଠଭୂମିରେ ଜାତୀୟ ପୁଷ୍ଟିସାଧନ ଅଭିଯାନର ଘୋଷଣା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା। ଏହି ଅଭିଯାନ ଅଧୀନରେ ଦେଶରେ ପୁଷ୍ଟିସାଧନ ସୁନିଶ୍ଚିତ କରିବା ପ୍ରୟାସକୁ ଅଧିକ ସମ୍ବଳ ଯୋଗାଣ କରାଯାଇପାରିବ। ପର୍ଯ୍ୟାୟକ୍ରମେ ଦେଶର ସମସ୍ତ ରାଜ୍ୟ ଏବଂ ଜିଲ୍ଲା ଏହି ଅଭିଯାନ ଅନ୍ତର୍ଭୁକ୍ତ ହେବେ। ଏହି ଅଭିଯାନ ଅଧୀନରେ ଆଗାମୀ ତିନିବର୍ଷ ପାଇଁ ୯୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହି ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ ପୁଷ୍ଟିସାଧନ ସ୍ତର ସୁନିଶ୍ଚିତ କରିବା ପାଇଁ ରାଜ୍ୟ, ଜିଲ୍ଲା ଏବଂ ସ୍ଥାନୀୟ ସ୍ତରର କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ସ୍ୱାଧୀନତା ପ୍ରଦାନ କରାଯାଇଛି। ଏହି ଅଭିଯାନ ପୁନଶ୍ଚ ଲକ୍ଷ୍ୟଭିତ୍ତିକ ହେବା ସହିତ ପିଲାମାନଙ୍କ ମଧ୍ୟରେ ଦେଖା ଦେଉଥିବା ଗେଡ଼ାପଣ, ଅପପୁଷ୍ଟି, ରକ୍ତହୀନତା ଏବଂ ସ୍ୱଳ୍ପ ଓଜନ ଭଳି ସମସ୍ୟାଗୁଡ଼ିକୁ ପ୍ରତିହତ କରିବା ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ। ପ୍ରାୟତଃ ୧୦ କୋଟି ଲୋକ ଏହି ଅଭିଯାନ ଦ୍ୱାରା ଉପକୃତ ହେବାର ସମ୍ଭାବନା ରହିଛି।


ବ୍ୟବହାରରେ ପରିବର୍ତ୍ତନ ଭଳି ସୁସ୍ଥ ଖାଦ୍ୟ ଆହରଣକୁ ନେଇ ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ଖାଦ୍ୟ ଆହରଣ ସମ୍ପର୍କିତ ଉତ୍ତମ ପ୍ରକ୍ରିୟା ଆପଣାଇବା ସକାଶେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଗୋଷ୍ଠୀଭିତ୍ତିକ ପ୍ରୟାସ ଆବଶ୍ୟକ। ଏହି ଅଭିଯାନ ଅଧୀନରେ ୨୦୧୭-୧୮ ମସିହା ମଧ୍ୟରେ ୩୧୫ଟି ଜିଲ୍ଲା ଅନ୍ତର୍ଭୁକ୍ତ ହୋଇଥିବାବେଳେ ୨୦୧୮-୧୯ ମସିହା ସୁଦ୍ଧା ୨୩୫ଟି ଜିଲ୍ଲା ଏବଂ ୨୦୧୯-୨୦ ମସିହା ସୁଦ୍ଧା ଅବଶିଷ୍ଟ ଜିଲ୍ଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି। ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ଆଣିବା ଉପରେ ଏହି ଅଭିଯାନ ଗୁରୁତ୍ୱାରୋପ କରିଛି। ଏସବୁ ଦୃଷ୍ଟିରୁ ଜାତୀୟ ପୁଷ୍ଟିସାଧନ ଅଭିଯାନ ବୋଧହୁଏ ଏ ଦିଗରେ ସରକାରଙ୍କ ଏକ ବୃହତ୍ ମହତ୍ୱାକାଂକ୍ଷୀ ଯୋଜନା।

ଦେଶର ବିକାଶରେ ସୁସ୍ଥ ସବଳ ଶ୍ରମଶକ୍ତି ହିଁ ପ୍ରକୃଷ୍ଟ ଯୋଗଦାନ ଦେଇପାରେ। ତେବେ ଏଥିପାଇଁ ଆବଶ୍ୟକ ପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ସୁବିଧା ସୁଯୋଗ। ତେଣୁ ଦେଶର ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ନିରାକରଣ କରିବା ସହିତ ସରକାର ଦେଶର ନାଗରିକଙ୍କ ସାମାଜିକ ସୁରକ୍ଷା ଏବଂ ଆର୍ଥିକ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ମଧ୍ୟ ବ୍ୟାପକ ପଦକ୍ଷେପ ନେଇଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନ, ସ୍କିଲ୍ ଇଣ୍ଡିଆ ଏବଂ ଡିଜିଟାଲ୍ ଇଣ୍ଡିଆ ଭଳି ଅଭିଯାନ ସମେତ ଏହି ପୁଷ୍ଟିସାଧନ ଅଭିଯାନ ମଧ୍ୟ ଦେଶକୁ ବିଶ୍ୱ ମାନଚିତ୍ରରେ ଏକ ଅଗ୍ରଣୀ ସ୍ଥାନ ପ୍ରଦାନ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ।

# ପୋଷଣ ଅଭିଯାନ

● ରାକେଶ ଶ୍ରୀବାସ୍ତବ

ଏହା ସର୍ବଜନବିଦିତ ଯେ କୁପୋଷଣର ବିଭିନ୍ନ ପ୍ରକାରର କାରଣ ରହିଛି । ଏହି କାରଣଗୁଡ଼ିକ ଯୋଗୁଁ କୁପୋଷଣର ବୋଝ ବଢ଼ିବାରେ ଲାଗିଛି । ଯଦ୍ୱାରା ପିଢ଼ି ପରେ ପିଢ଼ି ମାନବ ସମ୍ବଳର ସମ୍ପୂର୍ଣ୍ଣ ସଦୁପଯୋଗ କରିବାରେ ସଫଳ ହୋଇପାରୁନାହାନ୍ତି । ଭାରତକୁ ଏକ ବିଶ୍ୱଶକ୍ତିରେ ପରିଣତ କରିବାକୁ ହେଲେ ଏହାକୁ ତା'ର ମାନବ ସମ୍ବଳର ପୂର୍ଣ୍ଣ ବିନିଯୋଗ କରିବାକୁ ପଡ଼ିବ । ଏହା ସେତେବେଳେ ଯାଇ ସମ୍ଭବ ହେବ, ଯେତେବେଳେ କୁପୋଷଣ ସମସ୍ୟାର ସମାଧାନ କରିବା ସହିତ ଜନସାଧାରଣଙ୍କ ବୌଦ୍ଧିକ ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରାଯିବ । ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆରେ ଯଦି କୌଣସି ବିଷୟରେ ସମାନତା ଥାଏ, ତେବେ ତାହା ହେଉଛି ପୁଷ୍ଟିହୀନତାର ଦୂରୀକରଣ । ଏହି ଲକ୍ଷ୍ୟ ହାସଲ ହେଲେ ଯାଇ ଭାରତ ନିଜର ସମ୍ପୂର୍ଣ୍ଣ ଦକ୍ଷତା ପ୍ରତିପାଦନ କରିବାରେ ସମର୍ଥ ହୋଇପାରିବ । ଗତ ମାର୍ଚ୍ଚ ୮ ତାରିଖ ଦିନ ରାଜସ୍ଥାନର ଝୁନ୍‌ଝୁନ୍‌ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ପୋଷଣ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅଧୀନରେ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଏକାଭିମୁଖତା ଜରିଆରେ ଲକ୍ଷ୍ୟଭିତ୍ତିକ ଢଙ୍ଗରେ ଗେଡ଼ାପଣ, ଅପପୁଷ୍ଟି, ରକ୍ତହୀନତା ଏବଂ ଜନ୍ମ ସମୟରେ ଶିଶୁମାନଙ୍କ ସ୍ୱଳ୍ପ ଓଜନଗୁଡ଼ିକୁ ପ୍ରତିହତ କରିବାର ଲକ୍ଷ୍ୟ ସ୍ଥିର କରାଯାଇଛି । ଏହାସହିତ ଏହି ଯୋଜନା ଅଧୀନରେ କିଶୋରୀ, ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ବିଭିନ୍ନ ସମସ୍ୟାକୁ ମଧ୍ୟ ଧ୍ୟାନରେ ରଖାଯିବ । ଏହି କାର୍ଯ୍ୟକ୍ରମ ଜରିଆରେ ଆସନ୍ତା କିଛିବର୍ଷ ମଧ୍ୟରେ କୁପୋଷଣର ସ୍ତରକୁ ଯଥେଷ୍ଟ ହ୍ରାସ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ସାମଗ୍ରିକ ଭାବରେ ଲାଗୁହେବାକୁ ଥିବା ଏହି ଯୋଜନା ଅଧୀନରେ ଦେଶର ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସାମିଲ୍ କରାଯିବ । ପ୍ରଥମ ପର୍ଯ୍ୟାୟରେ ୨୦୧୭-୧୮ ମସିହାରେ ଦେଶର ୩୧୫ଟି ଜିଲ୍ଲା ସାମିଲ୍ ହୋଇଥିବାବେଳେ ଚଳିତ ବର୍ଷ ୨୩୫ଟି ଏବଂ ଅବଶିଷ୍ଟ ଜିଲ୍ଲାଗୁଡ଼ିକୁ ୨୦୧୯-୨୦ ମସିହାରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ଏହାଦ୍ୱାରା ଦେଶର ୧୦ କୋଟି ଲୋକ ଉପକୃତ ହେବେ । ଦେଶର ସର୍ବୋଚ୍ଚ ସ୍ତରରେ ଅପପୁଷ୍ଟି ଏବଂ ପୁଷ୍ଟିହୀନତା ବିଷୟ ପୂର୍ବରୁ ଏତେ ବେଶୀ ଧ୍ୟାନ କେବେ ମଧ୍ୟ ଆକର୍ଷିତ କରିନଥିଲା ।




ଏକଥା ସତ ଯେ ବର୍ତ୍ତମାନ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧିନରେ ଥିବା ବିଭିନ୍ନ ମନ୍ତ୍ରଣାଳୟଗୁଡ଼ିକ ନିଜ ନିଜ ସ୍ତରରେ କୁପୋଷଣ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ତେବେ ଯେହେତୁ ଏଭଳି କୌଣସି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଦାୟିତ୍ୱ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଉପରେ ନ୍ୟସ୍ତ ଥାଏ, ତେଣୁ ଏଭଳି ପ୍ରୟାସଗୁଡ଼ିକର ଏକାଭିମୁଖତା ହାସଲ କରିବା ଏକାନ୍ତ ଆବଶ୍ୟକ । ପୋଷଣ ଅଭିଯାନ ଦ୍ୱାରା ଏହି ଲକ୍ଷ୍ୟ ହାସଲ କରିବାର ଆଶା ରହିଛି । ଯଦ୍ୱାରା କୁପୋଷଣ ବିରୋଧରେ ସମନ୍ୱିତ ଏବଂ ସମ୍ମିଳିତ ଭାବରେ ଲଢ଼େଇ କରାଯାଇପାରିବ । କେନ୍ଦ୍ର ସ୍ତରରେ ଜାତୀୟ ପୁଷ୍ଟି ପରିଷଦ ଏବଂ ପୋଷଣ ଅଭିଯାନର କାର୍ଯ୍ୟନିର୍ବାହୀ କମିଟି ମାଧ୍ୟମରେ ଏହି ଏକାଭିମୁଖତା ହାସଲ କରିବାର ଲକ୍ଷ୍ୟ ରଖାଯାଇଛି । ପୋଷଣ ଅଭିଯାନ ସହ ସମ୍ପୃକ୍ତ ବିଭିନ୍ନ ବ୍ୟକ୍ତି ବିଶେଷ ଏହି ଉଭୟ ପରିଷଦର ସଦସ୍ୟ ରହିଥାନ୍ତି । ସେହିଭଳି ରାଜ୍ୟ, ଜିଲ୍ଲା ଏବଂ ବ୍ଲକ୍ ସ୍ତରରେ ମଧ୍ୟ ପୋଷଣ ବିରୋଧରେ ସଂଗ୍ରାମ ପାଇଁ ଏକାଭିମୁଖତା ହାସଲ କରିବା ସକାଶେ କାର୍ଯ୍ୟାନ୍ୱୟନ ଏବଂ ତଦାରଖ ବ୍ୟବସ୍ଥା କରାଯାଇଛି । ଗ୍ରାମ ସ୍ତରରେ ମଧ୍ୟ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି ।


କୁପୋଷଣକୁ ପ୍ରତିହତ କରିବା ପାଇଁ ଗ୍ରାମ୍ୟ ସ୍ତରର ଅଙ୍ଗନୱାଡ଼ି କର୍ମୀ ଏବଂ ମହିଳା ସୁପରଭାଇଜରମାନଙ୍କ ଭଳି ଆଗଧାଡ଼ିର କର୍ମୀମାନଙ୍କୁ ସ୍ମାର୍ଟ ଫୋନ୍ ପ୍ରଦାନ କରାଯିବ । ଏଥିରେ ବ୍ୟବହାର କରିବା ପାଇଁ ଆଇସିଡିଏସ୍ - କମନ୍ ଆପ୍ଲିକେସନ୍ ସଫ୍ଟୱେର୍ ବିକଶିତ କରାଯାଇଛି । ଏହି ସଫ୍ଟୱେର୍ ମାଧ୍ୟମରେ ପୋଷଣ ସମ୍ପର୍କିତ ତଥ୍ୟାବଳୀ, ଏହାର ନିରାକରଣ ପାଇଁ ଆବଶ୍ୟକ ହସ୍ତକ୍ଷେପ ବ୍ୟବସ୍ଥା ଆଦି କାର୍ଯ୍ୟ ସମ୍ପନ୍ନ କରାଯିବ ।

ଏହିସବୁ ତଥ୍ୟ ଏକ ନିର୍ଦ୍ଧାରିତ ଡ୍ୟାସ୍‌ବୋର୍ଡ ମାଧ୍ୟମରେ ସମୟାନୁବର୍ତ୍ତୀ ଭାବରେ ପ୍ରଦର୍ଶିତ ହେବ । ଯଦ୍ୱାରା ଦେଶର ବିଭିନ୍ନ ଅଞ୍ଚଳରେ କୁପୋଷଣର ସ୍ଥିତି ଓ ଗତିକୁ ନିୟନ୍ତ୍ରିତ କରାଯାଇପାରିବ । ଏହି ଅଭିଯାନ ଅଧିନରେ ମୋବାଇଲ୍ ଉପକରଣର ବ୍ୟବହାରକୁ ଅନିବାର୍ଯ୍ୟ କରାଯାଇଛି । କାରଣ ଏହାଦ୍ୱାରା ଡ୍ୟାସ୍‌ବୋର୍ଡ ମାଧ୍ୟମରେ ତଳୁ ଉପର ସ୍ତର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରର ପୋଷଣ ସମ୍ପର୍କିତ ତଥ୍ୟାବଳୀ ରହିବ ଏବଂ ଆବଶ୍ୟକସ୍ଥଳେ ଏ ସମ୍ପର୍କିତ ସେବା ଯୋଗାଣକୁ ଦକ୍ଷତାପୂର୍ଣ୍ଣ ଢଙ୍ଗରେ ତ୍ୱରାନ୍ୱିତ କରାଯାଇପାରିବ । ଆଉ ମଧ୍ୟ ଏହାଦ୍ୱାରା ଏହି ତଥ୍ୟ ଆଧାରରେ ଆବଶ୍ୟକ ନିର୍ଣ୍ଣୟ ନିଆଯାଇପାରିବ ।

କୁପୋଷଣ ସମସ୍ୟା ବାସ୍ତବିକ ବିଭିନ୍ନ ପିଢ଼ିକୁ ଗ୍ରାସ କରିଆସିଛି । ଏହା ପଛରେ ଥିବା ବିଭିନ୍ନ କାରଣ ମଧ୍ୟରୁ ଶିଶୁ ସ୍ତନ୍ୟପାନ, ଆନୁଷ୍ଠାନିକ ପ୍ରସବ, ଟିକାକରଣ, ଶିଶୁ ଖାଦ୍ୟ, କୃମି ନାଶ ଆଦି ପ୍ରମୁଖ । ତେଣୁ ଗେଡ଼ାପଣ କିମ୍ବା ଅଳ୍ପ ଓଜନ ସମସ୍ୟାକୁ ଦୂର କରିବା ପାଇଁ ବହୁମୁଖୀ ପ୍ରଚେଷ୍ଟା ଅତ୍ୟନ୍ତ ଜରୁରୀ । ତୃଣମୂଳ ସ୍ତରରେ ସମନ୍ୱିତ ପ୍ରୟାସ ହେଲେ ଯାଇ ପୋଷଣ ସମ୍ପର୍କିତ ସାମାଜିକ ବ୍ୟବହାରରେ ପରିବର୍ତ୍ତନ ଅଣାଯାଇପାରିବ ଏବଂ କୁପୋଷଣ ସମସ୍ୟାର ଦୂରୀକରଣ ସମ୍ଭବ ହୋଇପାରିବ । ଏଥିପାଇଁ ପୋଷଣ ଅଭିଯାନ ଅଧିନରେ ଜନସଚେତନତା ସୃଷ୍ଟି ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା, ବହୁବିଧ ଗଣମାଧ୍ୟମ ଅଭିଯାନ




*(ଚିତ୍ର-୨) (ଏକାଭିମୁଖତାର ଢାଞ୍ଚା)*




*(ଚିତ୍ର-୩) (ଆଇସିଡିଏସ୍-କମନ୍ ଆପ୍ଲିକେସନ୍ ସଫ୍ଟୱେର୍)*

ଆୟୋଜନ କରିବା ଏବଂ ଆଗଧାଡ଼ିର କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମୋଟାମୋଟି ଭାବରେ ଏହି ଅଭିଯାନ ଅଧିନରେ ଏକ ଜନ ଆନ୍ଦୋଳନ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି ।

ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟକୁ ନୋଡାଲ୍ ମନ୍ତ୍ରଣାଳୟ ଭାବେ ଦାୟିତ୍ୱ ଦିଆଯାଇଛି । ପୂର୍ବରୁ କେବେ ମଧ୍ୟ କୁପୋଷଣ ବିରୋଧରେ ଏତେ ବେଶୀ ଯାବତୀୟ ସମ୍ବଳର ଏକତ୍ରୀକରଣ ହୋଇନଥିଲା । କେବଳ ସେତିକି ନୁହେଁ, ପ୍ରତ୍ୟେକ ୬ ମାସରେ ଥରେ ଏହି ଅଭିଯାନର ଅଗ୍ରଗତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରାଯିବ ଏବଂ ରାଜ୍ୟ ଏବଂ ଜିଲ୍ଲାସ୍ତରରେ ମଧ୍ୟ ଏହି କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ମାପଦଣ୍ଡ ନିର୍ଦ୍ଧାରିତ କରାଯାଇଛି । ଉଦାହରଣ ସ୍ୱରୂପ ପୋଷଣ ସମ୍ପର୍କିତ ସେବା ପ୍ରଦାନ କାର୍ଯ୍ୟର ଜିଲ୍ଲାସ୍ତରୀୟ ସମୀକ୍ଷା ପାଇଁ ଏପ୍ରିଲ୍, ଜୁଲାଇ ଏବଂ ଅକ୍ଟୋବର ମାସର ପ୍ରତ୍ୟେକ ୧୦ ତାରିଖ ଦିନଟିକୁ ଧାର୍ଯ୍ୟ କରାଯାଇଛି । ଜାତୀୟ ପରିବାର କଲ୍ୟାଣ ସର୍ବେକ୍ଷଣ-୪ ଅନୁଯାୟୀ ଦେଶର ବିଭିନ୍ନ ରାଜ୍ୟ ଏବଂ ଜିଲ୍ଲା ମଧ୍ୟରେ କୁପୋଷଣର ସ୍ତର ବ୍ୟାପକ ଭାବେ ଅଲଗା ଅଲଗା ହୋଇଥାଏ । ତେଣୁ କୁପୋଷଣ ବିରୋଧରେ ବିଭିନ୍ନ କାର୍ଯ୍ୟକ୍ରମର ଏକାଭିମୁଖତାର ସଘନତା ମଧ୍ୟ ଭିନ୍ନ ଭିନ୍ନ ହେବା ଆବଶ୍ୟକ । ପ୍ରତ୍ୟେକ ଜିଲ୍ଲା ଏବଂ ପ୍ରତ୍ୟେକ ରାଜ୍ୟ ନିଜ ନିଜ ଜନସାଧାରଣଙ୍କ ଭିତରେ ଥିବା କୁପୋଷଣ ଏବଂ ଅପପୁଷ୍ଟି ସମସ୍ୟାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ଏହି ଏକାଭିମୁଖତାର ସ୍ତର ନିର୍ଦ୍ଧାରିତ କରିବେ । ଏହାଦ୍ୱାରା କାର୍ଯ୍ୟକ୍ରମ ରୂପାୟନ କ୍ଷେତ୍ରରେ ଦେଖାଦେବାକୁ ଥିବା ବିଭିନ୍ନ ପ୍ରତିବନ୍ଧକକୁ ସେମାନେ ଦୂରୀଭୂତ କରିପାରିବେ । ତେବେ ସମଗ୍ର ଦେଶରେ କୁପୋଷଣର ସ୍ତର ହ୍ରାସ କରିବା ପାଇଁ ଏହି ଅଭିଯାନ ଅଧିନରେ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯିବା ବିଧେୟ । ଏହି ଅଭିଯାନ ମାଧ୍ୟମରେ ପୋଷଣ ଲକ୍ଷ୍ୟ ହାସଲ ପାଇଁ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଏବଂ ଏଏନ୍ଏମ୍ ଭଳି ଆଗଧାଡ଼ିର କର୍ମୀମାନଙ୍କୁ ପ୍ରୋତ୍ସାହନ ଦେବାର ମଧ୍ୟ ବ୍ୟବସ୍ଥା ରହିଛି । ଏପରିକି ନିର୍ଦ୍ଧାରିତ ଲକ୍ଷ୍ୟ ହାସଲରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ମଧ୍ୟ ପୁରସ୍କୃତ କରିବାର ବ୍ୟବସ୍ଥା କରାଯାଇଛି । ପୋଷଣ ଲକ୍ଷ୍ୟ ହାସଲରେ ଧିମେଇ ଯାଉଥିବା ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ଜିଲ୍ଲା, ବ୍ଲକ୍ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଚିହ୍ନଟ କରି ସେମାନଙ୍କୁ ଆବଶ୍ୟକ ସମ୍ବଳ ଏବଂ ସହଯୋଗ ଯୋଗାଇଦେବାର ମଧ୍ୟ ପରିକଳ୍ପନା କରାଯାଇଛି । ଏଭଳି ହେଲେ ସେମାନେ ମଧ୍ୟ ଅନ୍ୟମାନଙ୍କ ଭଳି ନିର୍ଦ୍ଧାରିତ ପୋଷଣ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହୋଇପାରିବେ । ତେଣୁ ପୋଷଣ ଅଭିଯାନ ଅଧିନରେ ବିଭିନ୍ନ କାରକଗୁଡ଼ିକୁ ସମାହିତ କରାଯାଇ ଏହି କାର୍ଯ୍ୟକ୍ରମର ବିଭିନ୍ନ ସହଭାଗୀଙ୍କ ଉପରେ ଅଲଗା ଅଲଗା ଦାୟିତ୍ୱ ଏବଂ ଉତ୍ତର-ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏସବୁ ବ୍ୟବସ୍ଥାର ଏକମାତ୍ର ଲକ୍ଷ୍ୟ ହେଉଛି ଦେଶର ୧୩୦ କୋଟି ଜନସାଧାରଣଙ୍କ ମାନବସମ୍ବଳର ସମ୍ପୂର୍ଣ୍ଣ ବିନିଯୋଗ କରିବା ।

ଭାରତ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟରେ ଲେଖକ ସଚିବ ଭାବେ କାର୍ଯ୍ୟରତ ।

# ଭାରତର ପୁଷ୍ଟିସାଧନ ସମସ୍ୟା ସମାଧାନରେ ସ୍ୱାସ୍ଥ୍ୟସେବାର ଭୂମିକା

● ପ୍ରେମା ରାମଚନ୍ଦ୍ରନ

ଭାରତ ସ୍ୱାଧୀନତା ହାସଲ କରିବା ସମୟରେ ଦେଶ ଦୁଇଟି ବଡ଼ ପୌଷ୍ଟିକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଦୁର୍ଭିକ୍ଷର ଭୟ ସହିତ କମ୍ ଉତ୍ପାଦନ କାରଣରୁ ଉତ୍କଟ ଖାଦ୍ୟାଭାବର ଆଶଙ୍କା ଗୋଟିଏ ପ୍ରମୁଖ ସମସ୍ୟା ଭାବେ ଛିଡ଼ା ହୋଇଥିବାବେଳେ ସମଗ୍ର ଦେଶରେ ଏକ ଉପଯୁକ୍ତ ଖାଦ୍ୟ ବଣ୍ଟନ ବ୍ୟବସ୍ଥାର ଅଭାବ ଥିଲା। ଦ୍ୱିତୀୟ ସମସ୍ୟାଟି ଥିଲା ବ୍ୟାପକ ଦାରିଦ୍ର୍ୟ ଯୋଗୁଁ ଲୋକଙ୍କ ମଧ୍ୟରେ ପୁଷ୍ଟିହୀନତା ଜନିତ ନିରନ୍ତର ଜଟିଳତା। ଖାଦ୍ୟ ଅସୁରକ୍ଷା ଏବଂ ଆବଶ୍ୟକ ପରିମାଣର ଖାଦ୍ୟ ନ ମିଳିବା କାରଣରୁ ଲୋକେ ମାତ୍ରାଧିକ ଭାବେ ପୁଷ୍ଟିହୀନତାର ସମ୍ମୁଖୀନ ହେଉଥିଲେ। ସେତେବେଳେ ଦୁର୍ଭିକ୍ଷ ଓ ଅନାହାର ଦେଶର ସବୁଠୁ ବଡ଼ ଖବର ଥିଲା। ଏ ଦୁଇଟି ଯାକ ସମସ୍ୟା ଅତ୍ୟନ୍ତ ଉତ୍କଟ ଥିଲା ଏବଂ ସ୍ଥାନୀୟ ଭାବେ ଘଟୁଥିବା ଏହି ଘଟଣା ଦେଶରେ ଅପରିମିତ ମୃତ୍ୟୁ ଓ ଦୁର୍ଦ୍ଦଶାର କାରଣ ଥିଲା। ତେବେ ଖାଦ୍ୟାଭାବ ଥିଲା ଏକ ନିରନ୍ତର ଦେଶବ୍ୟାପୀ ସମସ୍ୟା ଏବଂ ଏହି କାରଣରୁ ଲୋକେ ଆବଶ୍ୟକତାଠାରୁ କମ୍ ଖାଦ୍ୟ ଖାଇବାକୁ ବାଧ ହେଉଥିଲେ। କମ୍ ଖାଦ୍ୟ ଗ୍ରହଣ ଜନିତ ସ୍ଥିତି ସମଗ୍ର ଦେଶ ପାଇଁ ଏକ ନିରବ ସମସ୍ୟାରେ ପରିଣତ ହୋଇଥିଲା ଏବଂ ଏହା ଫଳରେ ଅନେକ ଲୋକ ପୁଷ୍ଟହୀନତା, ସ୍ୱାସ୍ଥ୍ୟହାନୀଜନିତ କାରଣରୁ ଅକାଳ ମୃତ୍ୟୁମୁଖରେ ପଡୁଥିଲେ। ବହୁ ଲୋକ ଅନାହାର ଜନିତ କାରଣରୁ ଅକାଳ ମୃତ୍ୟୁକୁ ଅପେକ୍ଷା କରିବାକୁ ବାଧ ହେଉଥିଲେ।

ଖାଦ୍ୟାଭାବ ଜନିତ ସମସ୍ୟାର କୁପରିଣାମ ଜନସଂଖ୍ୟା ଉପରେ ନାନା ଭାବେ ପଡ଼େ। କୁପୋଷଣ, ଖାଦ୍ୟାଭାବ ଭଳି ପରିସ୍ଥିତି ଯୋଗୁଁ ଲୋକେ ଅଧିକ ସଂଖ୍ୟାରେ ମୃତ୍ୟୁ ମୁଖରେ ପଡ଼ନ୍ତି। ସବୁ ବୟସବର୍ଗର ଲୋକେ ଏହାଦ୍ୱାରା ପ୍ରଭାବିତ ହୋଇଥାନ୍ତି। ଏହି କାରଣରୁ ସ୍ୱାଧୀନତା ସମୟରେ ଭାରତରେ ଲୋକଙ୍କ ସାଧାରଣ ପରମାୟୁ କାଳ ଥିଲା ମାତ୍ର ୩୫ବର୍ଷ ବୟସ। ଉଭୟ ମାନବ ବିକାଶ ଏବଂ ମାନବ ସମ୍ବଳ ବିକାଶ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ଅପରିହାର୍ଯ୍ୟ। ଏହା ବିନା ଜାତୀୟ ବିକାଶ ସମ୍ଭବ ନୁହେଁ। ଏକଥାର ଗୁରୁତ୍ୱକୁ ଉପଲବ୍ଧି କରି ଭାରତର ସମ୍ବିଧାନର ଧାରା ୪୭ରେ ପୁଷ୍ଟିସାଧନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଧାରା ୪୭ ଅନୁସାରେ "ଦେଶ ଏହାର ଜନତାଙ୍କ ପୁଷ୍ଟିସାଧନର ସ୍ତର ବୃଦ୍ଧି ଦିଗରେ କାର୍ଯ୍ୟ କରିବା ସହ ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦେବ। ନାଗରିକଙ୍କ ସାଧାରଣ ସ୍ୱାସ୍ଥ୍ୟରେ ଉନ୍ନତି ରାଷ୍ଟ୍ରର ପ୍ରମୁଖ କର୍ତ୍ତବ୍ୟ ହେବ"। ଅତଏବ ସ୍ୱାଧୀନତାର ପ୍ରାକ୍ କାଳରୁ ପୁଷ୍ଟିସାଧନ ଓ ସ୍ୱାସ୍ଥ୍ୟ ସେବା ସରକାରୀ ଅଗ୍ରାଧିକାର ତାଲିକାରେ ରହିଛି ଏବଂ ଏଥିପାଇଁ ନାନାବିଧ ଉପାୟ, କୌଶଳ ଓ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି। ଏ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସରକାର ଆବଶ୍ୟକ ପାଣ୍ଠି ଯୋଗାଣର ବ୍ୟବସ୍ଥା କରିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଜାତୀୟ ସର୍ବେକ୍ଷଣ ମାଧ୍ୟମରେ ଏ ସଂକ୍ରାନ୍ତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଆବଶ୍ୟକ ଅନୁଧ୍ୟାନ ଏବଂ ତଦାରଖ ମଧ୍ୟ କରାଯାଇଛି।

ଗତ ୪୦ବର୍ଷ ମଧ୍ୟରେ ହୋଇଥିବା ସମସ୍ତ ପୁଷ୍ଟିସାଧନ ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତ ସର୍ଭେ ରିପୋର୍ଟର ତଥ୍ୟ କହୁଛି ଯେ ଦେଶରେ ପୁଷ୍ଟିହୀନତା, ବିଭିନ୍ନ ପୁଷ୍ଟିସାର ଜନିତ ଅଭାବ, ପୁଷ୍ଟିହୀନତା ଜନିତ ବ୍ୟାଧି ଏବଂ ଉତ୍କଟ ମୃତ୍ୟୁ ହାର ଓ ସଂକ୍ରମଣ ଜନିତ ସମସ୍ୟା ନିରନ୍ତର ଭାବେ ହ୍ରାସ ପାଉଥିଲେ ହେଁ ଏହାର ବେଗ ମନ୍ଥର ରହିଛି। ପୁଷ୍ଟିସାଧନ ଓ ସ୍ୱାସ୍ଥ୍ୟ




ମଧ୍ୟରେ ପ୍ରତ୍ୟେକ୍ଷ ସମ୍ପର୍କ ରହୁଥିବାରୁ ଏହି କ୍ଷେତ୍ରରେ ସରକାର ଯେଉଁସବୁ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହାର ଉତ୍ତମ ପ୍ରଭାବ ଉଭୟ ଜନସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଉପରେ ପଡୁଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ମାତ୍ରାଧିକ ପୁଷ୍ଟିସାଧନ ଜନିତ ରୋଗ ଓ ଅଣ ସଂକ୍ରାମକ ବ୍ୟାଧିର ପ୍ରସାର ଅବଶ୍ୟ କିଛି ମାତ୍ରାରେ ବଢ଼ିଛି; କିନ୍ତୁ ଏହା ସ୍ୱଳ୍ପ। ଏହାର ଅର୍ଥ ହେଲା ମାତ୍ରାଧିକ ପୁଷ୍ଟିସାଧନ ଜନିତ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଲୋକେ ଏଯାଏ ସମ୍ପୂର୍ଣ୍ଣ ଅବଗତ ହୋଇନାହାନ୍ତି। ଆବଶ୍ୟକତାଠାରୁ ଅଧିକ ଓଜନ ଏବଂ ପୃଥୁଳତା ବୃଦ୍ଧି ମାତ୍ରାଧିକ ପୁଷ୍ଟିସାଧନର ଲକ୍ଷଣ। ପ୍ରାରମ୍ଭିକ ଅବସ୍ଥାରେ ଏଥିପ୍ରତି ସତର୍କ ନ'ହେଲେ ପରବର୍ତ୍ତୀ ଅବସ୍ଥାରେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇପାରେ। ସେଥିପାଇଁ ପୃଥୁଳତା ଭୋଗୁଥିବା ଲୋକଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଓ ସେବା ଯୋଗାଣର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟ ସଚେତନା ସୃଷ୍ଟିର ଆବଶ୍ୟକତା ମଧ୍ୟ ଏ କ୍ଷେତ୍ରରେ ଅନୁଭୂତ ହୁଏ। ଏହାଛଡ଼ା ପୌଷ୍ଟିକତାର ସ୍ୱାଭାବିକସ୍ତର, ସ୍ଥିତି ଏବଂ ଖାଦ୍ୟ ଗ୍ରହଣର ରୀତିନୀତି ନେଇ ପରିଚାଳନା କାର୍ଯ୍ୟକ୍ରମ ହାତକୁ ନେବାକୁ ପଡ଼ିବ। ଏହି ଲେଖାରେ ପୁଷ୍ଟିସାଧନ ସମସ୍ୟାରେ ସ୍ୱାସ୍ଥ୍ୟସେବାର ଭୂମିକା ଏବଂ ଦ୍ୱୈତ ପୁଷ୍ଟିସାଧନ ବୋଝ ସମୟର ସମସ୍ୟାବଳୀ ସମ୍ପର୍କରେ ମୁଖ୍ୟତଃ ଆଲୋଚନା କରାଯାଇଛି।


**ପ୍ରାକ୍ ସ୍କୁଲ ପିଲା ଓ ପୁଷ୍ଟିହୀନତା:**

ସ୍କୁଲକୁ ଯିବା ପୂର୍ବରୁ ପିଲାଏ ସାଧାରଣତଃ ଅଧିକ ପୁଷ୍ଟିହୀନତା ବା କୁପୋଷଣର ସମ୍ମୁଖୀନ ହୋଇଥାନ୍ତି। ସେମାନେ ଏହି ବୟସରେ ଆବଶ୍ୟକ ପୋଷକ ତତ୍ତ୍ୱର ଅଭାବରୁ ନାନା ପ୍ରକାର ରୋଗ, ଅସୁସ୍ଥତା, ସଂକ୍ରମଣର ସମ୍ମୁଖୀନ ହୁଅନ୍ତି। ଏହି ବୟସର ପିଲାମାନେ ଯଦି ଗୁରୁତର ସଂକ୍ରମଣ ବା ବାରମ୍ବାର ସଂକ୍ରମଣର ସମ୍ମୁଖୀନ ହୁଅନ୍ତି ତାହା ସେମାନଙ୍କ ମୃତ୍ୟୁର କାରଣ ଅନେକ ସମୟରେ ହୋଇଥାଏ। ତେଣୁ ପ୍ରାକ୍ ସ୍କୁଲ ପିଲାମାନଙ୍କ ମଧ୍ୟରେ କୁପୋଷଣ ଜନିତ ସମସ୍ୟାର ଦୂରୀକରଣ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି। ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ (ଆଇସିଡିଏସ୍) ଏଥିପାଇଁ ସ୍ୱତନ୍ତ୍ର ଭାବେ କରାଯାଇଛି। ଏଥିରେ ଗରିବ ଓ ବଞ୍ଚିତବର୍ଗର ପିଲାମାନଙ୍କୁ ଅତିରିକ୍ତ ଖାଦ୍ୟ ଯୋଗାଇ ସେମାନଙ୍କ କୁପୋଷଣ ଜନିତ ଅଭାବରୁ ଦୂର କରିବାର ବ୍ୟବସ୍ଥା ହୋଇଛି। ଆଇସିଡିଏସ୍ କାର୍ଯ୍ୟକ୍ରମର ଆଉ ଏକ ବିଶେଷତ୍ୱ ହେଲା ଏହା ପ୍ରାକ୍ ସ୍କୁଲ ସ୍ତରର ପିଲାମାନଙ୍କ ଓଜନ ନିୟମିତ ବ୍ୟବଧାନରେ ମାପ କରିବା ସହ ଯେଉଁମାନେ କୁପୋଷଣ ଯୋଗୁଁ କମ୍ ଓଜନର ହୋଇଥାନ୍ତି ସେମାନଙ୍କ ସ୍ୱତନ୍ତ୍ର ଯତ୍ନ ନିଆଯାଏ। ୧୯୭୦ଦଶକରେ ଆରମ୍ଭ ହୋଇଥିବା ଆଇସିଡିଏସ୍ କାର୍ଯ୍ୟକ୍ରମ ଚଳିତ ଶତାବ୍ଦୀର ପ୍ରଥମ ଦଶକରେ ସାର୍ବଜନୀନ ହୋଇଛି। ସମୟକ୍ରମେ ଏହି ଯୋଜନାର କାର୍ଯ୍ୟକାରିତାରେ ଉନ୍ନତି ଘଟିଛି ଓ ଶିଶୁ କୁପୋଷଣ ରୋକିବାରେ ଏହା ଅନେକାଂଶରେ ସଫଳତା ହାସଲ କରିଛି। ଏହାର ବିଭିନ୍ନ ବିଭାଗ ମଧ୍ୟ ଲକ୍ଷ୍ୟଭିତ୍ତିରେ କାର୍ଯ୍ୟ କରୁଛି। ତେବେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍ଏଫ୍ଏଚ୍ଏସ୍)-୪ର ତଥ୍ୟ ଅନୁସାରେ ୨୦୧୫ ପର୍ଯ୍ୟନ୍ତ ମୋଟ୍ ବ୍ୟାପ୍ତି (କଭରେଜ୍) ଓ ଅଙ୍ଗ (କମ୍ପୋନେଣ୍ଟ) ଦୃଷ୍ଟିରୁ ଆଇସିଡିଏସ୍ର ସଫଳତା ଏବେ ମଧ୍ୟ ସନ୍ତୋଷଜନକ ହୋଇନାହିଁ। (ଚିତ୍ର-୧ ଦ୍ରଷ୍ଟବ୍ୟ) ତେବେ ଜାତୀୟ ନ୍ୟୁଟ୍ରିସନ ମନିଟରିଂ ବ୍ୟୁରୋ (ଏନ୍ଏନ୍ଏମ୍ବି) ଦ୍ୱାରା ସଂଗୃହିତ ଏହି ତଥ୍ୟରେ କୁହାଯାଇଛି ଯେ ସନ୍ତୋଷଜନକ ପରିବ୍ୟାପ୍ତି ନ ଥିବା ସତ୍ତ୍ୱେ ପ୍ରାକ୍ ସ୍କୁଲ ସ୍ତରରେ ଆଇସିଡିଏସ୍ କୁପୋଷଣ ହ୍ରାସ କରିବାରେ ଧୀର ମନ୍ଥର ଗତିରେ କାର୍ଯ୍ୟ କରୁଛି। (ଚିତ୍ର-୨ ଦ୍ରଷ୍ଟବ୍ୟ)। ଜାତୀୟ ପରିବାର କଲ୍ୟାଣ ସର୍ଭେ (ଏନ୍ଏଫ୍ଏଚ୍ଏସ୍) ତଥ୍ୟ ୨,୩ ଓ ୪ ରୁ


ଚିତ୍ର-୧





ଚିତ୍ର-୨



ଚିତ୍ର-୩





ଚିତ୍ର-୪




ଜଣାପଡୁଛି ଯେ ୧୯୯୦ ରୁ ୨୦୧୫ ମଧ୍ୟରେ ଏକାପ୍ରକାର ଧାରା (ଟ୍ରେଣ୍ଡ) ରହିଛି (ଚିତ୍ର-୩ ଦ୍ରଷ୍ଟବ୍ୟ)। ଏହି ସମୟ ମଧ୍ୟରେ ଶିଶୁମୃତ୍ୟୁ ହାରରେ ହ୍ରାସ ଧାରା ଅବ୍ୟାହତ ରହିଥିବାବେଳେ ପାଞ୍ଚବର୍ଷରୁ କମ୍ ବୟସର ପିଲାଙ୍କ ମୃତ୍ୟୁ ହାର (ଚିତ୍ର-୪) ମଧ୍ୟ କମିଥିଲା। ପାଞ୍ଚବର୍ଷରୁ କମ୍ ବୟସର ପିଲାଙ୍କ ମୃତ୍ୟୁରେ ସଂକ୍ରମଣର ଭୂମିକା ଅଧିକ ଥାଏ। ୧୯୭୦ରୁ ୨୦୧୫ ମଧ୍ୟରେ ଏହି ବର୍ଗର ପିଲାଙ୍କ ମୃତ୍ୟୁହାର କମିବା ଧାରାରୁ ବୁଝାପଡ଼େ ଯେ ଚିକିତ୍ସା ସେବା ପ୍ରଦାନ, ଟିକାକରଣ ଏବଂ ଠିକଣା ସମୟରେ ସଂକ୍ରମଣର ଚିକିତ୍ସା ଯୋଗୁଁ ଏହା ସମ୍ଭବ ହୋଇଛି। ପିଲାଏ ସଂକ୍ରମଣର ସମ୍ମୁଖୀନ ହେଲେ ସେମାନଙ୍କର ଶକ୍ତି ଓ ସାମର୍ଥ୍ୟ ହ୍ରାସ ପାଏ। ଏହି ସମୟରେ ସେମାନଙ୍କର ପୁଷ୍ଟିହୀନତା ବଢ଼ିଥାଏ। ତେଣୁ ସେମାନେ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ଅଧିକ ଥାଏ। ଅତଏବ ଉନ୍ନତ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ଦ୍ୱାରା ଶିଶୁ ମୃତ୍ୟୁ ହାରକୁ ରୋକି ହେବ। ଏହା ସହିତ ପିଲାଙ୍କ କୁପୋଷଣ ଦୂର କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ। ଏହା ଗତ ଚାଳିଶ ବର୍ଷର ଅନୁଭବଲବ୍ଧ ଶିକ୍ଷା।

**ଶୈଶବରେ ସର୍ବାଧିକ ପୁଷ୍ଟିସାଧନ ବ୍ୟବସ୍ଥା:** ପିଲାଙ୍କୁ ଶୈଶବାବସ୍ଥାରେ ଉପଯୁକ୍ତ ପୋଷକ ତତ୍ତ୍ୱ ଓ ସୁପୋଷଣ ମିଳିଲେ ସେମାନଙ୍କର ଭବିଷ୍ୟତ ସୁରକ୍ଷିତ ହୋଇଥାଏ। ସେମାନେ ପୂର୍ଣ୍ଣବୟସ୍କ ହେଲେ ଉପଯୁକ୍ତ ପୋଷଣ ଯୋଗୁଁ ଅଣ ସଂକ୍ରମିତ ବ୍ୟାଧି (ଏନ୍‌ସିଡି)ରେ ବିଶେଷ ଆକ୍ରାନ୍ତ ହୁଅନ୍ତି ନାହିଁ। ଭାରତୀୟ ଶିଶୁମାନେ ସାଧାରଣତଃ ଜନ୍ମ ସମୟରେ ଅଳ୍ପ ଓଜନର ଓ କ୍ଷୁଦ୍ରାକାୟ ହୋଇଥାନ୍ତି। ଜନ୍ମ ସମୟର ଓଜନ ଶିଶୁଙ୍କ ବିକାଶ ଓ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। କମ୍ ଓଜନ ବିଶିଷ୍ଟ ଶିଶୁ ବାଲ୍ୟାବସ୍ଥା, କୈଶୋର ଓ ଯୁବାବସ୍ଥାରେ ଧୀରେ ଧୀରେ ଶାରୀରିକ ଦୃଷ୍ଟିରୁ ବିକଶିତ ହୋଇଥାନ୍ତି। ତେଣୁ ଭାରତର ପ୍ରାୟ ଅଧେ ଶିଶୁ ଓଜନ ଓ ଶାରୀରିକ ଅଭିବୃଦ୍ଧି ଦୃଷ୍ଟିରୁ ସ୍ୱଳ୍ପ ଓଜନ ଓ ଅବିକଶିତ ଶ୍ରେଣୀଭୁକ୍ତ ହୋଇଥାନ୍ତି। ଉଚ୍ଚତା, ଓଜନ ଏବଂ ଉଚ୍ଚତା ଅନୁପାତରେ ଓଜନ (ବିଏମ୍‌ଆଇ) ଏହି ତିନିଟି ମାନକକୁ ହିସାବକୁ ନିଆଯାଇ ପୁଷ୍ଟିସାଧନର ସ୍ଥିତିକୁ ଆକଳନ କରାଯାଏ। ବିଏମ୍‌ଆଇକୁ ପୂର୍ଣ୍ଣବୟସ୍କ ଲୋକଙ୍କ ଶକ୍ତିର ମାପକ ଭାବେ ଗ୍ରହଣ କରାଯାଇଥାଏ ଏବଂ ଏଥିରୁ ଲୋକଙ୍କ ପୌଷ୍ଟିକ ସ୍ଥିତି ଆକଳନ ହୁଏ। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବୟସ ଭିତ୍ତିରେ ବିଏମ୍‌ଆଇ ମାନ ନିର୍ଦ୍ଧାରଣ କରିଛନ୍ତି ଏବଂ ଏହା ୨୦୦୬ରୁ ମାପକ ଭାବେ ବ୍ୟବହୃତ ହେଉଛି।

ଚିତ୍ର-୫





୨୦୦୬ରେ ୦-୫ ବର୍ଷ ବୟସ ଏବଂ ୨୦୦୭ରେ ୫ରୁ ୧୮ ବର୍ଷ ବୟସ ବର୍ଗଙ୍କ ପାଇଁ ଏହି ବିଏମ୍ଆଇ ମାନ ନିର୍ଦ୍ଧାରଣ ହୋଇଛି । ଏହି ମାନ ହିସାବରେ ଦେଖିଲେ ଭାରତରେ ପାଞ୍ଚବର୍ଷରୁ କମ୍ ବୟସର ୧୮.୪ ଶତାଂଶ ପିଲା କୁପୋଷଣ ଓ ୨.୬ ଶତାଂଶ ପିଲା ମାତ୍ରାଧିକ ପୋଷଣର ସମ୍ମୁଖୀନ (ଚିତ୍ର-୫) । ଭାରତୀୟ ଗବେଷଣା ଅନୁଧ୍ୟାନରୁ ମିଳିଥିବା ତଥ୍ୟାନୁସାରେ ପାଞ୍ଚବର୍ଷରୁ କମ୍ ବୟସର ଯେଉଁ ଭାରତୀୟ ପିଲାମାନେ ଅନାବଶ୍ୟକ ଭାବେ ମୋଟା ଓ ଓଜନିଆ ହୋଇଥାନ୍ତି କିମ୍ବା କୈଶୋରରେ ମୋଟାଶୋଟା ଓ ଅଧିକ ଓଜନର ହୁଅନ୍ତି ସେମାନେ ପୂର୍ଣ୍ଣବୟସ୍କ ହେବା ପରେ ପୃଥୁଳ ହେବା ସହ ଉଚ୍ଚରକ୍ତ ଚାପ ଏବଂ ଡାଇବେଟିସ୍ ଭଳି ରୋଗରେ ଅଧିକ ପଡ଼ିବାର ଆଶଙ୍କା ଥାଏ । ଏବେ ଭାରତରେ ବୟସ ଓ ଉଚ୍ଚତା ଅନୁପାତରେ ଶରୀରର ଓଜନ କେତେ ରହିବା କଥା ସେ ନେଇ ବିଶେଷ ସଚେତନତା ସୃଷ୍ଟି ହୋଇପାରିନାହିଁ । ଉପଯୁକ୍ତ ପୁଷ୍ଟିସାଧନ ଶିକ୍ଷା ଦ୍ୱାରା ଏହି ସଚେତନତା ସୃଷ୍ଟି କରାଯାଇପାରିବ । କେଉଁ ବୟସରେ ମଣିଷର ଶରୀରର ଓଜନ ଓ ବିଏମ୍ଆଇ କେତେ ରହିବା କଥା ତାହାର ଏକ ବିବରଣୀ ୬ ଓ ୭ ନମ୍ବର ଚିତ୍ରରେ ଦିଆଯାଇଛି ।

**ଅନ୍ଧତ୍ୱ ଓ ଭିଟାମିନ୍‌ର ଅଭାବ:**


୧୯୬୦ ଦଶକରେ ଦାରିଦ୍ର୍ୟ, ଖାଦ୍ୟ ନିରାପତ୍ତାର ଅଭାବ, କ୍ଷୁଧା ଓ ବ୍ୟାଧି ଭାରତର ଗରିବ ଓ ବଞ୍ଚିତ ବର୍ଗରେ ମାତ୍ରାଧିକ ଭାବେ ଅନୁଭୂତ ହେଉଥିଲା । ଏହି ସମୟରେ ଲୋକେ ପ୍ରାଣ ବଞ୍ଚାଇବାକୁ ଯାହା ତାହା ଖାଉଥିଲେ ସିନା ସେଥିରେ ପୋଷକ ତତ୍ତ୍ୱର ଯଥେଷ୍ଟ ଅଭାବ ରହୁଥିଲା । ଏହା ଫଳରେ ଶିଶୁ ଓ କିଶୋରମାନେ ଅଧିକ କୁପୋଷଣର ସମ୍ମୁଖୀନ ହେଉଥିଲେ । ଖାଦ୍ୟରେ ସବୁଜ ଓ ହରିତ୍ ପନିପରିବା ତଥା ଫଳମୂଳର ଅଭାବ ଯୋଗୁଁ ଲୋକେ ଭିଟାମିନ୍-ଏ ଅଭାବରେ ବେଶୀ ମାତ୍ରାରେ ଆକ୍ରାନ୍ତ ହେଉଥିଲେ । ସେହିଭଳି ସଂକୀର୍ଣ୍ଣ ଘରେ ଅଧିକ ସଂଖ୍ୟକ ଲୋକ ଏକତ୍ର ବସବାସ କରିବା ଫଳରେ ଛୋଟ ପିଲାଙ୍କ ମଧ୍ୟରେ ଶ୍ୱାସନଳୀ ସଂକ୍ରମଣ ଓ ମିଳିମିଳା ଭଳି ରୋଗ ଅଧିକ ଦେଖାଯାଉଥିଲା । ସଂକ୍ରମଣ ଚିକିତ୍ସା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଣ ବ୍ୟବସ୍ଥା ସହରାଞ୍ଚଳରେ ଅତ୍ୟନ୍ତ ଖରାପ ସ୍ଥିତିରେ ଥିବାବେଳେ ଗ୍ରାମାଞ୍ଚଳରେ ଏହା ଆଦୌ ନ ଥିଲା ।

ଚିକିତ୍ସା ବିନା ସଂକ୍ରମଣ ଗୁରୁତର ଆକାର ଧାରଣ କରୁଥିଲା ଏବଂ ମିଳିମିଳା ଭଳି ବ୍ୟାଧି ଯୋଗୁଁ ପିଲାଏ ବେଶୀ ଦୁର୍ବଳ ହେବା ସହ ସେମାନଙ୍କର କୁପୋଷଣ ସମସ୍ୟା ଅଧିକ ଖରାପ ହେଉଥିଲା । ଏଭଳି ସ୍ଥିତିରେ ଅନେକ ପିଲା 'କେରାଟୋମାଲାସିଆ'ରେ ଆକ୍ରାନ୍ତ ହୋଇ ପ୍ରାଣ ମଧ୍ୟ ହରାଉଥିଲେ । ଯେଉଁମାନେ ବଞ୍ଚିଯାଉଥିଲେ ସେମାନେ କୁପୋଷଣ ଜନିତ ଅନ୍ଧତ୍ୱରେ ଆକ୍ରାନ୍ତ ହେଉଥିଲେ । ଭିଟାମିନ୍-ଏର ଅଭାବ କୁପୋଷଣ ଜନିତ ଅନ୍ଧତ୍ୱର ମୁଖ୍ୟ କାରଣ । ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଏକରୁ ତିନିବର୍ଷ ବୟସର ପିଲାଙ୍କୁ ପ୍ରତି ଛ'ମାସରେ ଥରେ ଯଦି ଭିଟାମିନ୍-ଏର ଏକ ବଡ଼ ଡୋଜ୍ (୨୦୦୦୦୦ ୟୁନିଟ୍) ଦିଆଯାଏ ତେବେ ଜେରୋପଥାଲାମିଆ ଭଳି ଚକ୍ଷୁରୋଗର ୮୦ ଶତାଂଶ ମୁକାବିଲା କରାଯାଇପାରିବ ।





ଚିତ୍ର-୬




ଚିତ୍ର-୭

୧୯୭୦ରେ ଏହି ଭିଟାମିନର ବୃହତ୍ ଡୋଜ୍ (ଏମ୍‌ଡିଭାସ୍) ଏକରୁ ପାଞ୍ଚବର୍ଷ ବୟସର ପିଲାଙ୍କୁ ପ୍ରତି ଛ'ମାସରେ ଥରେ ପ୍ରଦାନ କରାଯିବା ବ୍ୟବସ୍ଥା ଆରମ୍ଭ ହେଲା। ମାତ୍ର ଏହି କାର୍ଯ୍ୟକ୍ରମର ପରିସର ଅତ୍ୟନ୍ତ ସୀମିତ ଥିଲା। ଏଥିରେ ମାତ୍ର ୧୦ ଶତାଂଶ ପିଲା ଉପକୃତ ହେଲେ। ତେବେ ୮୦ଦଶକରେ ଦେଶରେ ଭିଟାମିନ୍-ଏ ଜନିତ କେରାଟେମାଲାସିଆ ବ୍ୟାଧିରେ ଉଲ୍ଲେଖନୀୟ ହ୍ରାସ ଘଟିଥିଲା। ଏହାର ଦଶବର୍ଷ ପରେ ଦେଶର କୌଣସି ପ୍ରମୁଖ ହସ୍ପିଟାଲରେ ଭିଟାମିନ୍-ଏ ଅଭାବ ଜନିତ ବ୍ୟାଧିଗ୍ରସ୍ତ ଚିକିତ୍ସିତ ହୋଇ ନ ଥିଲେ। ତେବେ ବିଭିନ୍ନ ତଥ୍ୟାବଳୀରୁ ଜଣାପଡ଼ିଛି ଯେ ଏମ୍‌ଡିଭାସ୍‌ର ପରିସର ଅତି ସ୍ୱଳ୍ପ ରହିଛି। ଦେଶର ଗ୍ରାମ ଓ ସହରାଞ୍ଚଳରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ପ୍ରସାର ଫଳରେ ଟିକାକରଣ, ଔଷଧ ବିତରଣ, ପ୍ରତିଶେଧକ ବ୍ୟବସ୍ଥା ଓ ସଂକ୍ରମଣର ଚିକିତ୍ସାରେ ଉନ୍ନତି ଘଟିଛି। ତେଣୁ କୁପୋଷଣ ଜନିତ ସମସ୍ୟାରେ ଉନ୍ନତି ମୋଟାମୋଟି ଘଟିଛି। ତେଣୁ ଏହା ସ୍ପଷ୍ଟ ହେଉଛି ଯେ ଭିଟାମିନ୍-ଏ ଅଭାବ ଜନିତ ବ୍ୟାଧିର ନିରାକରଣ ପଛରେ ସ୍ୱାସ୍ଥ୍ୟ ସେବାର ପ୍ରସାର ତଥା ପୋଷଣ କାର୍ଯ୍ୟକ୍ରମର ପ୍ରଭାବ ରହିଛି।

**ଆୟୋଡିନ୍‌ଯୁକ୍ତ ଲୁଣର ବ୍ୟବହାର ଓ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ:**

ଆୟୋଡିନ୍ ଅଭାବ ଜନିତ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ୧୯୨୦ ଦଶକରୁ ଭାରତରେ ଚିହ୍ନଟ ହୋଇଛି। ଏହା ଖାଦ୍ୟରେ ସାଧାରଣ ପୋଷକତତ୍ତ୍ୱ ଜନିତ ଅଭାବ ଭଳି ସମସ୍ୟା ନୁହେଁ। ଦେଶର କେତେକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳରେ ପାଣି, ମାଟି ଓ ଖାଦ୍ୟ ପଦାର୍ଥରେ ଆୟୋଡିନର ଅଭାବ ଥାଏ। ପ୍ରାକୃତିକ ଭାବେ ମିଳୁଥିବା ଏହି ଆୟୋଡିନର ଅଭାବ ଯୋଗୁଁ ଗଳଗଣ୍ଡ ଓ ଥାଏରଡ୍ ସମସ୍ୟା ଦେଖାଦିଏ। ଆୟୋଡିନ ଅଭାବରୁ ଗର୍ଭବତୀ ମହିଳାଙ୍କର ଗର୍ଭପାତ ଘଟେ। ଥାଏରଡ୍ ଆକ୍ରାନ୍ତ ମହିଳାଙ୍କଠାରୁ ଜନ୍ମିତ ଶିଶୁ ମାନସିକ ଓ ଶାରୀରିକ ଅନଗ୍ରସର ହୋଇଥାନ୍ତି। ଆୟୋଡିନ୍ ଅଭାବ ଜନିତ ସମସ୍ୟା ସବୁ ସାମାଜିକ ଆର୍ଥିକ ବର୍ଗ ମଧ୍ୟରେ ଦେଖାଯାଏ। ଏହାର ନିରାକରଣର ସରଳ ଉପାୟ ହେଲା ଆୟୋଡିନ୍ ମିଶ୍ରିତ ଲୁଣର ସାର୍ବଜନୀନ ବ୍ୟବହାର। ଏହାଦ୍ୱାରା ଥାଏରଏଡ୍ ଓ ଗଳଗଣ୍ଡ ଭଳି ବ୍ୟାଧିର ସହଜ ମୁକାବିଲା ସମ୍ଭବ। ପ୍ରଥମେ ବିଚାରକରାଯାଉଥିଲା ଯେ ଆୟୋଡିନ୍ ଅଭାବ କେବଳ ଭାରତର ହିମାଳୟ ସନ୍ନିକଟ ଅଞ୍ଚଳର ଏକ ସମସ୍ୟା। ତେଣୁ ୧୯୬୨ରେ ଗଳଗଣ୍ଡ ପ୍ରବଣ ଅଞ୍ଚଳରେ ପ୍ରଥମ କରି ଆୟୋଡିନ୍ ମିଶ୍ରିତ ଲୁଣ ଯୋଗାଣ ଆରମ୍ଭ ହେଲା। ଏହାର ଦୁଇ ଦଶନ୍ଧି ପରେ ସେହି ଅଞ୍ଚଳରେ ହୋଇଥିବା ସ୍ୱାସ୍ଥ୍ୟ ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଆୟୋଡିନ୍ ମିଶ୍ରିତ ଲୁଣ ସେବନ ପରେ ୬ ରୁ ୧୨ ବର୍ଷ ବୟସର ପିଲାଙ୍କ ଗଳଗଣ୍ଡ ସମସ୍ୟା କମିଛି ଏବଂ ମାନସିକ ଓ ଶାରୀରିକ ଅନଗ୍ରସର ଶିଶୁଙ୍କ ଜନ୍ମ ହାର ମଧ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ମହିଳାଙ୍କ ଗର୍ଭପାତ ହାର ମଧ୍ୟ କମିଛି। ଅଶୀ ଦଶକରେ କରାଯାଇଥିବା ସର୍ଭେ ଅନୁସାରେ ଭାରତର ସବୁ ରାଜ୍ୟର ନିର୍ଦ୍ଦିଷ୍ଟ କିଛି କିଛି ଅଞ୍ଚଳରେ ଆୟୋଡିନ୍ ଅଭାବ ଜନିତ ସମସ୍ୟା ରହିଛି ଯାହା ପ୍ରାକୃତିକ। ଏହାକୁ ବିଚାରକୁ ନେଇ ଜାତୀୟ ଆୟୋଡିନ୍ ଅଭାବ ଜନିତ ବ୍ୟାଧି ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଆଇଡିଡିସିପି) ୧୯୯୨ରେ କାର୍ଯ୍ୟକାରୀ ହେଲା। ଏହାର ପ୍ରଥମ ଲକ୍ଷ୍ୟ ରହିଲା ମଣିଷ ଖାଉଥିବା ସବୁ ଲୁଣରେ ଆୟୋଡିନ ମିଶ୍ରଣକୁ ବାଧ୍ୟତାମୂଳକ କରିବା ଏବଂ ସମସ୍ତଙ୍କୁ ଆୟୋଡିନ୍ ମିଶ୍ରିତ ଲୁଣ ଯୋଗାଇଦେବା। କିନ୍ତୁ ଏହି କାର୍ଯ୍ୟକ୍ରମର ୧୫ବର୍ଷ ପରେ ସବୁ ଘରକୁ ଆବଶ୍ୟକ ପରିମାଣର ଆୟୋଡିନ୍ ମିଶ୍ରିତ ଲୁଣ ଯୋଗାଣର ସୁବିଧା ମିଳିବା ସମ୍ଭବ ହୋଇ ନ ଥିଲା। ଦେଶର ମାତ୍ର ୫୦ ଶତାଂଶ ପରିବାର

ଚିତ୍ର-୮




**High BMI (Fat) Increase physical activity**

ଏହି ସୁଯୋଗ ପାଇଥିଲେ। ଏହାର ଅବଶ୍ୟ କେତେକ କାରଣ ଥିଲା। ଦେଶର ଉପକୂଳବର୍ତ୍ତୀ ରାଜ୍ୟରେ ଆୟୋଡିନ୍ ଅଭାବ ଜନିତ ସମସ୍ୟା ଅପେକ୍ଷାକୃତ କମ୍। ସେସବୁ ରାଜ୍ୟର ଲୋକେ ଆୟୋଡିନ୍ ମିଶ୍ରିତ ଲୁଣର ଉପକାରିତା ସମ୍ପର୍କରେ ବିଶେଷ ସଚେତନ ନୁହଁନ୍ତି। ତେଣୁ ସେମାନେ ସ୍ଥାନୀୟ ଭାବେ ମିଳୁଥିବା ଶସ୍ତା ଆୟୋଡିନ୍‌ମୁକ୍ତ ଲୁଣ ବ୍ୟବହାର କରିଥାନ୍ତି। ୨୦୦୭ରେ ସରକାର ମଣିଷ ଖାଉଥିବା ସବୁ ପ୍ରକାର ଲୁଣରେ ଆୟୋଡିନ୍ ମିଶାଇବାକୁ ବାଧ୍ୟତାମୂଳକ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ। ଆୟୋଡିନ୍ ମିଶ୍ରିତ ଲୁଣ ବ୍ୟବହାରର ଉପକାରିତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ସରକାର ସଚେତନତା ଆରମ୍ଭ କଲେ ଏବଂ ଏବେ ମଧ୍ୟ ତାହା ଚାଲିଛି। ଏହି ପ୍ରୟାସ ବିଶେଷ ଫଳବତୀ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ସର୍ଭେ-୪ର ତଥ୍ୟ ଅନୁସାରେ ୨୦୫ରେ ଦେଶର ୯୦ ଭାଗରୁ ଅଧିକ ପରିବାର ଆୟୋଡିନ୍ ମିଶ୍ରିତ ଲୁଣ କିଣି ବ୍ୟବହାର କରିବାର ସୁଯୋଗ ପାଉଛନ୍ତି। ଏହାର ପ୍ରତ୍ୟକ୍ଷ ଉତ୍ତମ ପ୍ରଭାବ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଉପରେ ପଡୁଛି।


**ଦ୍ୱୈତ ପୁଷ୍ଟିସାଧନ ଏବଂ ପୂର୍ଣ୍ଣ ବୟସ୍କଙ୍କ ଉପରେ ବୋଝ:**

ଗତ ତିନି ଦଶନ୍ଧି ମଧ୍ୟରେ ପରିବହନ, ବିଭିନ୍ନ ବୃତ୍ତି ଓ ଘରୋଇ କାର୍ଯ୍ୟରେ ଯନ୍ତ୍ରର ପ୍ରଭାବ ବଢ଼ିଛି। ମଣିଷ ଯେଉଁ କାମ କରୁଥିଲା ତାହାକୁ ଏବେ ଯନ୍ତ୍ର କରିଦେଉଛି। ଏହି ଯନ୍ତ୍ରାୟନ ପ୍ରକ୍ରିୟାରେ ମଣିଷର ଶାରୀରିକ କାର୍ଯ୍ୟକଳାପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ଫଳରେ ଭାରତୀୟମାନେ ଏବେ ଗତିହୀନ, ପରିଶ୍ରମକାତର ଓ ଅଳସୁଆ ହୋଇପଡ଼ିଛନ୍ତି। ଶାରୀରିକ ଶ୍ରମ କରୁ ନ ଥିବା ଭାରତୀୟମାନଙ୍କର ଖାଦ୍ୟଗ୍ରହଣ ପରିମାଣ କେତେକାଂଶରେ କମିଛି ସତ; ମାତ୍ର ଏହା ଯେଉଁ ପରିମାଣରେ କମିବା କଥା ତାହା କମିନାହିଁ। ଫଳରେ ଅନେକ ଲୋକଙ୍କର ଅଧିକ ପୋଷକ ଗ୍ରହଣ ବା ପୁଷ୍ଟିସାଧନ ପ୍ରକ୍ରିୟା (ଓଭର ନ୍ୟୁଟ୍ରେସନ) ବଢ଼ିବାରେ ଲାଗିଛି। ଗତ ଚାରି ଦଶନ୍ଧି ଧରି ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଏହି ଓଭର ନ୍ୟୁଟ୍ରେସନ ପ୍ରକ୍ରିୟା ବଢ଼ିଚାଲିଛି ବୋଲି ଏନ୍‌ଏନ୍‌ଏମ୍‌ବି ସର୍ଭେ ତଥ୍ୟରୁ ଜଣାପଡ଼େ। ୧୯୯୦ ଦଶକର ମଧ୍ୟଭାଗରୁ ୨୦୧୨ ପର୍ଯ୍ୟନ୍ତ ଏହି ଓଭର ନ୍ୟୁଟ୍ରେସନ ପ୍ରକ୍ରିୟା ପ୍ରଖର ଥିଲା। (ଚିତ୍ର ୯ ଓ ୧୦)। ସେହିଭଳି ପୁରୁଷଙ୍କ ତୁଳନାରେ ମହିଳାଙ୍କ ଓଭର ନ୍ୟୁଟ୍ରେସନ ହାର ଅଧିକ। ଏନ୍‌ଏଫ୍‌ଏଚ୍‌ଏସ୍-୪ ତଥ୍ୟ ଅନୁସାରେ ବୟସବୃଦ୍ଧି ସହିତ ଓଭର ନ୍ୟୁଟ୍ରେସନ ହାର ବଢ଼ିଥାଏ। (ଚିତ୍ର-୧୧) ମହିଳାମାନେ ସାଧାରଣତଃ ନିଜର ଓଜନବୃଦ୍ଧିକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଓଜନ ବୃଦ୍ଧି ଜନିତ ଅଣ ସଂକ୍ରାମକ ବ୍ୟାଧିରୁ ରକ୍ଷା ପାଇବା ପାଇଁ ସେମାନେ ଖାଦ୍ୟପେୟ କିମ୍ବା ସ୍ୱାସ୍ଥ୍ୟଗତ ପରାମର୍ଶ ପ୍ରାୟତଃ ଗ୍ରହଣ କରନ୍ତି ନାହିଁ। ତେଣୁ ସେମାନେ ଅଧିକ ସ୍ୱାସ୍ଥ୍ୟଗତ ଜଟିଳତାର ସମ୍ମୁଖୀନ ହୁଅନ୍ତି। ଓଜନ ବୃଦ୍ଧି ଓ ପୃଥୁଳତା ସହିତ


ଚିତ୍ର-୯



ଚିତ୍ର-୧୦




ଚିତ୍ର-୧୧





ଯୋଡ଼ି ହୋଇଥିବା ସ୍ୱାସ୍ଥ୍ୟଗତ ବିପଦକୁ ହ୍ରାସ କରିବା ପାଇଁ ଉଭୟ ପୁରୁଷ ଓ ମହିଳାଙ୍କୁ ନିୟମିତ ବ୍ୟବଧାନରେ ପରୀକ୍ଷା ନିରୀକ୍ଷା କରିବା ଆବଶ୍ୟକ। ଓଭର ନ୍ୟୁଟ୍ରେସନ ଜନିତ ସମସ୍ୟାରୁ ମୁକୁଳିବା ପାଇଁ ଉପଯୁକ୍ତ ପରାମର୍ଶ, ଖାଦ୍ୟ ଗ୍ରହଣ ବ୍ୟବସ୍ଥା ଓ ସଚେତନତା ଆଦି ସୃଷ୍ଟି କରିବାକୁ ପଡ଼ିବ।

ଅଣ୍ଡର ଓ ଓଭର ନ୍ୟୁଟ୍ରେସନ (ପୋଷକ ଅଭାବ ଓ ମାତ୍ରାଧିକ ପୋଷକ) ସଂକ୍ରାନ୍ତ ତଥ୍ୟାବଳୀର ସମୟ ଓ ଧାରାକୁ ଦେଖିଲେ କେତେକ ଭାବିବେ ଯେ ବିଏମ୍ଆଇ ପରିବର୍ତ୍ତନରେ ମହିଳାଙ୍କ ଅନୁପାତ ସ୍ୱଳ୍ପ। ମାତ୍ର ଏକଥା ସତ ଯେ ଏହି ସମୟ ମଧ୍ୟରେ ଅନେକ ମହିଳାଙ୍କ ବିଏମ୍ଆଇ ବଢ଼ିଛି। ଫଳରେ ଯେଉଁ ମହିଳାଙ୍କ ବିଏମ୍ଆଇ ଅଣ୍ଡର ନ୍ୟୁଟ୍ରେସନ ସୀମା ତଳେ ଥିଲା ସେମାନଙ୍କ ଅନୁପାତ କମିଛି; କିନ୍ତୁ ବିଡ଼ମ୍ବନା ହେଲା ଯେଉଁ ମହିଳାଙ୍କ ବିଏମ୍ଆଇ ଓଭର ନ୍ୟୁଟ୍ରେସନର ସର୍ବନିମ୍ନ ରେଖା ଉପରେ ଥିଲା ସେମାନଙ୍କ ସଂଖ୍ୟା ବଢ଼ିଛି। (ଚିତ୍ର୧୨) ଅପ୍ଟିମାଲ୍ ନ୍ୟୁଟ୍ରେସନ୍ ପାଇଁ ଯେଉଁମାନଙ୍କର ବିଏମ୍ଆଇ ୧୮.୫ରୁ କମ୍ ସେମାନଙ୍କର ଓଜନ ବୃଦ୍ଧିର ଆବଶ୍ୟକତା ରହିଛି। ଏହାଦ୍ୱାରା ସେମାନେ ସୁସ୍ଥ ସବଳ ରହିପାରିବେ। କିନ୍ତୁ ସ୍ୱାଭାବିକ ଭାବେ ସୁସ୍ଥ ସବଳ ବ୍ୟକ୍ତି ଅନାବଶ୍ୟକ ଭାବେ ଅତିରିକ୍ତ ପୋଷକ ତତ୍ତ୍ୱ ଗ୍ରହଣ କରି ଓଜନ ବଢ଼ାଇବା ଅନାବଶ୍ୟକ। ମଧ୍ୟମ ଧରଣର ବ୍ୟାୟାମ ବା ଶାରୀରିକ କାର୍ଯ୍ୟ ଅପ୍ଟିମାଲ ନ୍ୟୁଟ୍ରେସନ ଓ ସ୍ୱାସ୍ଥ୍ୟ ପାଇଁ ଦରକାର। ଦୈନିକ ଅତିକମ୍‌ରେ ୩୦ମିନିଟ୍ ଚାଲିବା ବା କିଛି ଶାରୀରିକ ଶ୍ରମ କରିବା ଭଳି ସଚେତନା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଏହାକୁ ପାଳନ କଲେ ଲୋକେ ସୁସ୍ଥ ସବଳ ରହିପାରିବେ।

ସାରାଂଶ ଓ ଉପସଂହାହର :

ପୁଷ୍ଟିହୀନତା, ସଂକ୍ରମଣ, ମା ଓ ଶିଶୁ ସ୍ୱାସ୍ଥ୍ୟ ଆଦି କ୍ଷେତ୍ରର ସମସ୍ୟାଗୁଡ଼ିକୁ ଯଥାଶୀଘ୍ର ସମ୍ଭବ ଠାବ କରି ଉପଯୁକ୍ତ ଚିକିତ୍ସା ଓ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ନୀତି ଉପରେ ଭାରତର ସ୍ୱାସ୍ଥ୍ୟ ସେବା ଢାଞ୍ଚା ତିଆରି ହୋଇଛି। ଏସବୁ ସ୍ୱାସ୍ଥ୍ୟ ସମସ୍ୟା ମୁଖ୍ୟତଃ ଲାକ୍ଷଣିକ ଏବଂ ଉତ୍କଟ। ଅସୁସ୍ଥ ଲୋକ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ଆବଶ୍ୟକ କରେ। ପୁଷ୍ଟିହୀନତା ଓ ସଂକ୍ରମଣକୁ ଦୂର କରିବା କଷ୍ଟସାଧ୍ୟ ନୁହେଁ। ଏହାକୁ ଅଳ୍ପ ସମୟ ମଧ୍ୟରେ ଦୂର କରିହେବ। ଦେଶରେ ସମୟକ୍ରମେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉନ୍ନତି ଘଟିଚି। ଏହା ଫଳରେ ପୁଷ୍ଟିହୀନତା ଜନିତ ସମସ୍ୟା ଅନେକାଂଶରେ ଦୂର ହୋଇଛି। ବ୍ୟାଧିର ପ୍ରକୋପ ହ୍ରାସ ପାଇଛି ଏବଂ ଲୋକଙ୍କ ମୃତ୍ୟୁ ହାର ମଧ୍ୟ କମିଛି।

ଗତ ଦୁଇ ଦଶନ୍ଧିରେ ଓଭର ନ୍ୟୁଟ୍ରେସନ (ପୁଷ୍ଟି ବହୁଳତା) ଓ ତତ୍‌ଜନୀତ ଅଣ ସଂକ୍ରାମକ ରୋଗ ଏକ ବଡ଼ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାଭାବେ ଉଭା ହୋଇଛି। ଓଭର ନ୍ୟୁଟ୍ରେସନ ସମସ୍ୟା ଲୋକଙ୍କ ଦୈନନ୍ଦିନ ଜୀବନରେ ହସ୍ତକ୍ଷେପ କରୁ ନ ଥିବାରୁ ଅଧିକାଂଶ ଭାରତୀୟ ଏ ନେଇ ଚିନ୍ତିତ ନୁହଁନ୍ତି। ଉତ୍ତମ ଭୋଜନ ଜନିତ ପୃଥୁଳତା ଓ ଓଜନ ବୃଦ୍ଧି ଯେ କାଳକ୍ରମେ ଡାଏବେଟିସ୍, ରକ୍ତଚାପ ଭଳି ଅଣ ସଂକ୍ରାମକ ରୋଗ ସୃଷ୍ଟିର କାରଣ ଏକଥା କେହି ଅନୁଭବ କରନ୍ତି ନାହିଁ। ପରିସ୍ଥିତି ଅଣାୟତ୍ତ ହେବା




ପରେ ଲୋକେ ଏ ବିଷୟରେ ସଚେତନ ହୁଅନ୍ତି ଓ ଚିକିତ୍ସା କରନ୍ତି । ସେତେବେଳକୁ ବହୁତ ଡେରି ହୋଇଯାଇଥାଏ । ଏଭଳି ବ୍ୟାଧିର ନିରାକରଣ ପାଇଁ ଜୀବନ ଚର୍ଯ୍ୟାରେ ପରିବର୍ତ୍ତନ ଲୋଡ଼ା । ଏଥିପାଇଁ ମଧ୍ୟ ସାରା ଜୀବନ ଔଷଧ ଖାଇବାକୁ ପଡ଼ିଥାଏ । ଆଗାମୀ ଦିନରେ ଦ୍ୱୈତ ପୁଷ୍ଟିସାଧନ ଓ ବ୍ୟାଧି ବୋଝର ସଫଳ ପରିଚାଳନା ପାଇଁ ଭାରତ ଓ ଭାରତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପୁନଃବିନ୍ୟସ୍ତ କରିବାକୁ ପଡ଼ିବ । ଆଜିର ସମୟରେ ପୁଷ୍ଟିସାଧନର ସ୍ଥିତି ଆକଳନ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଏଥିପାଇଁ ଉଦ୍ୟମ ହେବା ସହିତ ସ୍ୱାସ୍ଥ୍ୟ ସେବାକୁ ତଦନୁସାରୀ କରାଯିବାର ଆବଶ୍ୟକତା ରହିଛି । ମହିଳା, ଶିଶୁ, କିଶୋର, ଗର୍ଭବତୀ, ପ୍ରସୂତି ଓ ବୟସ୍କ ନାଗରିକ ଏମାନେ ମୁଖ୍ୟତଃ ପୁଷ୍ଟିଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ତେଣୁ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଏମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ଏବଂ ପୋଷକ ଜନକ ସ୍ଥିତିର ମାପ ନିଆଯିବାର ଆବଶ୍ୟକତା ରହିଛି । ଆଗୁଆ ସେମାନଙ୍କର ସ୍ଥିତି ଅନୁଧ୍ୟାନ କରି ଚିକିତ୍ସା ଆରମ୍ଭ କଲେ ପରିସ୍ଥିତି ଅଣାୟତ୍ତ ହେବ ନାହିଁ ।

– ସ୍ୱାଭାବିକ ଭାବେ ପରିପାଳିତ ସୁସ୍ଥସବଳ ବ୍ୟକ୍ତିବିଶେଷଙ୍କ ପାଇଁ ବିଶେଷ କିଛି କରିବାର ନାହିଁ । ସେମାନଙ୍କୁ ନିଜର ପ୍ରଚଳିତ ଜୀବନଚର୍ଯ୍ୟା ଜାରି ରଖିବାକୁ ପରାମର୍ଶ ଦିଆଯାଇପାରେ ।

– ଯେଉଁମାନେ କୁପୋଷଣ ବା ମାତ୍ରାଧିକ ପୋଷଣ ସମସ୍ୟାର ସମ୍ମୁଖୀନ ସେମାନଙ୍କ ସ୍ୱାସ୍ଥ୍ୟଗତ ଜଟିଳତା ଦେଖାଦେଇପାରେ । ସେମାନଙ୍କୁ ଉପଯୁକ୍ତ ଖାଦ୍ୟ, ଉପଯୁକ୍ତ ପରିମାଣରେ ଖାଇବାକୁ ପରାମର୍ଶ ଦେବା ସହ ଶାରୀରିକ କାର୍ଯ୍ୟକଳାପ ବଢ଼ାଇବାକୁ କୁହାଯାଇପାରେ । ଆବଶ୍ୟକ ପଡ଼ିଲେ ସେମାନଙ୍କୁ ପୋଷକ ତତ୍ତ୍ୱ ଅତିରିକ୍ତ ମାତ୍ରାରେ ଦିଆଯାଇପାରେ ।

– ଯେଉଁମାନେ ଅସୁସ୍ଥ ସେମାନଙ୍କର ପୌଷ୍ଟିକ ସମସ୍ୟାକୁ ଚିହ୍ନଟ କରିବାକୁ ହେବ । ସେମାନଙ୍କୁ ଉପଯୁକ୍ତ ଖାଦ୍ୟ ଓ ଔଷଧ ଦେବା ସହ ଧୀରେ ଧୀରେ ସେମାନଙ୍କୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାକୁ ପଡ଼ିବ ।

ଦ୍ୱୈତ ପୁଷ୍ଟିସାଧନ ଓ ବ୍ୟାଧି ସମସ୍ୟାର ମୁକାବିଲା କ୍ଷେତ୍ରରେ ଉଭୟ ଚିକିତ୍ସକ ଓ ପୋଷକ ତତ୍ତ୍ୱବିତ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉଭୟ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସେବା ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଲେ ଦେଶର ପୁଷ୍ଟିସାଧନ ଗତ ସମସ୍ୟା ଦୂର ହୋଇପାରିବ ।

ନୂଆଦିଲ୍ଲୀସ୍ଥିତ ଭାରତର ପୋଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଭାବେ ଲେଖିକା କାର୍ଯ୍ୟରତ ।

# ଖାଦ୍ୟ ସୁରକ୍ଷାରୁ ପୋଷଣ ସୁରକ୍ଷା

● ଏମ୍.ଏସ୍. ସ୍ୱାମୀନାଥନ

ବିଶେଷ ପ୍ରବନ୍ଧ

୧୯୪୭ ମସିହା ଠାରୁ ଆମ ଦେଶର ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଏକ ପ୍ରମୁଖ ଲକ୍ଷ୍ୟ ରହିଆସିଛି । କାରଣ ହେଉଛି ବଙ୍ଗଳାର ଦୁର୍ଭିକ୍ଷ । ଏହି ତିକ୍ତ ଅନୁଭୂତି ଯୋଗୁଁ ଲଗାତାର ଭାବେ ଆମ ଦେଶର ସରକାର କ୍ଷୁଧା ନିବାରଣ ଉପରେ ଯଥେଷ୍ଟ ଧ୍ୟାନ ଦେଇଛନ୍ତି । ତେବେ କ୍ଷୁଧା ନିବାରଣ ସହିତ ଉତ୍ତମ ପୋଷଣର ମଧ୍ୟ ଅନୁରୂପ ଆବଶ୍ୟକତା ରହିଛି । ୨୦୧୩ ମସିହାର ଖାଦ୍ୟ ସୁରକ୍ଷା ଅଧିନିୟମରେ ଏ ସମ୍ପର୍କରେ ସ୍ପଷ୍ଟ ଭାବରେ ନୀତି ନିର୍ଦ୍ଧାରିତ କରାଯାଇଛି । (ଏହି ଅଧିନିୟମର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କୁ ଉତ୍ତମ ଗୁଣବିଶିଷ୍ଟ ଏବଂ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟଶସ୍ୟ ଉପଲବ୍ଧତା ଦ୍ୱାରା ମାନବର ଜୀବନଚକ୍ର ମଧ୍ୟରେ ଖାଦ୍ୟ ଏବଂ ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଏହାଦ୍ୱାରା ଜନସାଧାରଣଙ୍କୁ ସମ୍ମାନର ସହ ଜୀବନଧାରଣ କରିବା ପାଇଁ ସୁଯୋଗ ଦେବା ।)

ଏହି ଆଲେଖ୍ୟରେ କୃଷି, ପୋଷଣ ଏବଂ ସ୍ୱାସ୍ଥ୍ୟ ଏହି ତିନୋଟିଯାକର ସମନ୍ୱୟରେ ପୋଷଣ ଲକ୍ଷ୍ୟ କିଭଳି ଭାବେ ହାସଲ କରାଯାଇପାରିବ ସେ ସମ୍ପର୍କରେ ମୁଁ ଆଲୋଚନା କରିଛି । ଏ ପରିପ୍ରେକ୍ଷୀରେ ଏଥିପାଇଁ ଉଭୟ ଖାଦ୍ୟ ଏବଂ ଅଣଖାଦ୍ୟ କାରକଗୁଡ଼ିକ ଉପରେ ଦୃଷ୍ଟିଦେବାକୁ ପଡ଼ିବ । ଏଥିପାଇଁ ଆବଶ୍ୟକ କେତେକ ପଦକ୍ଷେପ ସମ୍ପର୍କରେ ମୁଁ ନିମ୍ନରେ ବର୍ଣ୍ଣନା କରିଛି-

**ଖାଦ୍ୟ ସୁରକ୍ଷାରୁ ପୋଷଣ ସୁରକ୍ଷା ଆଡ଼କୁ:** ଖାଦ୍ୟ ଏବଂ କୃଷି ସଂଗଠନରେ ୧୯୮୬ ମସିହାରେ ମୁଁ ଦେଇଥିବା ଭାଷଣରେ ଏବଂ ମୋର ପୁସ୍ତକ 'ଖାଦ୍ୟ ଉତ୍ପାଦନର ବୈଶ୍ୱିକ ଦିଗ'ରେ ମୁଁ ଖାଦ୍ୟ ସୁରକ୍ଷାରୁ ପୋଷଣ ସୁରକ୍ଷା ଆଡ଼କୁ ଅଗ୍ରସର ହେବା ଉପରେ ଗୁରୁତ୍ୱାରୋପ କରିଥିଲି । ଏହାସହିତ ମୁଁ ପୋଷଣ ସୁରକ୍ଷାକୁ ନିମ୍ନଲିଖିତ ଭାବରେ ସଂଜ୍ଞା ଦେଇଥିଲି- ଏହା ହେଉଛି "ସନ୍ତୁଳିତ ଆହର, ବିଶୁଦ୍ଧ ପାନୀୟଜଳ, ପରିମଳ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା, ଉଭୟ ଆର୍ଥିକ ଏବଂ ସାମାଜିକ ଦୃଷ୍ଟିରୁ ଜନସାଧାରଣଙ୍କୁ ଉପଲବ୍ଧ କରାଇବା ।" ପୁନଶ୍ଚ ମୁଁ ପୋଷଣ ସୁରକ୍ଷା ସକାଶେ ଔଷଧ ଆଧାରିତ ରାସ୍ତା ପରିବର୍ତ୍ତେ ଖାଦ୍ୟ ଆଧାରିତ ରାସ୍ତାକୁ ବାଛିଥିଲି । ବର୍ତ୍ତମାନ ୩୦ ବର୍ଷ ପରେ ପୋଷଣ ସୁରକ୍ଷା କଥା ଗୁରୁତ୍ୱ ଲାଭ କରିବା ଆରମ୍ଭ କରିଛି । ଆମ ସଂସ୍ଥା ଦ୍ୱାରା କୃଷି, ସ୍ୱାସ୍ଥ୍ୟ ଏବଂ ପୋଷଣ କିଭଳି ଭାବେ ଏକ ସହଜୀବୀ ସମ୍ପର୍କରେ ବନ୍ଧା, ତାହା ପ୍ରତିପାଦିତ କରିବା ପାଇଁ ପ୍ରଚେଷ୍ଟା ଚାଲିଛି । ପୋଷଣ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଖାଦ୍ୟ ସୁରକ୍ଷା ସମେତ ପ୍ରୋଟିନ୍‌ର ଅଭାବ ଏବଂ ଲୌହ, ଆୟୋଡିନ୍, ଜିଙ୍କ୍, ଭିଟାମିନ୍-କ ଭଳି ଅଣୁପୋଷକ ଗୁଡ଼ିକର ଅଭାବର ଦୂରୀକରଣ । ମୋ ଦ୍ୱାରା ବିକଶିତ କରାଯାଇଥିବା ପୋଷଣ ପାଇଁ କୃଷି ବ୍ୟବସ୍ଥା ବା ଏଫ୍‌ଏସ୍‌ଏନ୍ ଦ୍ୱାରା ଏହି ସହଜୀବୀ ସମ୍ପର୍କ ସ୍ଥାପନ କରାଯାଇପାରିବ । ଏତଦ୍‌ବ୍ୟତୀତ ପୋଷଣ ଅଭାବ ରୂପକ ଲୁକ୍କାୟିତ କ୍ଷୁଧା ନିବାରଣ ପାଇଁ 'ଜୈବ ସଶକ୍ତ ଉଦ୍ଭିଦ ସମ୍ବଳିତ ଆନୁବଂଶିକ ବଗିଚା'ର ଏକ ବୈଶ୍ୱିକ ଜାଲ ସୃଷ୍ଟି କରିବାକୁ ପଡ଼ିବ । ଆମ ସଂସ୍ଥା ଦ୍ୱାରା ଏହି ପ୍ରଚେଷ୍ଟା କରାଯାଉଛି, ଯଦ୍ୱାରା ମହାରାଷ୍ଟ୍ରର ଥାନେ, ଉତ୍ତରପ୍ରଦେଶର ଗୋରଖପୁର,





ଓଡ଼ିଶାର କୋରାପୁଟ ଏବଂ ତାମିଲ୍‌ନାଡୁର କେତେକ ଅଞ୍ଚଳରେ ଯେଉଁଠି ପୋଷଣ ସମ୍ପର୍କିତ ଅତ୍ୟଧିକ ସମସ୍ୟା ରହିଛି, ସେଠାରେ କୁପୋଷଣର ଦୂରୀକରଣ ପାଇଁ ଖାଦ୍ୟ ଆଧାରିତ ଉପାୟର ଗୁରୁତ୍ୱକୁ ପ୍ରତିପାଦନ କରାଯାଇପାରିବ।

**ଜାତୀୟ ପୋଷଣ ସପ୍ତାହ:**

ଆମ ଦେଶରେ ପ୍ରତ୍ୟେକ ବର୍ଷ ଜାତୀୟ ପୋଷଣ ସପ୍ତାହ ପାଳିତ ହୁଏ। ତେବେ ଏହି ସପ୍ତାହ ଭିତରେ କୁପୋଷଣ ବିଶେଷ ଭାବେ ଶିଶୁମାନଙ୍କ ମସ୍ତିଷ୍କ ବିକାଶକୁ ନେଇ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଏକ କାର୍ଯ୍ୟପନ୍ଥା ଭାବରେ ଜୈବସଶକ୍ତ ଉଦ୍ଭିଦ ସମ୍ବଳିତ ଜାତୀୟ ଆନୁବଂଶିକ ବଗିଚାଗୁଡ଼ିକର ଏକ ବ୍ୟବସ୍ଥା ସୃଷ୍ଟି କରିବା ଉଚିତ୍। ଏହାଦ୍ୱାରା ବିଶେଷ ଭାବେ ଗରିବ ଲୋକମାନଙ୍କ ମଧ୍ୟରେ ଦେଖାଦେଉଥିବା କୁପୋଷଣ ସମସ୍ୟାର ସମାଧାନ ପାଇଁ କୃଷିଭିତ୍ତିକ ପନ୍ଥା ଅନୁସରଣ କରାଯାଇପାରିବ। ଦେଶର ଜନସାଧାରଣଙ୍କ ପୋଷଣ ସୁରକ୍ଷା ସକାଶେ ଜାତୀୟ ପୋଷଣ ସପ୍ତାହରେ ଏଭଳି ଏକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଗଲେ ଏହାର ମହତ୍ୱ ଅଧିକ ରହିପାରିବ।

> ଖାଦ୍ୟ ଏବଂ କୃଷି ସଂଗଠନରେ ୧୯୮୬ ମସିହାରେ ମୁଁ ଦେଇଥିବା ଭାଷଣରେ ଏବଂ ମୋର ପୁସ୍ତକ 'ଖାଦ୍ୟ ଉତ୍ପାଦନର ବୈଶ୍ୱିକ ଦିଗ'ରେ ମୁଁ ଖାଦ୍ୟ ସୁରକ୍ଷାରୁ ପୋଷଣ ସୁରକ୍ଷା ଆଡ଼କୁ ଅଗ୍ରସର ହେବା ଉପରେ ଗୁରୁତ୍ୱାରୋପ କରିଥିଲି। ଏହାସହିତ ମୁଁ ପୋଷଣ ସୁରକ୍ଷାକୁ ନିମ୍ନଲିଖିତ ଭାବରେ ସଂଜ୍ଞା ଦେଇଥିଲି- ଏହା ହେଉଛି "ସନ୍ତୁଳିତ ଆହର, ବିଶୁଦ୍ଧ ପାନୀୟଜଳ, ପରିମଳ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା, ଉଭୟ ଆର୍ଥିକ ଏବଂ ସାମାଜିକ ଦୃଷ୍ଟିରୁ ଜନସାଧାରଣଙ୍କୁ ଉପଲବ୍ଧ କରାଇବା।" ପୁନଶ୍ଚ ମୁଁ ପୋଷଣ ସୁରକ୍ଷା ସକାଶେ ଔଷଧ ଆଧାରିତ ରାସ୍ତା ପରିବର୍ତ୍ତେ ଖାଦ୍ୟ ଆଧାରିତ ରାସ୍ତାକୁ ବାଛିଥିଲି।

**ଜାତୀୟ ପୋଷଣ ଅଭିଯାନର ସଫଳତା:**

କେନ୍ଦ୍ର ସରକାର ତିନିବର୍ଷ ପାଇଁ ଜାତୀୟ ପୋଷଣ ଅଭିଯାନ ସକାଶେ ୯ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଶିଶୁମାନଙ୍କ ମସ୍ତିଷ୍କ ବିକାଶ ପରିପ୍ରେକ୍ଷୀରେ ଏବଂ ଏଥିପାଇଁ ଆବଶ୍ୟକ ପୋଷଣ ସକାଶେ ଏହା ହେଉଛି ସରକାରଙ୍କ ଦୃଷ୍ଟିଭଙ୍ଗୀ। ତେବେ ପୋଷଣ ଅଭିଯାନର ସଫଳତା ପାଇଁ ଏହାକୁ ଅଭିଯାନଭିତ୍ତିକ କରାଯିବା ଉଚିତ୍ ଏବଂ ବିଭିନ୍ନ କାରକ ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଇ ଏହି ଅଭିଯାନର ପରିଚାଳନା ପାଇଁ ଏକ ନିର୍ଦ୍ଦେଶକଙ୍କୁ ନିଯୁକ୍ତି କରାଯିବା ଉଚିତ୍। ଏହା ସହିତ ସମ୍ପୃକ୍ତ ନିର୍ଦ୍ଦେଶକଙ୍କୁ ଆବଶ୍ୟକ କ୍ଷମତା ଏବଂ ଉତ୍ତରଦାୟୀ ମଧ୍ୟ କରାଯିବା ଉଚିତ୍। ଏହା ପୂର୍ବର ଅଭିଯାନଗୁଡ଼ିକର ବିଫଳତା ପାଇଁ ଦାୟୀ କାରଣଗୁଡ଼ିକ ମଧ୍ୟରେ ଏହାର ସଠିକ୍



ପରିଚାଳନା କରାନଯିବା ହେଉଛି ଅନ୍ୟତମ। ତେଣୁ ପୋଷଣ ଅଭିଯାନର ସଫଳତା ପାଇଁ ନିମ୍ନଲିଖିତ କାର୍ଯ୍ୟ ସାଧିତ କରିବା ଉଚିତ୍-

- ଖାଦ୍ୟ ସୁରକ୍ଷା ଅଧିନିୟମରେ ଥିବା ବିଭିନ୍ନ ବ୍ୟବସ୍ଥାଗୁଡ଼ିକ ଜରିଆରେ କୁପୋଷଣର ଦୂରୀକରଣ କରିବା ଏବଂ ଏଥିପାଇଁ ଚାଉଳ ଏବଂ ଗହମ ବ୍ୟତୀତ ବାଜରା ଜାତୀୟ ଖାଦ୍ୟଶସ୍ୟ ମଧ୍ୟ ଉପଯୋଗ କରିବା।
- ଡାଲି ଜାତୀୟ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ସହିତ ଦୁଗ୍ଧ ଏବଂ ଦୁଗ୍ଧଜାତୀୟ ସାମଗ୍ରୀର ଉପଯୋଗ ଦ୍ୱାରା ପ୍ରୋଟିନ୍ ଆହରଣ ସୁନିଶ୍ଚିତ କରିବା।
- ଅଣୁ ପୋଷକତତ୍ତ୍ୱ ଅଭାବଜନିତ ଲୁକ୍କାୟିତ କ୍ଷୁଧା ନିବାରଣ ପାଇଁ ଜୈବ ସଶକ୍ତ ଉଦ୍ଭିଦର ଆନୁବଂଶିକ ବଗିଚା ସୃଷ୍ଟି କରିବା।
- ଶସ୍ୟ ଅମଳ ପରବର୍ତ୍ତୀ ଉତ୍ତମ ବ୍ୟବସ୍ଥା ଦ୍ୱାରା ଖାଦ୍ୟଶସ୍ୟର ଗୁଣବତ୍ତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା।

ଉପରୋକ୍ତ ବିଷୟଗୁଡ଼ିକ ବ୍ୟତୀତ ଏହି ଅଭିଯାନ ଅଧିନରେ ସ୍ୱଚ୍ଛ ପାନୀୟଜଳ, ପରିମଳ, ପ୍ରାଥମିକ ସ୍ୱାସ୍ଥ୍ୟସେବା ଏବଂ ପୋଷଣ ସମ୍ପର୍କିତ ସାକ୍ଷରତା ଉପରେ ମଧ୍ୟ ଧ୍ୟାନ ଦିଆଯିବା ବାଞ୍ଛନୀୟ। ଏତଦ୍‌ବ୍ୟତୀତ ପୋଷଣ ଅଭାବଜନିତ ରୋଗ ବୈରାଗ୍ୟ ପାଇଁ କୃଷିଭିତ୍ତିକ ମାଧ୍ୟମର ଲୋକପ୍ରିୟତା ସକାଶେ ଗୋଷ୍ଠୀଭିତ୍ତିକ କ୍ଷୁଧା ସଂଗ୍ରାମୀମାନଙ୍କୁ ସୃଷ୍ଟି କରିବାକୁ ପଡ଼ିବ। ଏଥିପାଇଁ କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକର ସହାୟତା ନିଆଯାଇପାରେ। ପୁନଶ୍ଚ, ଆବଶ୍ୟକସ୍ଥଳେ ସୁଚିନ୍ତିତ ହସ୍ତକ୍ଷେପ ପାଇଁ ପୋଷଣ ଅଭିଯାନରେ ଉତ୍ତମ ତଦାରଖ ବ୍ୟବସ୍ଥା ମଧ୍ୟ କରାଯିବା ଉଚିତ୍। ତେଣୁ ଏହି ପ୍ରକଳ୍ପକୁ କେବଳ ଏକ ଅଭିଯାନ ଭାବେ ନ ଚଳାଇ ବରଂ ଏହାକୁ କିଭଳି ଉତ୍ତମ ଭାବେ କାର୍ଯ୍ୟକ୍ଷମ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ୍। ଏଥିପାଇଁ ବିଭିନ୍ନ କାରକଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ସହଜୀବୀ ସମ୍ପର୍କ ସ୍ଥାପନ କରାଯିବା ବାଞ୍ଛନୀୟ।

ଗତ ମାର୍ଚ୍ଚ ମାସ ୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସରେ ଆମର ପ୍ରଧାନମନ୍ତ୍ରୀ ଜାତୀୟ ପୋଷଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ ଅଧିନରେ ଦେଶର ସମସ୍ତ ୬୪୦ଟି ଜିଲ୍ଲାକୁ ସାମିଲ୍ କରାଯାଇଛି। ତେବେ ଏହି ଅଭିଯାନର ଲକ୍ଷ୍ୟ ହାସଲ ପାଇଁ ନିମ୍ନଲିଖିତ ୫ଟି ଦିଗ ଉପରେ ଦୃଷ୍ଟିଦେବାକୁ ପଡ଼ିବ।

୧ ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ୨୦୧୩ର ବ୍ୟବସ୍ଥା ଅନୁଯାୟୀ କ୍ୟାଲୋରୀ ଅଭାବର ଦୂରୀକରଣ।

୨ ପ୍ରୋଟିନ୍ କ୍ଷୁଧା ନିବାରଣ ପାଇଁ ଡାଲି ଏବଂ ଦୁଗ୍ଧଜାତୀୟ ସାମଗ୍ରୀର ଉତ୍ପାଦନ ବୃଦ୍ଧି।

୩ ଅଣୁ ପୋଷକତତ୍ତ୍ୱ ଅଭାବଜନିତ ଲୁକ୍କାୟିତ କ୍ଷୁଧା ନିବାରଣ ପାଇଁ ଜୈବସଶକ୍ତ ଉଦ୍ଭିଦଗୁଡ଼ିକର ଆନୁବଂଶିକ ବିଗିଚା ସୃଷ୍ଟି କରିବା ଏବଂ ପୋଷଣ କାର୍ଯ୍ୟକ୍ରମ ପାଇଁ ଏକ ନିର୍ଦ୍ଦିଷ୍ଟ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା।

୪ ବିଶୁଦ୍ଧ ପାନୀୟଜଳ, ପରିମଳ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା।

୫ କୁପୋଷଣ ନିରାକରଣରେ ବିଶେଷ ଜ୍ଞାନ ଥିବା ଗୋଷ୍ଠୀଭିତ୍ତିକ କ୍ଷୁଧା ସଂଗ୍ରାମୀମାନଙ୍କ ଦଳ ଗଠନ କରିବା।

ଯଦି ଉପରୋକ୍ତ ୫ଟି ବିଷୟ ପ୍ରତି ସମ ଭାବରେ ଦୃଷ୍ଟି ଦିଆଯାଏ, ତେବେ ଜାତୀୟ ପୋଷଣ ଅଭିଯାନର ଲକ୍ଷ୍ୟ ହାସଲ କରାଯାଇପାରିବ।

ଲେଖକ ହେଉଛନ୍ତି ଜଣେ ଖ୍ୟାତନାମା କୃଷିବିତ୍।

# ଭାରତରେ ପୁଷ୍ଟିସାଧନ

● ଶମିକା ରବି

ଫୋକସ୍

ଭାରତ ଗତ ଦୁଇ ଦଶକରେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଥିଲେ ହେଁ ଶିଶୁ ଓ ମାତୃ କୁପୋଷଣ ଜାତୀୟ ସ୍ୱାସ୍ଥ୍ୟ ବ୍ୟାପାରରେ ଏବେ ମଧ୍ୟ ଉଦ୍‌ବେଗର ବିଷୟ ହୋଇରହିଛି। ତେଣୁ ଏହି ପ୍ରସଙ୍ଗଟି ସାମ୍ପ୍ରତିକ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମରେ ଅଗ୍ରାଧିକାର ପାଇଛି। ଭାରତରେ ପାଞ୍ଚବର୍ଷରୁ କମ୍ ୪୦ ନିୟୁତ ଶିଶୁ ଅଛନ୍ତି ଯେଉଁମାନଙ୍କର ଶାରୀରିକ ଅଭିବୃଦ୍ଧି ସ୍ୱାଭାବିକ ନୁହେଁ। ସେହିଭଳି ଦେଶରେ ୧୭ ନିୟୁତ ଶିଶୁ ଅତ୍ୟନ୍ତ କ୍ଷୀଣ ଓ ଦୁର୍ବଳ। ଗତ ୧୦ବର୍ଷ ମଧ୍ୟରେ ବିଭିନ୍ନ ନୂତାତ୍ତ୍ୱିକ ପୁଷ୍ଟିସାଧନଗତ ପଦକ୍ଷେପ ସତ୍ତ୍ୱେ ଭାରତରେ କୁପୋଷଣର ସମ୍ମୁଖୀନ ହେଉଥିବା ଶିଶୁଙ୍କ ସଂଖ୍ୟା ସାରା ବିଶ୍ୱରେ ସର୍ବାଧିକ। ପୁଷ୍ଟିସାଧନଗତ ଏହି ଅସମତାର ହାର ଭାରତର ରାଜ୍ୟ-ରାଜ୍ୟ ମଧ୍ୟରେ ଭିନ୍ନ ଏବଂ ବ୍ୟାପକ। ଭାରତୀୟ ଶିଶୁ ଓ ମା'ମାନଙ୍କର ଭବିଷ୍ୟତର କଲ୍ୟାଣ ତଥା ବିକାଶ ପାଇଁ ମାନବସମ୍ବଳରେ ବିପୁଳ ନିବେଶର ଆବଶ୍ୟକତା ରହିଛି। ଏଥିରେ ସ୍ଥାନୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାରେ ଅଧିକ ବ୍ୟୟ କରିବାକୁ ପଡ଼ିବ।

ଜାତୀୟ ପୁଷ୍ଟିସାଧନ ମିଶନ (ଏନ୍ଏନ୍ଏମ୍) ଘୋଷଣା ଏଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଥିପାଇଁ ବିପୁଳ ପାଣ୍ଠି ବ୍ୟବସ୍ଥା ସହ ଏକ କେନ୍ଦ୍ରୀୟ ନୋଡାଲ ଏଜେନ୍ସି ଗଠନ କରାଯାଇଛି। ଏହି ଏଜେନ୍ସି ବିଭିନ୍ନ କେନ୍ଦ୍ରୀୟ ଓ ପ୍ରାଦେଶିକ ପୁଷ୍ଟିସାଧନ କାର୍ଯ୍ୟକ୍ରମର ସ୍ଥାନୀୟ ଦାୟିତ୍ୱରେ ରହିବା ସହ ଆବଶ୍ୟକ ସ୍ଥଳେ ଅଧିକ ଅର୍ଥ ଯୋଗାଣର ବ୍ୟବସ୍ଥା କରୁଛି। ଏବେ ସରକାର ସ୍ୱାସ୍ଥ୍ୟସେବା, ବିଶେଷ କରି ପୁଷ୍ଟିସାଧନ ଉପରେ ଅଧିକ ଗୁରୁତ୍ୱ ଦେଇ ଯେଉଁ ସବୁ ପଦକ୍ଷେପ ନେଉଛନ୍ତି ସେଥିରେ ଅତିରିକ୍ତ ଭାବେ କିଛି ନୀତିଗତ ନିଷ୍ପତ୍ତି ଓ ସଂସ୍କାରର ଆବଶ୍ୟକତା ରହିଛି। ତାହା ହେଲେ ଯାଇ ପୁଷ୍ଟିହୀନତାର ସଫଳ ମୁକାବିଲା କରାଯାଇପାରିବ।

ନୀତି ନିର୍ଦ୍ଧାରକମାନେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ନିଘା ରଖିବା ଆବଶ୍ୟକ। ସେଥିରୁ ଗୋଟିଏ ହେଲା କୁପୋଷଣର ନିରାକରଣ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ହସ୍ତକ୍ଷେପ। ଯେଉଁ ଶିଶୁମାନଙ୍କର ଶାରୀରିକ ଅଭିବୃଦ୍ଧି ସ୍ୱାଭାବିକ ନୁହେଁ, ସେମାନଙ୍କ ମଧ୍ୟରୁ ୨୦ ଶତାଂଶକୁ ପ୍ରତ୍ୟକ୍ଷ ହସ୍ତକ୍ଷେପ ଜରିଆରେ ପୁଷ୍ଟିସାଧନ ବ୍ୟବସ୍ଥାରେ ସ୍ୱାଭାବିକ କରିହେବ। ବାକି ଯେଉଁ ୮୦ ଶତାଂଶ ଏଭଳି ଶିଶୁ ରହିଲେ ସେମାନଙ୍କୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ, ଉତ୍ତମ ପରିମଳ ବ୍ୟବସ୍ଥା ଯୋଗାଇ ପରୋକ୍ଷ ହସ୍ତକ୍ଷେପ ଜରିଆରେ ସ୍ୱାଭାବିକ କରିହେବ।

ଦ୍ୱିତୀୟ ପ୍ରସଙ୍ଗଟି ହେଲା ଗର୍ଭବତୀ ଓ ପ୍ରସୂତୀଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ। ମାତୃଗର୍ଭରେ ଆବଶ୍ୟକ ପୋଷକତତ୍ତ୍ୱ ନ ପାଇ ଯେଉଁ ଶିଶୁମାନେ ଜନ୍ମହୁଅନ୍ତି ସେମାନଙ୍କ ମଧ୍ୟରୁ ୫୦ଶତାଂଶଙ୍କର ଦୁଇବର୍ଷ ପର୍ଯ୍ୟନ୍ତ ସ୍ୱାଭାବିକ ଶାରୀରିକ ଅଭିବୃଦ୍ଧି ଘଟି ନ ଥାଏ। ଭ୍ରୂଣ ସଂଚାର ଠାରୁ ଏକ ହଜାର ଦିନ ପର୍ଯ୍ୟନ୍ତ ଶିଶୁର ଶାରୀରିକ ଓ ବୌଦ୍ଧିକ ବିକାଶରେ ପୁଷ୍ଟିସାଧନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅତଏବ ଏହି ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ମା' ଓ ଶିଶୁସ୍ୱାସ୍ଥ୍ୟର ଉନ୍ନତି ପାଇଁ ଅଧିକ ବ୍ୟୟବରାଦ କରିବାର ନୀତିଗତ ଆବଶ୍ୟକତା ରହିଛି।

ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିସାଧନ ମାପକ ସୂଚୀ :

୧୯୯୦ ଦଶକରୁ କ୍ରମ କ୍ଷୟଶୀଳ ହାର ସତ୍ତ୍ୱେ ଭାରତର କୁପୋଷଣ ସୂଚକାଙ୍କ ସମଗ୍ର ବିଶ୍ୱରେ ସର୍ବାଧିକ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୪ ତଥ୍ୟ ଅନୁସାରେ ଭାରତର ପୁଷ୍ଟିସାଧନ ସୂଚକାଙ୍କରେ ଅବଶ୍ୟ କିଛି ଉନ୍ନତି ପରିଲକ୍ଷିତ ହୋଇଛି।

**ଟେବୁଲ -୧ ଶିଶୁଙ୍କ ପୁଷ୍ଟିସାଧନ ସ୍ଥିତି**

| ସୂଚକାଙ୍କ | ଶତାଂଶ |
|---|---|
| ଶାରୀରିକ ଅଭିବୃଦ୍ଧି ହୀନ ପାଞ୍ଚବର୍ଷରୁ କମ୍ ବୟସର ପିଲା | ୩୮.୭ |
| କ୍ଷୀଣ ଓ ଦୁର୍ବଳ ପାଞ୍ଚବର୍ଷରୁ କମ୍ ବୟସର ପିଲା | ୧୫.୧ |
| ସ୍ୱାଭାବିକଠାରୁ ସ୍ୱଳ୍ପ ଓଜନର ପାଞ୍ଚବର୍ଷ ବୟସରୁ କମ୍ ବୟସର ପିଲା | ୨୯.୪ |
| ରକ୍ତହୀନତାର ସମ୍ମୁଖୀନ ୬ରୁ ୫୯ ମାସର ଶିଶୁ | ୬୯.୫ |

ସୂତ୍ର : ୨୦୦୬ - ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଦ୍ରଷ୍ଟବ୍ୟ : % ଜନସଂଖ୍ୟା ହିସାବରେ

ଭାରତରେ ପୁରୁଷମାନଙ୍କ ତୁଳନାରେ ମହିଳାମାନେ ଅଧିକ କୁପୋଷଣର ସମ୍ମୁଖୀନ ହୋଇଥାନ୍ତି। ନିମ୍ନରେ ପ୍ରଦତ୍ତ ଟେବୁଲରୁ ଏ ସମ୍ପର୍କରେ ଅଧିକ କିଛି ଜାଣି ହେବ।

**ଟେବୁଲ -୨ ଭାରତରେ ମହିଳା ଓ କିଶୋରୀଙ୍କ ପୁଷ୍ଟିସାଧନଗତ ସ୍ଥିତି**

| ସୂଚକାଙ୍କ | ଶତାଂଶ |
|---|---|
| ରକ୍ତହୀନତା ଭୋଗୁଥିବା ୧୫ ରୁ ୪୯ ବର୍ଷ ବୟସର ଗର୍ଭବତୀ | ୫୮.୭ |
| ପ୍ରଜନନକ୍ଷମ ମହିଳା ଯେଉଁମାନେ କୁପୋଷଣର ସମ୍ମୁଖୀନ | ୩୩.୩ |
| ୧୮ବର୍ଷ ବୟସ ପୂର୍ବରୁ ବିବାହ କରିଥିବା ୨୦ ରୁ ୨୪ ବର୍ଷ ବୟସ ବର୍ଗର ମହିଳା | ୩୦.୩ |
| ଗର୍ଭଧାରଣ ଆରମ୍ଭରେ କମ୍ ଓଜନ ବିଶିଷ୍ଟ ଭାରତୀୟ ମହିଳା | ୪୨.୨ |

ସୂତ୍ର : ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ -୩ (୨୦୦୬), ୟୁନିସେଫ୍-୨୦୧୫, ଚିଲଡ୍ରେନ୍ ର୍‍ୟାପିଡ୍ ସର୍ଭେ ୨୦୧୪

ଦ୍ରଷ୍ଟବ୍ୟ : % ଜନସଂଖ୍ୟା ହିସାବରେ

**ଟେବୁଲ -୩ ପୁଷ୍ଟିସାଧନ ଭିତ୍ତିକ ହସ୍ତକ୍ଷେପ (ଆଇସିଡିଏସ୍ ଓ ଏନ୍ଆର୍ଏଚ୍ଏମ୍)**

| ସୂଚକାଙ୍କ | ଶତାଂଶ |
|---|---|
| ଆଇସିଡିଏସ୍ ଜରିଆରେ ଅତିରିକ୍ତ ଖାଦ୍ୟ ପାଇଥିବା ଗର୍ଭବତୀ ମହିଳା | ୪୦.୭ |
| ୩୬ ମାସରୁ କମ୍ ଶିଶୁଙ୍କ ମା' ଯେଉଁମାନେ ପ୍ରସବ ପୂର୍ବବର୍ତ୍ତୀ ୩+ ସ୍ୱାସ୍ଥ୍ୟ | |
| ପରୀକ୍ଷା ସୁବିଧା ପାଇଛନ୍ତି | ୬୩.୪ |
| ସମ୍ପୂର୍ଣ୍ଣ ଟିକାକରଣ ପାଇଥିବା ୧୨ ରୁ ୨୩ ମାସର ଶିଶୁ | ୬୫.୩ |
| ସଚଳ ଓ ଆଡଲଟ୍ ୱେଟ ସ୍କେଲ ନ ଥିବା ଅଙ୍ଗନବାଡ଼ି କେନ୍ଦ୍ର | ୪୮.୪ |

ସୂତ୍ର : ରାପିଡ୍ ସର୍ଭେ ଅନ୍ ଚିଲ୍ଡ୍ରେନ୍- ୨୦୧୪

ଦ୍ରଷ୍ଟବ୍ୟ : ଶତାଂଶ ସମ୍ପୃକ୍ତ ଲୋକସଂଖ୍ୟାର



ଗତ ଦୁଇ ବର୍ଷ ଧରି ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ଯୋଜନାଗୁଡ଼ିକ ପାଇଁ ବଜେଟରେ ଅର୍ଥ ବରାଦ କରାଯାଇଛି। ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରୀୟ ଅର୍ଥ ବରାଦ ପ୍ରାୟ ୧୦ ଶତାଂଶ କମିଛି। ୨୦୧୫-୧୬ରେ ଏଥିପାଇଁ ୧୫,୫୦୨କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ୨୦୧୬ରେ ଏହା ୧୪,୦୦୦କୋଟି ଟଙ୍କାକୁ ହ୍ରାସ ପାଇଥିଲା। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ଅଭାବ ରହିଛି। ଦେଶର ପ୍ରାୟ ଅଧା ଅଙ୍ଗନବାଡ଼ି କେନ୍ଦ୍ରରେ ଓଜନ ମାପିବା ବ୍ୟବସ୍ଥା (ଆଡଲ୍ଟ ୱେଟ ସ୍କେଲ) ନାହିଁ। ଯେଉଁମାନଙ୍କୁ ଅତିରିକ୍ତ ପୁଷ୍ଟିକର ଖାଦ୍ୟ ଓ ଔଷଧ ଦିଆଯାଉଛି ସେମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସୁଛି କି ନାହିଁ ତାହା ତଦାରଖ କରିବାକୁ ଅଙ୍ଗନବାଡ଼ି କେନ୍ଦ୍ର କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିବା ସହ ସୁବିଧା ସୁଯୋଗ ଯୋଗାଣ ଆବଶ୍ୟକ। ତେଣୁ ଅଙ୍ଗନବାଡ଼ି କେନ୍ଦ୍ର କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିବା ସହ ସୁବିଧା ସୁଯୋଗ ଯୋଗାଣ ଆବଶ୍ୟକ। ତେଣୁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ବିକାଶ ପାଇଁ ଅଧିକ ଅର୍ଥ ଯୋଗାଣ ଅପରିହାର୍ଯ୍ୟ। ପୁଷ୍ଟିସାଧନ କ୍ଷେତ୍ରରେ ଏକ ସୌଜନ୍ୟମୂଳକ ସରକାରୀ ହସ୍ତକ୍ଷେପ ହେଲା ସ୍କୁଲରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା। କ୍ଷେତ୍ର ଅନୁଧ୍ୟାନରୁ ଜଣାପଡ଼ିଛି ଯେ ମଧ୍ୟାହ୍ନ ଭୋଜନ ସହ ପିଲାଙ୍କ ଶାରୀରିକ ମାନସିକ ବିକାଶର ଉତ୍ତମ ସମ୍ପର୍କ ରହିଛି। ଏହାଦ୍ୱାରା ପିଲାଙ୍କ ପାଠପଢ଼ାରେ ଉନ୍ନତି ଘଟୁଥିବା ମଧ୍ୟ ଅନୁଧ୍ୟାନରୁ ଜଣାପଡ଼ିଛି।

**ପ୍ରଚଳିତ ନୀତିଗତ ଢାଞ୍ଚା:**

ପୁଷ୍ଟିସାଧନ କ୍ଷେତ୍ରରେ ସରକାର ଯେଉଁ ପ୍ରମୁଖ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସେଥିମଧ୍ୟରୁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ (ଆଇସିଡିଏସ୍) ଅନ୍ୟତମ। ଏହା ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟଦ୍ୱାରା କାର୍ଯ୍ୟକାରୀ ହେଉଥିବାବେଳେ ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ (ଏନ୍ଆର୍ଏଚ୍ଏମ୍) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଜରିଆରେ କାର୍ଯ୍ୟକରୀ ହେଉଛି। ପୁଷ୍ଟିସାଧନ ବୃଦ୍ଧି ପାଇଁ ଏସବୁ କାର୍ଯ୍ୟ

**ଟେବୁଲ-୪ : ପୁଷ୍ଟିସାଧନଗତ ସ୍ଥିତିରେ ରାଜ୍ୟସ୍ତରୀୟ ବିଷମତା**

| ସୂଚକାଙ୍କ | ଭାରତର ହାର | ଉତ୍ତମ ପ୍ରଦର୍ଶନକାରୀ | ଖରାପ ପ୍ରଦର୍ଶନକାରୀ |
|---|---|---|---|
| ଶାରୀରିକ ବିକାଶ ଘଟି ନ ଥିବା | ୩୮.୭% | କେରଳ : ୧୯.୪% | ଉତ୍ତରପ୍ରଦେଶ : ୫୦.୪% |
| ପାଞ୍ଚବର୍ଷରୁ କମ୍ ବୟସର ପିଲା | ଗୋଆ : ୨୧.୩%, | ତାମିଲନାଡୁ :୨୩.୩% | ବିହାର : ୪୯.୪%,<br>ଝାଡ଼ଖଣ୍ଡ : ୪୭.୪% |
| କୃଶ ଓ ଦୁର୍ବଳ ପାଞ୍ଚ ବର୍ଷରୁ କମ୍ ବୟସର ପିଲା | ୧୫.୧% | ସିକ୍କିମ୍ : ୫.୧%, ମଣିପୁର: ୭.୧%<br>ଜାମ୍ମୁ-କାଶ୍ମୀର : ୭.୧% | ଆନ୍ଧ୍ରପ୍ରଦେଶ : ୧୯.୦%<br>ତାମିଲନାଡୁ : ୧୯.୦%<br>ଗୁଜରାଟ : ୧୮.୭% |
| ପାଞ୍ଚ ବର୍ଷରୁ କମ୍ ବୟସର ସ୍ୱଳ୍ପ ଓଜନ ବିଶିଷ୍ଟ ଶିଶୁ | ୨୯.୪% | ମଣିପୁର : ୧୪.୧, ମିଜୋରାମ:୧୪.୮%<br>ଜାମ୍ମୁ-କାଶ୍ମୀର : ୧୫.୬% | ଝାଡ଼ଖଣ୍ଡ : ୪୨.୧%<br>ବିହାର: ୩୭.୧%<br>ମଧ୍ୟପ୍ରଦେଶ : ୩୬.୧% |

**ଉତ୍ସ : ର୍ୟାପିଡ୍ ଚିଲଡ୍ରେନ୍ ସର୍ଭେ - ୨୦୧୪ ଶତାଂଶ ଲୋକ ସଂଖ୍ୟା ଅନୁପାତରେ**

ଅଙ୍ଗନବାଡ଼ି କେନ୍ଦ୍ର, ଆଶାକର୍ମୀ, ଆଇସିଡିଏସ୍ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। ଏଥିରେ ଗର୍ଭବତୀ ମହିଳା, ସ୍ତନପାନ କରାଉଥିବା ମହିଳା ଓ ଶିଶୁମାନଙ୍କୁ ଉପଯୁକ୍ତ ପୋଷକ ତତ୍ତ୍ୱ ଖାଦ୍ୟ ଆକାରରେ ଯୋଗାଇ ଦିଆଯାଉଛି।

ଏହି କାର୍ଯ୍ୟକ୍ରମକୁ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଜରିଆରେ ଅତିରିକ୍ତ ସହାୟତା ପ୍ରଦାନ କରାଯାଉଛି। ଗରିବ ଓ ଅଭାବୀ ପରିବାରର ଲୋକଙ୍କୁ ଏଥିରେ ରିଆତି ମୂଲ୍ୟରେ ଖାଦ୍ୟ ଶସ୍ୟ ସରକାର ଯୋଗାଇ ଦେଉଛନ୍ତି। ଏହାଛଡ଼ା ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଓଡ଼ିଶା, ଗୁଜରାଟ, କର୍ଣ୍ଣାଟକ ଓ ଝାଡ଼ଖଣ୍ଡ ଭଳି କେତେକ ରାଜ୍ୟ ନିଜ ନିଜର ଅଞ୍ଚଳରେ ପ୍ରାଦେଶିକ ପୁଷ୍ଟିସାଧନ ଅଭିଯାନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ଏହି ପ୍ରତ୍ୟକ୍ଷ ହସ୍ତକ୍ଷେପ କାର୍ଯ୍ୟକ୍ରମ ଦ୍ୱାରା ଜନ୍ମରୁ ୧୦୦୦ ଦିନର ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ କିପ୍ରକାର ପ୍ରଭାବ ପଡୁଛି ତାହା ଟେବୁଲ-୫ରେ ପ୍ରଦାନ କରାଯାଇଛି।

ଜାତୀୟ ପୁଷ୍ଟିସାଧନ ମିଶନ (ଏନ୍‌ଏନ୍‌ଏମ୍) ୨୦୧୭-୧୮ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା

ଜାତୀୟ ପୁଷ୍ଟିସାଧନ ମିଶନ (ଏନ୍‌ଏନ୍‌ଏମ୍) ଘୋଷଣା ଏଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଥିପାଇଁ ବିପୁଳ ପାଣ୍ଠି ବ୍ୟବସ୍ଥା ସହ ଏକ କେନ୍ଦ୍ରୀୟ ନୋଡାଲ ଏଜେନ୍ସି ଗଠନ କରାଯାଇଛି। ଏହି ଏଜେନ୍ସି ବିଭିନ୍ନ କେନ୍ଦ୍ରୀୟ ଓ ପ୍ରାଦେଶିକ ପୁଷ୍ଟିସାଧନ କାର୍ଯ୍ୟକ୍ରମର ସ୍ଥାନୀୟ ଦାୟିତ୍ୱରେ ରହିବା ସହ ଆବଶ୍ୟକ ସ୍ଥଳେ ଅଧିକ ଅର୍ଥ ଯୋଗାଣର ବ୍ୟବସ୍ଥା କରୁଛି। ଏବେ ସରକାର ସ୍ୱାସ୍ଥ୍ୟସେବା, ବିଶେଷ କରି ପୁଷ୍ଟିସାଧନ ଉପରେ ଅଧିକ ଗୁରୁତ୍ୱ ଦେଇ ଯେଉଁ ସବୁ ପଦକ୍ଷେପ ନେଉଛନ୍ତି ସେଥିରେ ଅତିରିକ୍ତ ଭାବେ କିଛି ନୀତିଗତ ନିଷ୍ପତ୍ତି ଓ ସଂସ୍କାରର ଆବଶ୍ୟକତା ରହିଛି। ତାହା ହେଲେ ଯାଇ ପୁଷ୍ଟିହୀନତାର ସଫଳ ମୁକାବିଲା କରାଯାଇପାରିବ।

ଏବଂ ତିନିବର୍ଷ ପାଇଁ ଏହାର ଅର୍ଥ ବରାଦ ପରିମାଣ ଥିଲା ୯୦୪୬.୧୭କୋଟି ଟଙ୍କା। କୁପୋଷଣର ଦୂରୀକରଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଆକଳନ ଏବଂ ଏହାକୁ କାର୍ଯ୍ୟକାରୀ କରୁଥିବା ବିଭିନ୍ନ ସଂସ୍ଥାଙ୍କ ଦକ୍ଷତା ମାପିବା ଦାୟିତ୍ୱ ମଧ୍ୟ ଏହା ଉପରେ ନ୍ୟସ୍ତ। ଏହାଛଡ଼ା ଏହି ମିଶନ ବିଭିନ୍ନ ପୁଷ୍ଟିସାଧନ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରକ୍ଷା, କାର୍ଯ୍ୟକ୍ରମର ତଦାରଖ, ରାଜ୍ୟ ଓ କେନ୍ଦ୍ରୀୟ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା, ଆଇଟି ଭିତ୍ତିକ ଆୟୁଧ ଯୋଗାଣ, ଅଙ୍ଗନବାଡ଼ି କେନ୍ଦ୍ର, କର୍ମଚାରୀଙ୍କୁ ତାଲିମ, ପ୍ରଶିକ୍ଷଣ ପ୍ରଦାନ, ଅଙ୍ଗନବାଡ଼ିର ବିକାଶ, ଲକ୍ଷ୍ୟ ଭିତ୍ତିକ ଯୋଜନାର ଆକଳନ ଆଦି ଦାୟିତ୍ୱ ତୁଲାଇଆସୁଛି। ଏହା ପୁଷ୍ଟିସାଧନ ସମ୍ବଳ କେନ୍ଦ୍ର ମାଧ୍ୟମରେ କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ମଧ୍ୟ କରୁଛି। ପୁଷ୍ଟିସାଧନକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଏହା ଲୋକଙ୍କୁ ସଚେତନ କରାଉଛି। ସର୍ବୋପରି ପୁଷ୍ଟିସାଧନ କ୍ଷେତ୍ରରେ ଏହା କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏକ ନୋଡାଲ ସଂସ୍ଥା ଭାବେ କାର୍ଯ୍ୟକରି ଅତିରିକ୍ତ ଅର୍ଥ ତଥା ଅନ୍ୟାନ୍ୟ ସହାୟତା ଯୋଗାଇ ଆସୁଛି।

## ନୀତିଗତ ସୁପାରିଶ:

ଭାରତର କୁପୋଷଣ ଜନିତ ସମସ୍ୟାର ମୁକାବିଲା କରିବା ପାଇଁ ନୀତିଗତ ନିଷ୍ପତ୍ତି ନେବାକୁ ନିମ୍ନ ପ୍ରଦତ୍ତ ସୁପାରିଶ ବିଚାରଯୋଗ୍ୟ। ଏହାଦ୍ୱାରା ଏହି କାର୍ଯ୍ୟ ଅଧିକ ସଫଳ ହୋଇପାରିବ।

୧) ଆଇସିଡିଏସ୍‌ର ସୁଦୃଢ଼ୀକରଣ ଓ ପିଡିଏସ୍‌ର ଫାଇଦା ଉଠାଣ : ଆଇସିଡିଏସ୍‌କୁ ଏକ ମିଶନ ମୋଡ୍‌ରେ ଚଳାଇବାକୁ ପଡ଼ିବ। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଆବଶ୍ୟକ ସମ୍ବଳ ଯୋଗାଣ ସହ ଏ କ୍ଷେତ୍ରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରାଧିକରଣ ତିଆରି କରିବାକୁ ହେବ। ଏହି କାର୍ଯ୍ୟକ୍ରମରେ ଶେଷ ବା ଅନ୍ତିମ ବ୍ୟକ୍ତିଙ୍କୁ ପୁଷ୍ଟିସାଧନ ସେବା ଯୋଗାଣ ସମୟରେ ଖାଦ୍ୟ, ପୋଷକର ମାନ, ଏହାର ସମୟାନୁବର୍ତ୍ତିତା, ପର୍ଯ୍ୟାପ୍ତତା, ଶିକ୍ଷା ଓ ସଚେତନତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ସବୁ ଗର୍ଭବତୀ, ପ୍ରସୂତି ଓ ଶିଶୁ ଏହାର ପରିସର ହେବା ଉଚିତ। ଆଇସିଡିଏସ୍‌ର ପୁନର୍ଗଠନ କରି ଏହାକୁ ଅଧିକ ସୁଦୃଢ଼ କରିବା ସହିତ ଅଙ୍ଗନବାଡ଼ି କେନ୍ଦ୍ର ଓ ଆଶାକର୍ମୀଙ୍କ ମାଧ୍ୟମରେ କାର୍ଯ୍ୟ ପରିସରକୁ ଅଧିକ ବ୍ୟାପକ ତଥା ସୁସଂହତ କରିବାର ଆବଶ୍ୟକତା ରହିଛି।

୨) ଖାଦ୍ୟର ମାନବୃଦ୍ଧି : ଆଇସିଡିଏସ୍ ଭଳି ବିଭିନ୍ନ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଏବେ ଯେଉଁ ସବୁ ଖାଦ୍ୟ ଦିଆଯାଉଛି ତାହାର ପୌଷ୍ଟିକତା ଓ ମାନ ସୀମିତ। ଏସବୁ ଖାଦ୍ୟକୁ ଅଧିକ ପୁଷ୍ଟିକର ଓ ସ୍ୱାସ୍ଥ୍ୟ ଉପଯୋଗୀ କରିବା ପାଇଁ ଯେଉଁ 'ଫର୍ଟିଫିକେସନ' ବ୍ୟବସ୍ଥା ରହିଛି ସେଥିରେ ଆୟୋଡିନ୍ ମିଶ୍ରିତ ଲବଣ ବ୍ୟବହାର ଛଡ଼ା ଆଉ କିଛି ପ୍ରକ୍ରିୟା ପ୍ରାୟତଃ ନାହିଁ। ତେବେ ସେ ଯା' ହେଉ ଏବେ ଖାଦ୍ୟକୁ ପୋଷକ ତତ୍ତ୍ୱରେ ସୁଦୃଢ଼ (ଫର୍ଟିଫିକେସନ) କରିବା ପାଇଁ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) କେତେକ ନୂଆ ନୀତି ପ୍ରବର୍ତ୍ତନ କରିବାକୁ ଯାଉଛି। ଏହାଫଳରେ ଖାଦ୍ୟ ଏହାର ଦ୍ରବ୍ୟଗୁଣରେ ଅଧିକ ସମୃଦ୍ଧ ହେବା ସହିତ ଏଥିରେ କିଛି ଅତିରିକ୍ତ ପୋଷକ ତତ୍ତ୍ୱ ରହିବ। ଏହି ପ୍ରସ୍ତାବ




ଅନୁସାରେ ଲୁଣକୁ ପ୍ରଥମେ ଡବଲ ଫର୍ଟିଫାଏଡ୍ (ସମୃଦ୍ଧ) କରାଯାଇ ଏଥିରେ ଆୟୋଡିନ୍ ସହିତ ଆଇରନ୍ ମିଶାଯିବ। ଏହାଛଡ଼ା ଖାଇବା ତେଲକୁ ବାଧ୍ୟତାମୂଳକ ଭାବେ ମଧ୍ୟ ଅତିରିକ୍ତ ପୋଷକତତ୍ତ୍ୱ ମିଶ୍ରଣ ଦ୍ୱାରା ଫର୍ଟିଫାଏଡ୍ (ସମୃଦ୍ଧ) କରାଯିବ। ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଖାଇବାକୁ ଦିଆଯାଉଥିବା ଗରମ ରନ୍ଧାଖାଦ୍ୟର ମାନରେ ମଧ୍ୟ ପରିବର୍ତ୍ତନ ଅଣାଯିବାର ଆବଶ୍ୟକତା ରହିଛି। ଏଥିରେ ଫର୍ଟିଫାଏଡ୍ ସାମଗ୍ରୀ ବ୍ୟବହାର କରାଯିବା ଆବଶ୍ୟକ। ଏହା ଫଳରେ ପାଞ୍ଚ ବର୍ଷରୁ କମ୍ ବୟସର ପିଲାଏ ଖାଉଥିବା ଏହି ରନ୍ଧା ଖାଦ୍ୟ ମାଧ୍ୟମରେ ଯଥେଷ୍ଟ କ୍ୟାଲୋରୀ ଓ ଅନ୍ୟାନ୍ୟ ଅତି ଦରକାରୀ ପୋଷକ ତତ୍ତ୍ୱ ପାଇପାରିବେ।

୩) ବିବିଧ ଯୋଗଦାନକାରୀ କାରକ ଉପରେ ଲକ୍ଷ୍ୟ : ଭାରତର 'ଲୁକ୍କାୟିତ କ୍ଷୁଧା'ର କାରଣ ଅନେକ ଏବଂ ଏହାର ନିରାକରଣ କେବଳ ପ୍ରତ୍ୟକ୍ଷ ପୁଷ୍ଟିସାଧନ ବ୍ୟବସ୍ଥା ଦ୍ୱାରା ସମ୍ଭବ ନୁହେଁ। ଏଥିପାଇଁ ବିଭିନ୍ନ ଯୋଗଦାନକାରୀ କାରକ (ମଲଟିପୁଲ୍ କଣ୍ଟ୍ରିବ୍ୟୁଟିଂ ଫାକ୍ଟର) ଉପରେ ନଜର ରଖିବାକୁ ପଡ଼ିବ। ୨୦୧୪ ପରେ ବର୍ତ୍ତମାନର ସରକାର ଆରମ୍ଭ କରିଥିବା ସ୍ୱଚ୍ଛଭାରତ ଅଭିଯାନ ଦେଶର ପରିମଳ ଓ ପରିଚ୍ଛନ୍ନ ବ୍ୟବସ୍ଥାରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଏହାଦ୍ୱାରା ଲୋକଙ୍କ ଶୌଚାଳୟ ବ୍ୟବହାର ଅଭ୍ୟାସ ବୃଦ୍ଧି ପାଇଛି। ଏହି ଶୌଚାଳୟ ବ୍ୟବହାରକୁ ଦେଶବ୍ୟାପୀ ସଫଳ କରିବା ପାଇଁ ଲୋକଙ୍କ ଅଭ୍ୟାସରେ ପରିବର୍ତ୍ତନ ଆଣିବା ପ୍ରଥମ ଆବଶ୍ୟକତା। ପୁଷ୍ଟିସାଧନ ସହ ନିରାପଦ ଜଳ, ପରିମଳ ଓ ସ୍ୱାସ୍ଥ୍ୟସେବା (ୱାସ୍)ର ସିଧାସଳଖ ସମ୍ପର୍କ ରହିଛି।

୪) କୃଷିନୀତିକୁ ପୁଷ୍ଟିସାଧନ ସହ ଯୋଡ଼ିବା : ଦେଶର ପୁଷ୍ଟିସାଧନ ନୀତି ସହ କୃଷିନୀତିର ପ୍ରତ୍ୟକ୍ଷ ସମ୍ପର୍କ ଓ ସମନ୍ୱୟ ରହିବା ଆବଶ୍ୟକ। ନିଜ ବ୍ୟବହାର ପାଇଁ ସ୍ଥାନୀୟ ଭାବେ ପୁଷ୍ଟିକର ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଫସଲ ଉତ୍ପାଦନ ପାଇଁ

ଚାଷୀଙ୍କୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ଲୋକେ ଶସ୍ତା ଓ ସୁବିଧାରେ ପୁଷ୍ଟିସାର ଜାତୀୟ ଖାଦ୍ୟ ପାଇପାରିବେ ଏବଂ ପୋଷକତତ୍ତ୍ୱ ଅଭାବ ଜନିତ ସମସ୍ୟାର ସମାଧାନ ସହଜ ହେବ । ଏହାଛଡ଼ା ପ୍ରଚଳିତ କୃଷି ପ୍ରୋତ୍ସାହନ ବ୍ୟବସ୍ଥାରେ ଥିବା ବିସଂଗତିକୁ ଦୂର କରି ଅଧିକ ଅର୍ଥକରୀ ଫସଲ ଉତ୍ପାଦନକୁ ନିରୁତ୍ସାହିତ କରିବା ଆବଶ୍ୟକ । କପା, ଆଖୁ ଭଳି ଏହି ଅର୍ଥକରୀ ଫସଲ ଚାଷ ବ୍ୟୟବହୁଳ ଏବଂ ଏଥିରେ ପୋଷକ ତତ୍ତ୍ୱ ମଣିଷ ପାଇଁ କିଛି ନ ଥାଏ । ପୁଷ୍ଟିକର ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ସରକାର ସଚେତନତା ସୃଷ୍ଟି କରିବା ସହ ପିପିପି ବ୍ୟବସ୍ଥାରେ ଏସବୁ ଫସଲର ଉତ୍ପାଦନ ପାଇଁ ସୁବିଧା ସୁଯୋଗ ଯୋଗାଇଦେବା ଆବଶ୍ୟକ ।

**ଉପସଂହାର:**

ଏକ ସୁସ୍ଥ ଲୋକବଳ ନିରନ୍ତର ବିକାଶର ପ୍ରଥମ ଆବଶ୍ୟକତା । କିଶୋର ଓ ଯୁବଶକ୍ତି ସୁସ୍ଥ ସବଳ ହେଲେ ଦେଶ ଭବିଷ୍ୟତରେ ସେମାନଙ୍କଠାରୁ ଯଥେଷ୍ଟ କିଛି ପ୍ରତିଦାନରେ ପାଇପାରିବ । ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଏକ ତାଲିମପ୍ରାପ୍ତ କୁଶଳୀ ଲୋକଶକ୍ତି ଉପରେ ନିର୍ଭରଶୀଳ । ବିଶ୍ୱର ସର୍ବାଧିକ ଶିଶୁ ଭାରତରେ ସ୍ୱାସ୍ଥ୍ୟଗତ ବିକାଶ ଦୃଷ୍ଟିରୁ ବିପଦାପନ୍ନ । ୨୦୧୦ ତଥ୍ୟ ଅନୁସାରେ ଦେଶର ୧୨୧ ନିୟୁତ ଶିଶୁ (ପାଞ୍ଚବର୍ଷରୁ କମ୍)ଙ୍କ ମଧ୍ୟରୁ ୫୨ଶତାଂଶ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ବିପଦାପନ୍ନ ସ୍ଥିତିରେ ଅଛନ୍ତି । ଦେଶର ଆର୍ଥିକ ଗୁରୁତ୍ୱ ଓ ପ୍ରଭାବ ବୃଦ୍ଧି ପରିପ୍ରେକ୍ଷୀରେ ଶିଶୁ କିଶୋରଙ୍କ ପାଇଁ ଏକ ସମନ୍ୱିତ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅପରିହାର୍ଯ୍ୟ । ଶିଶୁର ଜୀବନର ପ୍ରଥମ ଏକହଜାର ଦିନ ପୁଷ୍ଟିସାଧନ, ବିକାଶ ଓ ସ୍ୱାସ୍ଥ୍ୟ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ସମୟସୀମା ମଧ୍ୟରେ ସେମାନଙ୍କ ପୁଷ୍ଟିସାଧନ ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନିଶ୍ଚିତ କରିବାକୁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯିବା ଉଚିତ । ତେବେ ଯାଇଁ ଭାରତ ବିକାଶ ପ୍ରକ୍ରିୟା ସ୍ଥିର ନିଶ୍ଚିତ ଭିତ୍ତିଭୂମି ପାଇପାରିବ । ଜାତୀୟ ପୁଷ୍ଟିସାଧନ ମିଶନ କାର୍ଯ୍ୟକ୍ରମରେ ଭାରତ ଏ ଦିଗରେ ଅଙ୍ଗୀକାରବଦ୍ଧ କାର୍ଯ୍ୟ ଆରମ୍ଭ କରିଛି । ଏହାଦ୍ୱାରା କୁପୋଷଣର ସମ୍ମୁଖୀନ ଦେଶର ଶିଶୁ ଓ ମହିଳାଙ୍କ ସମସ୍ୟାର ସମାଧାନ ହୋଇପାରିବ । ଆମର ପୁଷ୍ଟିସାଧନ ଲକ୍ଷ୍ୟ ପୂରଣ ପାଇଁ ଯେଉଁ ପ୍ରୟାସ ଚାଲିଛି ତାହାର ସଫଳ କାର୍ଯ୍ୟକାରିତା ଉପରେ ସବୁ ନିର୍ଭର କରୁଛି ।



**ଟେବୁଲ-୫ : ପୁଷ୍ଟିସାଧନଭିତ୍ତିକ ହସ୍ତକ୍ଷେପ (ଶିଶୁ ଜୀବନର ପ୍ରଥମ ଏକହଜାର ଦିନର ଆବଶ୍ୟକତା ଅନୁସାରେ)**

| ଧାର୍ଯ୍ୟ ଲକ୍ଷ୍ୟ ପରିସରରେ ଥିବା ଗୋଷ୍ଠୀ | ଯୋଜନା | ଗୁରୁତ୍ୱପୂର୍ଣ୍ଣ ହସ୍ତକ୍ଷେପ ବା କାର୍ଯ୍ୟକ୍ରମ |
|---|---|---|
| ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳା | ଆଇସିଡିଏସ୍ | ଆଇସିଡିଏସ୍ : ଅତିରିକ୍ତ ପୁଷ୍ଟିସାଧନ, ପଥ୍ୟ ପରାମର୍ଶ, ବିଶ୍ରାମ ଓ ସନ୍ତ୍ୟପାନ, ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ଶିକ୍ଷା |
| | ଇନ୍ଦିରା ଗାନ୍ଧୀ ମାତୃତ୍ୱ ସହଯୋଗ ଯୋଜନା | ସର୍ତ୍ତମୂଳକ ମାତୃତ୍ୱ ସୁବିଧା |
| | ରିପ୍ରଡକ୍ଟିଭ୍ ଚାଇଲଡ୍ ହେଲ୍ଥ, ନେଶନାଲ ରୁରାଲ୍ ହେଲ୍ଥ ମିଶନ, ଜନନୀ ସୁରକ୍ଷା ଯୋଜନା | ପ୍ରସବ ପରବର୍ତ୍ତୀ ଯତ୍ନ, ପରାମର୍ଶ, ଆଇରନ୍ ସପ୍ଲିମେଣ୍ଟ ପ୍ରଦାନ, ଟିକାକରଣ, ଆନୁଷ୍ଠାନିକ ପ୍ରସବ ପାଇଁ ପରିବହନ ବ୍ୟବସ୍ଥା, ଅର୍ଥଗତ ଲାଭ, ଶିଶୁ ଯତ୍ନ ଏବଂ ସ୍ତନପାନ ତଥା ସନ୍ତାନ ଜନ୍ମ ମଧ୍ୟରେ ବ୍ୟବଧାନ ସମ୍ପର୍କୀୟ ସଚେତନତା ଏନ୍ଆର୍ଏଚ୍ଏମ୍ଦ୍ୱାରା କରାଯାଉଛି |
| ଶିଶୁ (୦ ରୁ ୩ବର୍ଷ) | ଆଇସିଡିଏସ୍ | ଆଇସିଡିଏସ୍ - ଅତିରିକ୍ତ ପୁଷ୍ଟିସାଧନ, ଅଭିବୃଦ୍ଧିର ତଦାରଖ, ମା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଶିକ୍ଷା ସଂକ୍ରାନ୍ତ ପରାମର୍ଶ, ଶିଶୁଙ୍କ ବିକାଶ ଏବଂ ସେମାନଙ୍କୁ ଖୁଆଇବା ସଂକ୍ରାନ୍ତ ପରାମର୍ଶ ଓ ତାଲିମ, କୁପୋଷଣ ଓ ଅସୁସ୍ଥ ଶିଶୁଙ୍କ ଚିକିତ୍ସା ବ୍ୟବସ୍ଥା |
| | ଆରସିଏଚ୍-ଦୁଇ ଓ ଏନ୍ଆରଏଚ୍ଏମ୍ | ଏନ୍ଆର୍ଏଚ୍ଏମ୍ : ଗୃହଭିତ୍ତିକ ନବଜାତ ଯତ୍ନ, ଟିକାକରଣ, ଅତିରିକ୍ତ ମାଇକ୍ରୋ ନ୍ୟୁଟ୍ରାଣ୍ଟ ପ୍ରଦାନ, କୃମୀ ଚିକିତ୍ସା, ସ୍ୱାସ୍ଥ୍ୟ ପରୀକ୍ଷା, ଶୈଶବ ଜନିତ ଅସୁସ୍ଥତାର ପରିଚାଳନା, ମାତ୍ରାଧିକ ପୁଷ୍ଟିହୀନତାର ମୁକାବିଲା, ଶିଶୁଙ୍କ ଜନ୍ମର ପ୍ରଥମ ମାସରେ ନଗଦ ବିହୀନ ବିଶେଷ ଚିକିତ୍ସା, ନବଜାତ ଅସୁସ୍ଥ ଶିଶୁର ଯତ୍ନ ଇତ୍ୟାଦି |
| | ରାଜୀବ ଗାନ୍ଧୀ ଜାତୀୟ କ୍ରେଚ୍ ଯୋଜନା | କର୍ମଜୀବୀ ମହିଳାଙ୍କ ଶିଶୁଙ୍କ ଯତ୍ନ ଓ ଦେଖାଶୁଣା ପାଇଁ ସହାୟତା ପ୍ରଦାନ |

**ଲେଖିକା ହେଉଛନ୍ତି ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଜଣେ ସଦସ୍ୟା ।**

# ଭିତ୍ତିଭୂମିକୁ ପ୍ରୋତ୍ସାହନ ବିକାଶକୁ ତ୍ୱରାନ୍ୱିତ କରିବ

● ହିରଣ୍ମୟ ରାୟ

ବିଦେଶୀ ନିବେଶକ, ଘରୋଇ ଅଂଶୀଦାରଙ୍କ ସହଯୋଗ ତଥା ନିଜସ୍ୱ ଅର୍ଥ ବିନିଯୋଗ କରି ଭାରତ ସରକାର ଭିତ୍ତିଭୂମି କ୍ଷେତ୍ରରେ ବଡ଼ଧରଣର ପ୍ରକଳ୍ପ କାର୍ଯ୍ୟମାନ ହାତକୁ ନେବାକୁ ନିଜର ଅଙ୍ଗୀକାର ଘୋଷଣା କରିଛନ୍ତି। ଭିତ୍ତିଭୂମି କ୍ଷେତ୍ରରେ ଏଭଳି କିଛି ଇଲାକା ରହିଛି ଯେଉଁଠି ପ୍ରକଳ୍ପର ଆକାର ଓ ବାହ୍ୟ ଦିଗ ଏହାକୁ ନିର୍ଦ୍ଧାରିତ ସମୟରେ ଧାର୍ଯ୍ୟ ରାଜସ୍ୱ ମଧ୍ୟରେ ନିର୍ମାଣ କରିବାର ସୁଯୋଗ ଦିଏନାହିଁ। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଏକ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱତନ୍ତ୍ର ବାତାୟନ ଖୋଲାଯାଇ ଅର୍ଥ ଯୋଗାଡ଼ ପୂର୍ବକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବ୍ୟବସ୍ଥା ହୋଇଛି।

ସହରାୟନ ଉଭୟ ଏକ ସୁଯୋଗ ଓ ଅଗ୍ରାଧିକାର। ଏହାକୁ ଦୃଷ୍ଟିରେ ରଖି ସରକାର ଦୁଇଟି ଆନ୍ତଃସଂଯୁକ୍ତ କାର୍ଯ୍ୟକ୍ରମ 'ସ୍ମାର୍ଟ ସିଟି ମିଶନ' ଓ ଅମୃତ କାର୍ଯ୍ୟକାରୀ କରିଛନ୍ତି। ସ୍ମାର୍ଟ ସିଟି ମିଶନର ଲକ୍ଷ୍ୟ ହେଲା ଅତ୍ୟାଧୁନିକ ସୁବିଧା ସୁଯୋଗ ଥିବା ୧୦୦ ସ୍ମାର୍ଟ ସିଟି ଦେଶରେ ନିର୍ମାଣ କରିବା। ଏଥିପାଇଁ ୯୯ଟି ସ୍ମାର୍ଟ ସିଟି ମନୋନୀତ ହୋଇସାରିଲାରି ଏବଂ ଏସବୁର ନିର୍ମାଣ ନିମନ୍ତେ ୨.୦୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏସବୁ ସହର ଇତିମଧ୍ୟରେ ସ୍ମାର୍ଟ କମାଣ୍ଡ୍ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର, ସ୍ମାର୍ଟ ରୋଡ୍, ସୋଲାର ରୁଫ୍‌ଟପ୍ ଇଣ୍ଟେଲିଜେଣ୍ଟ ଟ୍ରାନ୍ସପୋର୍ଟ ସିଷ୍ଟମ ଓ ସ୍ମାର୍ଟ ପାର୍କ ଭଳି ବିଭିନ୍ନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି। ଇତିମଧ୍ୟରେ ୨୩୫୦ କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ଆଉ ୨୦,୮୫୨ କୋଟି ଟଙ୍କାର କାମ ଚାଲିଛି।

ଦେଶରେ ଐତିହ୍ୟସମ୍ପନ୍ନ ସହରଗୁଡ଼ିକର ପ୍ରତିଷ୍ଠା ଓ ଐତିହ୍ୟକୁ ସୁରକ୍ଷା ଓ ପୁନଃଜାଗରଣ କରିବା ଉଦ୍ଦେଶ୍ୟରେ ନେଶନାଲ ହେରିଟେଜ୍ ସିଟି ଡେଭେଲପମେଣ୍ଟ ଆଣ୍ଡ୍ ଅପମେଣ୍ଟେସନ୍ ଯୋଜନା 'ହୃଦୟ' ବ୍ୟାପକ ଆକାରରେ କାର୍ଯ୍ୟକାରୀ ହେଉଛି। ଅମୃତ ଯୋଜନା ୫୦୦ସହରରେ ପ୍ରତ୍ୟେକ ଘରକୁ ଜଳଯୋଗାଣ ଉପରେ ଗୁରୁତ୍ୱ ଦେଉଛି। ଏହି ୫୦୦ ସହର ପାଇଁ ୭୭,୬୪୦କୋଟି ଟଙ୍କାର ରାଜ୍ୟସ୍ତରୀୟ ଯୋଜନା ଇତିମଧ୍ୟରେ ଅନୁମୋଦନ ଲାଭ କରିଛି। ମୋଟ୍ ୧୯,୪୨୮ କୋଟି ଟଙ୍କା ବ୍ୟୟରେ ୪୯୪ଟି ଜଳଯୋଗାଣ ପ୍ରକଳ୍ପ ନିମନ୍ତେ ଠିକା ପ୍ରଦାନ



କରାଯାଇଛି । ସେହିଭଳି ୧୨,୪୨୯କୋଟି ଟଙ୍କାର ୨୭୨ଟି ସିଓରେଜ ନିର୍ମାଣ ଠିକା ଚୂଡ଼ାନ୍ତ ହୋଇ କାର୍ଯ୍ୟାଦେଶ ସଂପୃକ୍ତ ପକ୍ଷଙ୍କୁ ଦିଆଯାଇଛି । ଭାରତ ଭିତ୍ତିଭୂମି ଅର୍ଥ ନିଗମ ଲିମିଟେଡ୍ ବା ଆଇଆଇଏଫ୍‌ସିଏଲ୍ ମାଧ୍ୟମରେ ପ୍ରମୁଖ ପ୍ରକଳ୍ପ ନିମନ୍ତେ ଅର୍ଥ ଯୋଗାଇଦେବାକୁ ସରକାର ବ୍ୟବସ୍ଥା କରିଛନ୍ତି । ଏହି ନିଗମ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅନ୍ୟାନ୍ୟ ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥ ଯୋଗାଇଦେବାକୁ ଅଧିକୃତ ହୋଇଛି ।

ସଡ଼କ ଭିତ୍ତିଭୂମି ନିର୍ମାଣ ଓ ବିକାଶ କ୍ଷେତ୍ରରେ ସରକାର ସଫଳତାର ଏକ ନୂତନ ଉଚ୍ଚତାରେ ପହଞ୍ଚିଛନ୍ତି । ୨୦୧୭-୧୮ ବର୍ଷ ସୁଦ୍ଧା ୯୦୦୦କିଲୋମିଟରରୁ ଅଧିକ ଦୈର୍ଘ୍ୟ ଜାତୀୟ ରାଜପଥ ନିର୍ମାଣ ଶେଷ କରିବାକୁ ସରକାର ଆଶା ରଖିଥିଲେ । ସେହିଭଳି ମହତ୍ୱାକାଂକ୍ଷୀ ଭାରତମାଳା ପରିଯୋଜନା ଅନୁମୋଦିତ ହୋଇଛି । ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୫.୩୫ ଲକ୍ଷ କୋଟି ଟଙ୍କା ବ୍ୟୟରେ ୩୫ହଜାର କିଲୋମିଟର ରାଜପଥର ବିକାଶ କରାଯିବ । ଦେଶର ଆଭ୍ୟନ୍ତରୀଣ, ଅନଗ୍ରସର ଓ ସୀମାନ୍ତ ଅଞ୍ଚଳ ସହିତ ବାଧାରହିତ ସଡ଼କଯୋଗାଯୋଗ ପ୍ରତିଷ୍ଠା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ।

ଶକ୍ତି କ୍ଷେତ୍ରରେ ସରକାରଙ୍କ ଉକ୍ତି ହେଲା, ଶକ୍ତି କ୍ରୟ ଚୁକ୍ତିକୁ କାର୍ଯ୍ୟକାରୀ କରିବାକୁ ଆଇନରେ ପରିବର୍ତ୍ତନ ହେବ । କୌଣସି ଏକ ରାଜ୍ୟ ବା ଡିସ୍କମ୍‌ର ବାର୍ଷିକ ହାରାହାରି ଚାହିଦା ପୂରଣ ପାଇଁ ଶକ୍ତିକ୍ରୟ ରାଜିନାମାରେ ଶତପ୍ରତିଶତ ଅର୍ଥ ଯୋଗାଇଦେବାକୁ କେନ୍ଦ୍ର ରାଜି । ଏହା ପଛରେ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ହେଲା ଭାରତର ମୁଣ୍ଡପିଛା ଶକ୍ତି ବ୍ୟବହାର ବୃଦ୍ଧି କରିବା । ଏବେ ଭାରତର ମୁଣ୍ଡପିଛା ଶକ୍ତି ବ୍ୟବହାର ପ୍ରାୟ ୧୦୦୦କେଡବ୍ଲ୍ୟୁଏଚ୍ ରହିଛି ଯାହା ବିଶ୍ୱରେ ସର୍ବନିମ୍ନ । ତୁଳନାତ୍ମକ ଭାବେ ଦେଖିଲେ ଏହି ଶକ୍ତି ବ୍ୟବହାର ଚୀନ୍‌ରେ ମୁଣ୍ଡପିଛା ୪,୦୦୦କେଓ୍ୱଏଚ୍ । ବିଶ୍ୱର ବିକଶିତ ଦେଶ ସମୂହରେ ଏହି ହାର ମୁଣ୍ଡପିଛା ପ୍ରାୟ ୧୫,୦୦୦ କେଓ୍ୱଏଚ୍ । ସରକାର ମଧ୍ୟ ବର୍ତ୍ତମାନର ଶକ୍ତି ଆବଣ୍ଟନକାରୀ କମ୍ପାନୀ ସମୂହଙ୍କର



ସହରାୟନ ଉଭୟ ଏକ ସୁଯୋଗ ଓ ଅଗ୍ରାଧିକାର । ଏହାକୁ ଦୃଷ୍ଟିରେ ରଖି ସରକାର ଦୁଇଟି ଆନ୍ତଃସଂଯୁକ୍ତ କାର୍ଯ୍ୟକ୍ରମ 'ସ୍ମାର୍ଟ ସିଟି ମିଶନ' ଓ ଅମୃତ କାର୍ଯ୍ୟକାରୀ କରିଛନ୍ତି । ସ୍ମାର୍ଟ ସିଟି ମିଶନର ଲକ୍ଷ୍ୟ ହେଲା ଅତ୍ୟାଧୁନିକ ସୁବିଧା ସୁଯୋଗ ଥିବା ୧୦୦ ସ୍ମାର୍ଟ ସିଟି ଦେଶରେ ନିର୍ମାଣ କରିବା । ଏଥିପାଇଁ ୯୯ଟି ସ୍ମାର୍ଟ ସିଟି ମନୋନୀତ ହୋଇସାରିଲାଣି ଏବଂ ଏସବୁର ନିର୍ମାଣ ନିମନ୍ତେ ୨.୦୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏସବୁ ସହର ଇତିମଧ୍ୟରେ ସ୍ମାର୍ଟ କମାଣ୍ଡ୍ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର, ସ୍ମାର୍ଟ ରୋଡ୍, ସୋଲାର ରୁଫ୍‌ଟପ୍ ଇଣ୍ଟେଲିଜେଣ୍ଟ ଟ୍ରାନ୍ସପୋର୍ଟ ସିଷ୍ଟମ ଓ ସ୍ମାର୍ଟ ପାର୍କ ଭଳି ବିଭିନ୍ନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି । ଇତିମଧ୍ୟରେ ୨୩୫୦ କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ଆଉ ୨୦,୮୫୨ କୋଟି ଟଙ୍କାର କାମ ଚାଲିଛି ।


କ୍ୟାରେଜ ଓ କଣ୍ଟେଣ୍ଟ ଅପରେସନ୍ ବ୍ୟବସ୍ଥାର ବଡ଼ଧରଣର ସଂସ୍କାର ଆଣିବାକୁ ଯାଉଥିବା ଚର୍ଚ୍ଚା ହେଉଛି । ବିଜୁଳି କ୍ଷେତ୍ରରେ ଆବଣ୍ଟନ ଜନିତ ସମସ୍ତ କାର୍ଯ୍ୟ 'କ୍ୟାରେଜ୍' ଅନ୍ତର୍ଭୁକ୍ତ ଏବଂ ଶକ୍ତି ବା ବିଜୁଳି କଣ୍ଟେଣ୍ଟ ଭାବେ ପରିଚିତ । ଶିଳ୍ପାନୁଷ୍ଠାନ ଭାଷାରେ ଏହା 'ଓ୍ୱାୟାର ଓ ସପ୍ଲାଏ' । ଏହି ବ୍ୟବସ୍ଥା ଅଲଗା ହେଲେ ଭାରତରେ ଜନସାଧାରଣ ଓ କମ୍ପାନୀ ନିଜର ମନପସନ୍ଦ ମୁତାବକ ଶକ୍ତି ଉତ୍ପାଦନକାରୀ କମ୍ପାନୀଠାରୁ ବିଜୁଳି କିଣି ପାରିବେ । ସେହି ବିଜୁଳିକୁ ଆଖପାଖରେ ଉପଲବ୍ଧ ଆବଣ୍ଟନ ବ୍ୟବସ୍ଥାରେ ନିଜ ନିଜ ଅଞ୍ଚଳକୁ ନେଇ ବ୍ୟବହାର କରିବାର ସୁଯୋଗ ପାଇବେ । ଏଥିରେ ବିଜୁଳି ଗ୍ରାହକଙ୍କୁ କେବଳ ପସନ୍ଦ ମୁତାବକ ଶକ୍ତି କିଣିବାର ସୁଯୋଗ ମିଳିବ ନାହିଁ, ସେମାନେ ମଧ୍ୟ ତୀବ୍ର ପ୍ରତିଯୋଗିତା ଯୋଗୁଁ କମ୍ ମୂଲ୍ୟରେ ବିଜୁଳି ପାଇବେ । ନିର୍ଦ୍ଦିଷ୍ଟ ବିତରଣକାରୀ କମ୍ପାନୀଙ୍କ ଏକଚାଟିଆ ଅଧିକାରର ଅବସାନ ଘଟିବ । ଏହା ଶିଳ୍ପ ସଂସ୍ଥାଙ୍କ କ୍ରସ୍ ସବ୍‌ସିଡି ଟାରିଫ୍‌କୁ ହ୍ରାସ କରିବା ସହ ବିଜୁଳି ଦର ହ୍ରାସରେ ସହାୟକ ହେବ । ବିଜୁଳି ଶସ୍ତାରେ ମିଳିଲେ ଶିଳ୍ପ ବାଣିଜ୍ୟର ପ୍ରସାର ଘଟିବ ଏବଂ ସରକାରଙ୍କ 'ମେକ୍‌ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ

ପ୍ରୋତ୍ସାହନ ମିଳିବ। ବିଜୁଳି କ୍ଷେତ୍ରରେ ଯେଉଁ ସବ୍‌ସିଡି ସରକାର ଦେଇଛନ୍ତି ତାହା ପ୍ରକୃତ ହିତାଧିକାରୀ ନିକଟରେ ଯେପରି ପହଞ୍ଚେ ସେଥିପାଇଁ ସରକାର ଏକ ପ୍ରତ୍ୟକ୍ଷ ଲାଭ ପ୍ରଦାନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପ୍ରୟାସ କରୁଛନ୍ତି। ଏଥିପାଇଁ ନୀତି ଆୟୋଗ ପକ୍ଷରୁ ଏକ ଚିଠା ପ୍ରସ୍ତୁତ କରାଯାଇଛି।

ଆବାସ କ୍ଷେତ୍ରରେ ସହରାଞ୍ଚଳ ଗରିବଙ୍କୁ ମୌଳିକ ସେବା କାର୍ଯ୍ୟକ୍ରମରେ ସ୍ୱଳ୍ପ ଆୟକାରୀ ବର୍ଗ (ଏଲ୍‌ଆଇଜି) ଘର ଯୋଗାଇ ଦିଆଯାଉଛି। ଏହାଛଡ଼ା ପରବର୍ତ୍ତୀ କାଳରେ ରାଜୀବ ଆବାସ ଯୋଜନା ଓ ଜେଏନ୍‌ଏନ୍‌ୟୁଆର୍‌ଏମ୍ ଯୋଜନାରେ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମ ଏବଂ ସମନ୍ୱିତ ଆବାସ ନିର୍ମାଣ ଯୋଜନା ହାତକୁ ନିଆଯାଇଛି। ଏହି ଯୋଜନାର ସବୁଠୁ ବଡ଼ ଆହ୍ୱାନ ହେଲା ଉପଯୁକ୍ତ ଜମିର ଅଭାବ। ୨୦୧୨-୨୦୧୭ କାଳରେ ତତ୍କାଳୀନ ଯୋଜନା ଆୟୋଗ ଏଥିପାଇଁ ଜମିର ମାନ ଓ ପରିବେଶ ନିର୍ଦ୍ଧାରଣ କରିବା ସହ ଏହାର ଯଥାଯଥ ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। କେତେକ ସ୍ଥାନରେ ମାତ୍ରାଧିକ ନିୟନ୍ତ୍ରଣ ବ୍ୟବସ୍ଥା ଓ ଆଉ କେତେକ କ୍ଷେତ୍ରରେ ଦୀର୍ଘ ମିଆଦୀ ସହରାଞ୍ଚଳ ବିକାଶ ଯୋଜନାର ଅଭାବ ଯୋଗୁଁ ଉପଯୁକ୍ତ ଜମି ଯୋଗାନ କରିବା ବଡ଼ ପ୍ରଶ୍ନ ହୋଇଛି। ଏ କ୍ଷେତ୍ରରେ ସହଯୋଗ ଭିତ୍ତିକ ଯୋଜନା ପ୍ରକ୍ରିୟାର ଅଭାବ ଅସୁବିଧା ସୃଷ୍ଟି କରୁଛି। ଅତଏବ ଆବାସ ନିର୍ମାଣରେ ବିଳମ୍ବ ଯୋଗୁଁ ପ୍ରକଳ୍ପର ବ୍ୟୟ ବଢୁଛି ଏବଂ ଠିକ୍ ସମୟରେ ଧାର୍ଯ୍ୟ ମୂଲ୍ୟରେ ହିତାଧିକାରୀଙ୍କୁ ଘର ଯୋଗାଇ ହେଉନାହିଁ।

ସହରାଞ୍ଚଳ ଭିତ୍ତିଭୂମି ଓ ଶାସନ (ୟୁଆଇଜି)ର ନୀତି ଅନୁସାରେ କୌଣସି ସରକାରୀ ଜାଗାରେ ଆବାସ ପ୍ରକଳ୍ପ ନିର୍ମାଣ କରିବାକୁ ହେଲେ ସେଠାରେ ଯଦି ବେଆଇନ ବସ୍ତୀ ଥାଏ ତାହାକୁ ପ୍ରଥମେ ଉଚ୍ଛେଦ କରିବାକୁ ପଡ଼ିବ। ଏହାଛଡ଼ା ଉଚ୍ଛେଦ ହୋଇଥିବା ଲୋକମାନଙ୍କୁ ଉପଯୁକ୍ତ ଭାବେ ଥଇଥାନ କରିବାକୁ ହେବ। ରାଜୀବ ଆବାସ ଯୋଜନାରେ ଏ କ୍ଷେତ୍ରରେ ଅଳ୍ପ କିଛି କାଳ କାମ ହେବା ପରେ ୨୦୧୫ରେ ସମସ୍ତଙ୍କ ପାଇଁ ଘର (ସହରାଞ୍ଚଳ) ଯୋଜନା ଆରମ୍ଭ ହେଲା। ରାଜୀବ ଆବାସ ଯୋଜନାରେ ୨୦୧୩ ରୁ ୧୫ ମଧ୍ୟରେ ୧୧୭,୭୦୭ ଘର ମଞ୍ଜୁର ହୋଇଥିବାବେଳେ ମାତ୍ର ୩୩୭୮ଟି ସମ୍ପୂର୍ଣ୍ଣ ହୋଇଥିଲା। ସମସ୍ତଙ୍କ ପାଇଁ ଆବାସ ଯୋଜନାରେ ୨୦୨୨ସୁଦ୍ଧା ସବୁ ଗରିବଙ୍କୁ ଘର ଯୋଗାଇ ଦେବାର ଲକ୍ଷ୍ୟ ସରକାର ରଖିଛନ୍ତି। ଆବାସ କ୍ଷେତ୍ର ପାଇଁ ୨୦୧୫-୧୬ରେ କେନ୍ଦ୍ର ସରକାର ୪୦ ବିଲିୟନ ଟଙ୍କାର ବ୍ୟୟ ବରାଦ କରିଥିବାବେଳେ ଯୋଜନାର ବ୍ୟାପକତା ଦୃଷ୍ଟିରୁ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଆବାସ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି।

ପରିବହନ କ୍ଷେତ୍ରରେ ଭାରତ ସରକାରଙ୍କ ମନ୍ତ୍ରିସ୍ତରୀୟ ଗୋଷ୍ଠୀର ସୁପାରିଶକୁ କାର୍ଯ୍ୟକାରୀ କରାଯାଇ ସମନ୍ୱିତ ପରିବହନ ଭିତ୍ତିଭୂମୀ ବିକାଶ କାର୍ଯ୍ୟ ହାତକୁ ନିଆଯାଇଛି। ମନ୍ତ୍ରିସ୍ତରୀୟ କମିଟି ଯାତ୍ରୀ ଓ ଯାନବାହାନ ଭିଡ଼ ହ୍ରାସ, ମାଲ୍ ପରିବହନର ସୁଗମତା ଏବଂ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ କଥା



ସେବାବଦ ବ୍ୟୟ ଆଦି କଥାକୁ ଅନୁଧ୍ୟାନ କରି ୨୦ ବର୍ଷର ଆବଶ୍ୟକତା ପୂରଣ ପାଇଁ ପଦକ୍ଷେପ ନେବାକୁ ସୁପାରିଶ କରିଥିଲେ। ଏହି ସୁପାରିଶର ଉଲ୍ଲେଖନୀୟ ଦିଗ ହେଲା ଏକ ଆଧୁନିକ, ତ୍ୱରିତ, ଶସ୍ତା ଓ ସ୍ମାର୍ଟ ପରିବହନ ବ୍ୟବସ୍ଥାର ବିକାଶ କରିବା। ଏଥିରେ ନିୟାମକ ବ୍ୟବସ୍ଥା ସହ ନୀତି ନିର୍ଦ୍ଧାରଣ ଓ ପୁଞ୍ଜି ନିବେଶର ବ୍ୟବସ୍ଥା ପାଇଁ ମଧ୍ୟ ସୁପାରିଶ କରାଯାଇଛି।

ସରକାର ଯେଉଁ ସବୁ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ହାତକୁ ନେଇଛନ୍ତି ସେଥିରେ ରହିଛି ଅନ୍ତର୍ଦେଶୀୟ ଜଳପଥର ବିକାଶ, ଉପକୂଳ ଜାହାଜ ଚଳାଚଳ ବ୍ୟବସ୍ଥା, ରେଳବାଇର ଉତ୍ସର୍ଗୀକୃତ ଫ୍ରେଟ୍ କରିଡର, ଇଲେକଟ୍ରୋନିକ ଟୋଲିଂ ବ୍ୟବସ୍ଥା, ମେଟ୍ରୋ, ବସ୍, ସହରାଞ୍ଚଳ ପରିବହନ ପାଇଁ ରାପିଡ୍ କମନ ଟିକେଟିଂ ଭଳି ସର୍ବସାଧାରଣ ପରିବହନ ବ୍ୟବସ୍ଥାର ବିକାଶ। ପରିବହନ ନୀତିରେ ବିକଳ୍ପ ତଥା ପ୍ରତିଯୋଗିତାମୂଳକ ପରିବହନକୁ ଅଗ୍ରାଧିକାର ଦିଆଯାଇଛି। ଏହାଛଡ଼ା ସମନ୍ୱିତ ପରିବହନ ବ୍ୟବସ୍ଥାରେ ଲୋକେ ଯେପରି କମ୍ ଖର୍ଚ୍ଚରେ ସୁବିଧାରେ ଯିବା ଆସିବା କରିପାରିବେ ତା' ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି।

୨୦୧୮ କେନ୍ଦ୍ରୀୟ ବଜେଟ ଭିତ୍ତିଭୂମି କ୍ଷେତ୍ର ପାଇଁ ନିର୍ଣ୍ଣାୟକ ସ୍ଥାପିତ ହୋଇଛି। ସରକାର ଏହି କ୍ଷେତ୍ରର ବିକାଶ ପାଇଁ ବଜେଟରେ ନାନାବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ଷେତ୍ରର ରଣନୀତିକ ଗୁରୁତ୍ୱ ଦୃଷ୍ଟିରୁ ଏହାର ବିକାଶ ଏବଂ ପୁଞ୍ଜିନିବେଶର ସବିଶେଷ ଅନୁଶୀଳନ ହେବା ଆବଶ୍ୟକ। ତେବେ ସେ ଯା'ହେଉ ଏ କ୍ଷେତ୍ରରେ ୨୦୧୮ କେନ୍ଦ୍ରୀୟ ବଜେଟରେ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଅଭିବୃଦ୍ଧିର ବାହକ ହେବାର ସମ୍ଭାବନା ରଖେ।

ଭାରତୀୟ ଭିତ୍ତିଭୂମୀ କ୍ଷେତ୍ରର ସାମ୍ପ୍ରତିକ ଧାରା ଓ ଶୈଳୀ ହେଲା ଅଧିକରୁ ଅଧିକ ବଜେଟ ବ୍ୟୟବରାଦ, ବଡ଼ ବଡ଼ ଓ ବିପୁଳ ଅର୍ଥ ଲୋଡ଼ୁଥିବା ପ୍ରକଳ୍ପମାନ ହାତକୁ ନେବା, ଘରୋଇ ଉଦ୍ୟୋଗର ନିବେଶ ବୃଦ୍ଧି, ରସଦ (ଲଜିଷ୍ଟିକ)ରେ ଉନ୍ନତି ଏବଂ ଏ କ୍ଷେତ୍ରରେ ଅଧିକ ବିଦେଶୀ ପ୍ରତ୍ୟକ୍ଷ ପୁଁଜିନିବେଶ।

ଆବାସ କ୍ଷେତ୍ରରେ ସହରାଞ୍ଚଳ ଗରିବଙ୍କୁ ମୌଳିକ ସେବା କାର୍ଯ୍ୟକ୍ରମରେ ସ୍ୱଳ୍ପ ଆୟକାରୀ ବର୍ଗ (ଏଲ୍ଆଇଜି) ଘର ଯୋଗାଇ ଦିଆଯାଉଛି। ଏହାଛଡ଼ା ପରବର୍ତ୍ତୀ କାଳରେ ରାଜୀବ ଆବାସ ଯୋଜନା ଓ ଜେଏନ୍ଏନ୍‌ୟୁଆର୍ଏମ୍ ଯୋଜନାରେ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମ ଏବଂ ସମନ୍ୱିତ ଆବାସ ନିର୍ମାଣ ଯୋଜନା ହାତକୁ ନିଆଯାଇଛି। ଏହି ଯୋଜନାର ସବୁଠୁ ବଡ଼ ଆହ୍ୱାନ ହେଲା ଉପଯୁକ୍ତ ଜମିର ଅଭାବ। ୨୦୧୨-୨୦୧୭ କାଳରେ ତତ୍କାଳୀନ ଯୋଜନା ଆୟୋଗ ଏଥିପାଇଁ ଜମିର ମାନ ଓ ପରିବେଶ ନିର୍ଦ୍ଧାରଣ କରିବା ସହ ଏହାର ଯଥାଯଥ ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। କେତେକ ସ୍ଥାନରେ ମାତ୍ରାଧିକ ନିୟନ୍ତ୍ରଣ ବ୍ୟବସ୍ଥା ଓ ଆଉ କେତେକ କ୍ଷେତ୍ରରେ ଦୀର୍ଘ ମିଆଦୀ ସହରାଞ୍ଚଳ ବିକାଶ ଯୋଜନାର ଅଭାବ ଯୋଗୁଁ ଉପଯୁକ୍ତ ଜମି ଯୋଗାନ କରିବା ବଡ଼ ପ୍ରଶ୍ନ ହୋଇଛି। ଏ କ୍ଷେତ୍ରରେ ସହଯୋଗ ଭିତ୍ତିକ ଯୋଜନା ପ୍ରକ୍ରିୟାର ଅଭାବ ଅସୁବିଧା ସୃଷ୍ଟି କରୁଛି। ଅତଏବ ଆବାସ ନିର୍ମାଣରେ ବିଳମ୍ବ ଯୋଗୁଁ ପ୍ରକଳ୍ପର ବ୍ୟୟ ବଢୁଛି ଏବଂ ଠିକ୍ ସମୟରେ ଧାର୍ଯ୍ୟ ମୂଲ୍ୟରେ ହିତାଧିକାରୀଙ୍କୁ ଘର ଯୋଗାଇ ହେଉନାହିଁ।

ଭାରତରେ ଭିତ୍ତିଭୂମି ବିକାଶର ବିଶେଷ ସୁବିଧା ସୁଯୋଗ ଥିବାରୁ ଏହା ବିପୁଳ ପୁଂଜି ନିବେଶର ଚାହିଦା ସୃଷ୍ଟି କରିଛି। ଏହି କ୍ଷେତ୍ର ପାଇଁ ୨୦୨୨ ସୁଦ୍ଧା ୫୦ ଟ୍ରିଲିୟନ ଟଙ୍କା ବା ୭୭୭.୭୩ ବିଲିୟନ ଆମେରିକୀୟ ଡଲାରର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟ ପୂରଣ ହୋଇପାରିଲେ ଭାରତର ବିକାଶ ପ୍ରକ୍ରିୟା ନିରନ୍ତର ହୋଇପାରିବ। ଶକ୍ତି ପରିହବନ, ସଡ଼କ, ରାଜପଥ ଓ ଅକ୍ଷୟ ଶକ୍ତି ଭଳି କ୍ଷେତ୍ରରେ ଆଗାମୀ ଦିନରେ ବିପୁଳ ପୁଂଜିନିବେଶ ହେବ। ଏଥିପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଥିବାରୁ ନିବେଶକ ଅବଶ୍ୟ ଆଗ୍ରହ ପ୍ରକାଶ କରିବେ। ଆଞ୍ଚଳିକ ସଡ଼କ ସଂଯୋଗ କାର୍ଯ୍ୟକ୍ରମକୁ ଏକ ଉଦାହରଣ ଭାବେ ନିଆଯାଇପାରେ। ଭାରତରେ ଏପର୍ଯ୍ୟନ୍ତ ମାତ୍ର ୨୪ ଶତାଂଶ ଜାତୀୟ ରାଜପଥ ଚାରିଲେନ୍ ବିଶିଷ୍ଟ ହୋଇଛି। ତେଣୁ ବିଭିନ୍ନ ବିଭିନ୍ନ ବିଶ୍ୱସ୍ତରୀୟ ସଂସ୍ଥା ଭାରତୀୟ ଭିତ୍ତିଭୂମି ପ୍ରକଳ୍ପରେ ନିବେଶ ଏବଂ କାମ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଚୀନ୍‌ର ହାରରେ ଇଞ୍ଜିନିୟରିଂ ଓ ମିଝୁହୋ ଫାଇନାନ୍ସିଆଲ୍ ଗ୍ରୁପ୍ ସେଥିମଧ୍ୟରୁ ଅନ୍ୟତମ। ୨୦୧୭ରେ ଏହି ସଂସ୍ଥା ଭାରତରେ ପୁଂଜିନିବେଶରେ ଭାଗନେଇଛନ୍ତି।

ସୁଖର କଥା ହେଲା ସମସ୍ତଙ୍କ ପାଇଁ ଆବାସ ଓ ସ୍ମାର୍ଟ ସିଟି ମିଶନ ଭଳି କାର୍ଯ୍ୟକ୍ରମରେ ସରକାର ଉଲ୍ଲେଖନୀୟ ନୀତିଗତ ସମର୍ଥନ ଓ ସହାୟତା ଯୋଗାଉଛନ୍ତି। ଏହା ଫଳରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯେଉଁ ପ୍ରତିବନ୍ଧକ ରହୁଛି ତାହାକୁ ଯଥାଶୀଘ୍ର ଦୂର କରାଯାଇପାରୁଛି। ଉଦୟ ଯୋଜନାରେ ସରକାର ବିଦ୍ୟୁତ୍ ଆବଣ୍ଟନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇ ସଂପୃକ୍ତ କମ୍ପାନୀଙ୍କ କ୍ଷତି ଦୂର କରିବାକୁ ଆଗେଇ ଆସିଛନ୍ତି। ଏହାଦ୍ୱାରା ବିଦ୍ୟୁତ୍ ବଣ୍ଟନରେ ଉନ୍ନତି ଓ କ୍ଷତିହ୍ରାସ ପାଇବା ସହ ଏହି କ୍ଷେତ୍ରରେ ଉତ୍ତମ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ବିଭିନ୍ନ ଭିତ୍ତିଭୂମି କ୍ଷେତ୍ରରେ ୧୦୦ ଶତାଂଶ ଏଫ୍‌ଡିଆଇ ମଧ୍ୟ ଏକ ଯୁଗାନ୍ତକାରୀ ବ୍ୟବସ୍ଥା। ଏହାଦ୍ୱାରା ବିଦେଶୀ ପ୍ରତ୍ୟକ୍ଷ

### ଟେବୁଲ -୧ : ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ନିର୍ମାଣ ଶେଷ ହୋଇଥିବା ଭିତ୍ତିଭୂମି ପ୍ରକଳ୍ପର ସାରାଂଶ

| କ୍ଷେତ୍ର | ପ୍ରକଳ୍ପ ସଂଖ୍ୟା | ମୋଟ୍ ଖର୍ଚ୍ଚ (ଆମେରିକୀୟ ଡଲାରରେ) |
|---|---|---|
| ସଡ଼କ ପରିବହନ ଓ ରାଜପଥ | ୯୧ | ୮.୭ ବିଲିୟନ |
| ଶକ୍ତି | ୭୩ | ୧୬.୭୩ ବିଲିୟନ |
| ପେଟ୍ରୋଲିୟମ | ୬୫ | ୧୯.୪୮ ବିଲିୟନ |
| ରେଳବାଇ | ୩୩ | ୩.୮୧ ବିଲିୟନ |
| ଇସ୍ପାତ | ୨୦ | ୮.୧୩ ବିଲିୟନ |
| ଜାହାଜ ଓ ବନ୍ଦର | ୨୦ | ୧.୭୮ ବିଲିୟନ |
| ଟେଲିଯୋଗାଯୋଗ | ୧୪ | ୪୭୩.୬୨ ବିଲିୟନ |
| କୋଇଲା | ୯ | ୨.୨୬ ବିଲିୟନ |
| ସାର | ୬ | ୫୯୬.୨୪ ବିଲିୟନ |
| ବେସାମରିକ ଉଡ଼ାଣ | ୫ | ୮୬୧.୧୬ ବିଲିୟନ |
| ସହରାଞ୍ଚଳ ବିକାଶ | ୫ | ୬୭୮.୮୩ ବିଲିୟନ |
| ଆଣବିକ ଶକ୍ତି | ୧ | ୧୬୮.୯୩ ବିଲିୟନ |

ସୂତ୍ର : କାର୍ଯ୍ୟକ୍ରମ ରୂପାୟନ ଓ ପରିସଂଖ୍ୟାନ ମନ୍ତ୍ରଣାଳୟ, ଭାରତ ସରକାର

ପୁଞ୍ଜି ନିବେଶ ଯଥେଷ୍ଟ ବୃଦ୍ଧି ପାଇବ।

ସଡ଼କ ପଥର ସଂପ୍ରସାରଣ କ୍ଷେତ୍ରରେ ଏକ ଶକ୍ତିଶାଳୀ ଉଦ୍ୟମ ପରିଲକ୍ଷିତ ହେଉଛି। ୨୦୦୯ରୁ ୧୭ ମଧ୍ୟରେ ଭାରତରେ ସଡ଼କ ଓ ସେତୁ ଆଦି ଭିତ୍ତିଭୂମି କ୍ଷେତ୍ରରେ ବିପୁଳ ଅର୍ଥ ବିନିଯୋଗ ହୋଇଛି। ଏହି ଆଠବର୍ଷ ମଧ୍ୟରେ ଏ କ୍ଷେତ୍ରରେ ବ୍ୟୟ ବରାଦ ୧୩.୬ ଶତାଂଶ ବଢ଼ି ୧୯.୨ ବିଲିୟନ ଡଲାର ପହଞ୍ଚିଛି।

କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ, ବିଶୋଧନାଗାରରୁ ଉତ୍ପାଦିତ ସାମଗ୍ରୀ, ରାସାୟନିକ ସାର, ଇସ୍ପାତ, ସିମେଣ୍ଟ ଓ ବିଜୁଳି ଆଦି ଆଠଟି ମୌଳିକ ଭିତ୍ତିଭୂମି ଉଦ୍ୟୋଗର ସାମଗ୍ରିକ ଅଭିବୃଦ୍ଧି ହାର ୨୦୧୬-୧୭ରେ ୪.୮ ଶତାଂଶ ବଢ଼ିଥିଲା। ସେଥି ମଧ୍ୟରେ ବିଜୁଳିରେ ୧୦ ଶତାଂଶ, ଇସ୍ପାତରେ ୯ ଶତାଂଶ, ବିଶୋଧନାଗାର ଉତ୍ପାଦିତ ସାମଗ୍ରୀର ୮.୯ ଶତାଂଶ, ସିମେଣ୍ଟରେ ୫.୮ଶତାଂଶ, ରାସାୟନିକ ସାରରେ ୩.୩ ଶତାଂଶ ଅଭିବୃଦ୍ଧି ସାଧିତ ହୋଇଥିଲା। ଏପ୍ରିଲ ୨୦୧୭ରୁ ଅକ୍ଟୋବର ମଧ୍ୟରେ ଏ କ୍ଷେତ୍ରରେ ମିଳିତ ଅଭିବୃଦ୍ଧି ହାର ଥିଲା ୩.୫ ଶତାଂଶ।

ଭାରତରେ ଭିତ୍ତିଭୂମି କ୍ଷେତ୍ରର ବିକାଶରେ ସରକାରୀ ପ୍ରୟାସର ଗୁରୁତ୍ୱ ଅଧିକ, ଏହାଛଡ଼ା ଆନ୍ତର୍ଜାତିକ ନିବେଶ ଏବଂ ସରକାରୀ ଘରୋଇ ସହଯୋଗ ଏହି କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରିଥାଏ। ୨୦୧୭-୧୮ ବଜେଟରେ ଭିତ୍ତିଭୂମି କ୍ଷେତ୍ର ପାଇଁ ମୋଟ୍ ବ୍ୟୟ ବରାଦ ୬୧.୪୮ ବିଲିୟନ ଆମେରକୀୟ ଡଲାର। ଏଥିରେ ରେଳବାଇ, ମେଟ୍ରୋ ରେଲ୍, ନିର୍ମାଣ, ଟେଲିକମ୍, ଉର୍ଜା, ସଡ଼କ ଏବଂ ବିମାନବନ୍ଦର ନିର୍ମାଣ ଆଦି ଅନ୍ତର୍ଭୁକ୍ତ।

ଭିତ୍ତିଭୂମି କ୍ଷେତ୍ରରେ ସରକାର ମୁଖ୍ୟତଃ ପ୍ରମୁଖ ସୁବିଧା ସୁଯୋଗ ସୃଷ୍ଟି କରୁଥିବା ବେଳେ ବିଭିନ୍ନ ଆନ୍ତର୍ଜାତିକ ସଂଗଠନ ତଥା ଭାରତର ସହରାଞ୍ଚଳରେ ରିୟଲ ଇଷ୍ଟେଟ୍ ସଂସ୍ଥାମାନ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଯୋଗାଉଛନ୍ତି। ଘରୋଇ-ସରକାରୀ ସହଯୋଗ ବ୍ୟବସ୍ଥାରେ ସରକାର କେତେକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଭାରତକୁ ବିଶ୍ୱର ଏକ ପ୍ରମୁଖ ଇଲେକଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନକାରୀ ହବ୍‌ରେ ପରିଣତ କରିବା ପାଇଁ ୨୦୧୭-୧୮ ବଜେଟରେ ଏବାବଦ ଭିତ୍ତିଭୂମି ନିର୍ମାଣ ପାଇଁ ବିପୁଳ ଅର୍ଥ ବରାଦ କରାଯାଇଛି। ଭାରତର ଅଭିବୃଦ୍ଧିରେ ଜାପାନୀ ନିବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ୨୦୧୪ରୁ ୧୯ମଧ୍ୟରେ ଜାପାନ ଭାରତରେ ୩୫ ବିଲିୟନ ଡଲାର ପୁଂଜିନିବେଶ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛି। ଏହି ନିବେଶ ମୁଖ୍ୟତଃ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଜାପାନ କରିବ।

ଏସୀୟ ଉନ୍ନୟନ ବ୍ୟାଙ୍କ ଭାରତର ନୂଆ ନୂଆ ଛୋଟ ସହରଗୁଡ଼ିକରେ ପାଇପଯୋଗେ ପାନୀୟଜଳ ଯୋଗାଇଦେବା ପାଇଁ ୨୭୫ ନିୟୁତ ଡଲାର ଋଣ ଆକାରରେ ଯୋଗାଇଦେବ। ଏହାଦ୍ୱାରା ମଧ୍ୟପ୍ରଦେଶରେ ତିନି ଲକ୍ଷ ପରିବାର ଉପକୃତ ହେବେ। ୨୦୨୨ ସୁଦ୍ଧା ସମସ୍ତଙ୍କୁ ବାସଗୃହ ଯୋଗାଇଦେବାର ଯେଉଁ ଲକ୍ଷ୍ୟ ରଖାଯାଇଛି ସେଥିପାଇଁ ଦୈନିକ ୪୩ହଜାର ଘର ତିଆରି କରିବାର ଆବଶ୍ୟକତା ରହିଛି। ସ୍ମାର୍ଟ ସିଟି କାର୍ଯ୍ୟକ୍ରମରେ ଆସନ୍ତା ଦଶନ୍ଧି ସୁଦ୍ଧା ଭାରତରେ ଶହଶହ ନୂଆ ନଗର ଗଢ଼ିଉଠିବ। ଏହା ଫଳରେ ଭାରତ ବିଶ୍ୱର ତୃତୀୟ ବୃହତ୍ ନିର୍ମାଣ ବଜାରରେ ପରିଣତ ହେବ। ୨୦୩୦ ସୁଦ୍ଧା ଏହି ଉଦ୍ୟୋଗ ଭାରତୀୟ ଅର୍ଥନୀତିକୁ ୧୫ ଶତାଂଶ ଅବଦାନ ଯୋଗାଇବ। ରିୟଲ ଇଷ୍ଟେଟ୍ ଆଇନ, ଜିଏସ୍‌ଟି, ଆର୍‌ଇଆଇଟି ଭଳି ସାଂପ୍ରତିକ ନୀତିଗତ ସଂସ୍କାର ଏ କ୍ଷେତ୍ରରେ ବିଳମ୍ବ ଦୂରୀକରଣ, ପ୍ରକଳ୍ପର ତୁରନ୍ତ ଅନୁମୋଦନ ଦିଗରେ ସହାୟକ ହେବ। ଏହା ଫଳରେ ନିର୍ମାଣ କ୍ଷେତ୍ର ସୁସଂହତ ଓ ସମୃଦ୍ଧ ହୋଇପାରିବ।

୨୦୧୯ ଆର୍ଥିକ ବର୍ଷରେ ୫.୧ ନିୟୁତ ଗ୍ରାମିଣ ଆବାସ ନିର୍ମାଣ କରିବାକୁ ରକାର ୨୧ହଜାର କୋଟି

ଏସୀୟ ଉନ୍ନୟନ ବ୍ୟାଙ୍କ ଭାରତର ନୂଆ ନୂଆ ଛୋଟ ସହରଗୁଡ଼ିକରେ ପାଇପଯୋଗେ ପାନୀୟଜଳ ଯୋଗାଇଦେବା ପାଇଁ ୨୭୫ ନିୟୁତ ଡଲାର ଋଣ ଆକାରରେ ଯୋଗାଇଦେବ। ଏହାଦ୍ୱାରା ମଧ୍ୟପ୍ରଦେଶରେ ତିନି ଲକ୍ଷ ପରିବାର ଉପକୃତ ହେବେ। ୨୦୨୨ ସୁଦ୍ଧା ସମସ୍ତଙ୍କୁ ବାସଗୃହ ଯୋଗାଇଦେବାର ଯେଉଁ ଲକ୍ଷ୍ୟ ରଖାଯାଇଛି ସେଥିପାଇଁ ଦୈନିକ ୪୩ହଜାର ଘର ତିଆରି କରିବାର ଆବଶ୍ୟକତା ରହିଛି। ସ୍ମାର୍ଟ ସିଟି କାର୍ଯ୍ୟକ୍ରମରେ ଆସନ୍ତା ଦଶନ୍ଧି ସୁଦ୍ଧା ଭାରତରେ ଶହଶହ ନୂଆ ନଗର ଗଢ଼ିଉଠିବ। ଏହା ଫଳରେ ଭାରତ ବିଶ୍ୱର ତୃତୀୟ ବୃହତ୍ ନିର୍ମାଣ ବଜାରରେ ପରିଣତ ହେବ। ୨୦୩୦ ସୁଦ୍ଧା ଏହି ଉଦ୍ୟୋଗ ଭାରତୀୟ ଅର୍ଥନୀତିକୁ ୧୫ ଶତାଂଶ ଅବଦାନ ଯୋଗାଇବ। ରିୟଲ ଇଷ୍ଟେଟ୍ ଆଇନ, ଜିଏସ୍‌ଟି, ଆରଇଆଇଟି ଭଳି ସାଂପ୍ରତିକ ନୀତିଗତ ସଂସ୍କାର ଏ କ୍ଷେତ୍ରରେ ବିଳମ୍ବ ଦୂରୀକରଣ, ପ୍ରକଳ୍ପର ତୁରନ୍ତ ଅନୁମୋଦନ ଦିଗରେ ସହାୟକ ହେବ। ଏହା ଫଳରେ ନିର୍ମାଣ କ୍ଷେତ୍ର ସୁସଂହତ ଓ ସମୃଦ୍ଧ ହୋଇପାରିବ।

ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହାଛଡ଼ା ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫.୧ ନିୟୁତ ଘର ନିର୍ମିତ ହେଉଛ। ଆବାସ କ୍ଷେତ୍ରର ବିକାଶ ଦ୍ୱାରା ସିମେଣ୍ଟ, ଷ୍ଟିଲ୍, ରଙ୍ଗ, ସାନିଟାରୀ ଓ ବିଜୁଳି ଉଦ୍ୟୋଗ ମଧ୍ୟ ଲାଭବାନ ହେବ ଏହି ଉଦ୍ୟୋଗର ଅଭିବୃଦ୍ଧି ବଢ଼ିବ। ଲୋକଙ୍କୁ ଶସ୍ତାରେ ଘର ଯୋଗାଇଦେବାକୁ ସରକାର ଉଦ୍ୟମଶୀଳ। ସେଥିପାଇଁ ଜାତୀୟ ହାଉସିଂ ବ୍ୟାଙ୍କରେ ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯିବ। ଯେଉଁ ଲୋକମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇନାହାନ୍ତି ସେମାନଙ୍କୁ ଗୃହ ନିର୍ମାଣ ପାଇଁ ଏହି ପାଣ୍ଠିରୁ ଅର୍ଥ ଯୋଗାଣ ସହ ଋଣ ଉପରେ ରିଆତି ପ୍ରଦାନ କରାଯିବ।

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ସୂଚନା ଅନୁସାରେ ଆସନ୍ତା ଆର୍ଥିକ ବର୍ଷରେ ଭିତ୍ତିଭୂମିର ବିକାଶ ପାଇଁ ସରକାର ୫.୯୫ ଲକ୍ଷ କୋଟି ଟଙ୍କା ନିବେଶ କରିବେ। ଦେଶର ଜିଡିପି ବୃଦ୍ଧିରେ ଭିତ୍ତିଭୂମି କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ଏହି କ୍ଷେତ୍ରରେ ୫୦ଲକ୍ଷ କୋଟି ଟଙ୍କାରୁ ଅଧିକ ଅର୍ଥ ବିନିଯୋଗର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏଥିପାଇଁ ପାଣ୍ଠି ଯୋଗାଡ଼ କରିବାକୁ ସରକାରୀ ସଂସ୍ଥାଗୁଡ଼ିକୁ ଇକୁଇଟି ଓ ବଣ୍ଡ୍ ମାର୍କେଟର ସୁଯୋଗ ମିଳିବ। ସେହିଭଳି ସମ୍ବଳ ବୃଦ୍ଧି ନିମନ୍ତେ ସରକାର ଲିଟର ପିଛା ପେଟ୍ରୋଲ ଓ ଡିଜେଲ ଉପରେ ଆଠ ଟଙ୍କାର ସଡ଼କ ଓ ଭିତ୍ତିଭୂମି 'ସେସ୍' (ଅତିରିକ୍ତ ଟିକସ) ଲାଗୁ କରିଛନ୍ତି। ଏହାଛଡ଼ା ଇନ୍‌ଫ୍ରାଷ୍ଟ୍ରକଚର ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟ ଓ ରିୟଲ ଇନଭେଷ୍ଟମେଣ୍ଟ ଟ୍ରଷ୍ଟ ଗଠନ ଦ୍ୱାରା ସରକାରୀ ସଂସ୍ଥା ଓ ଯାନବାହନରୁ ଅଧିକ ଟିକସ ଆଦାୟ କରିବାକୁ ସରକାର ଉଦ୍ୟମ କରୁଛନ୍ତି।

ଏନ୍‌ଡିଏ ସରକାରର ରେଳ ଓ ସଡ଼କ ବିକାଶ କାର୍ଯ୍ୟକ୍ରମ ଉଲ୍ଲେଖନୀୟ ଏଥର ରେଳ ଓ ସଡ଼କ ବିକାଶ ପାଇଁ ବଜେଟରେ ଯଥାକ୍ରମେ ୧.୪୮ଲକ୍ଷ ଓ ୧.୨୧ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସାଗରମାଳା ଓ ଭାରତମାଳା ପ୍ରକଳ୍ପ ନିର୍ମାଣ ପାଇଁ ଦେଶ ପ୍ରଚୁର ସମ୍ବଳ ଆବଶ୍ୟକ କରୁଛି। ଏଥିପାଇଁ ବଜାରରୁ ଇକୁଇଟି ବ୍ୟବସ୍ଥାରେ ସମ୍ବଳ ସଂଗ୍ରହର ବ୍ୟବସ୍ଥା କରାଯାଉଛି। ନିଜର ସମ୍ପତ୍ତିର ସର୍ବାଧିକ ଉପଯୋଗ କରି କିଭଳି ଅଧିକ ସମ୍ବଳ ବଜାରରୁ ଉଠାଇ ହେବ ସରକାର ମଧ୍ୟ ସେ ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ପ୍ରକଳ୍ପ ପାଇଁ ମୋଟ୍ ୧୦ଲକ୍ଷ କୋଟି ଟଙ୍କାର ନିବେଶ ଆକଳନ ହୋଇଛି। ସଡ଼କ ନିର୍ମାଣ କ୍ଷେତ୍ରରେ ଏହା ସବୁଠୁ ବଡ଼ ଯୋଜନା। ଏହାଛଡ଼ା ସାଗରମାଳା ପ୍ରକଳ୍ପ ପାଇଁ ୨୦୩୫ ପର୍ଯ୍ୟନ୍ତ ଅତିରିକ୍ତ ଆଠଲକ୍ଷ କୋଟି ଟଙ୍କାର ଆବଶ୍ୟକତା ପଡ଼ିବ।

ରେଳବାଇ କ୍ଷେତ୍ରରେ ଏଥରର ବଜେଟ ବ୍ୟୟ ବରାଦ ହେଲା ୧.୪୮ ଲକ୍ଷ କୋଟି ଟଙ୍କା। ରେଳବାଇ ଇତିହାସରେ ଏହା ସର୍ବାଧିକ ବ୍ୟୟ ବରାଦ। ଏଥିରେ ୩୯୯ କିମି ଟ୍ରାକ୍ ନବୀକରଣ, ୧୨ ହଜାର ୱାଗନ କ୍ରୟ, ନିରାପତ୍ତା ପାଣ୍ଠି ପାଇଁ ୨୦ ହଜାର କୋଟି ଟଙ୍କାର ବ୍ୟବସ୍ଥା ଏବଂ ୬୦୦୦କି.ମି. ରେଳପଥ ବିଦ୍ୟୁତ୍‌କରଣ ଲକ୍ଷ୍ୟ ଏଥର ବଜେଟର ବିଶେଷତ୍ୱ। ବଜେଟ ବାହାରେ ଅନ୍ୟ ସୂତ୍ରରୁ ରେଳବାଇ ମଧ୍ୟ ୨୬,୪୪୦କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିବ। ଏହା ଫଳରେ ରେଳବାଇ ତାହାର ଭିତ୍ତିଭୂମି ବିକାଶ, ଯାତ୍ରୀ ସୁରକ୍ଷା ଓ ନିରାପତ୍ତା ଭଳି ପ୍ରମୁଖ ପ୍ରସଙ୍ଗକୁ ଉଚିତ ଧ୍ୟାନ ଦେବା ସହ ନିଜର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ ବୋଲି ଆଶା। ୨୦୧୮-୨୦୧୯ ବଜେଟରେ ଆବାସ ଏବଂ ଉତ୍ତର ପୂର୍ବାଞ୍ଚଳ ବିକାଶ (ଭିତ୍ତିଭୂମି) ମନ୍ତ୍ରଣାଳୟ ପାଇଁ ସର୍ବାଧିକ ଅର୍ଥ ବରାଦ କରାଯାଇଛି। ଗତ ବଜେଟ ତୁଳନାରେ ଏହା ୧୨.୨୭ ଶତାଂଶ ଅଧିକ।

ମୋଟମୋଟି ଦେଖିଲେ ୨୦୧୮ ବଜେଟରେ ଭିତ୍ତିଭୂମି ବିକାଶକୁ ଅଗ୍ରାଧିକାର ପ୍ରଦାନ କରାଯାଇଛି ଏବଂ ଦେଶର ଦ୍ରୁତ ଅଭିବୃଦ୍ଧି ପାଇଁ ଯେଉଁ କ୍ଷେତ୍ରର ଭୂମିକା ଅଧିକ ତାହାକୁ ଅଗ୍ରାଧିକାର ଦିଆଯାଇଛି। ଏହା ଜିଡିପି ଅଭିବୃଦ୍ଧିରେ ସହାୟକ ହେବା ସହ ଦେଶରେ ଯୋଗାଯୋଗ, ଆବାସ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, କୃଷି, ପରିବହନ, ପର୍ଯ୍ୟଟନ ଆଦି କ୍ଷେତ୍ରକୁ ପ୍ରୋତ୍ସାହିତ କରିବ। 'ଅମୃତ' ଯୋଜନା ସହରାଞ୍ଚଳ ଭାରତକୁ ମୌଳିକ ସେବା ଯୋଗାଇବ ଏବଂ 'ହୃଦୟ' ଯୋଜନା ଦେଶର ଐତିହ୍ୟ ସମ୍ପନ୍ନ ସହରଗୁଡ଼ିକର ସୁରକ୍ଷା ସହିତ ପର୍ଯ୍ୟଟନର ଓ ନିରନ୍ତର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ସେଥିପାଇଁ ଅର୍ଥମନ୍ତ୍ରୀ ଏହି ଦୁଇ ଯୋଜନାର ସଫଳତା ଉପରେ ଗୁରୁତ୍ୱ ଦେଇଛନ୍ତି।

ଲେଖକ ଡେରାଡୁନସ୍ଥିତ 'ୟୁପିଇଏସ୍' ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ଜଣେ ସହଯୋଗୀ ପ୍ରଫେସର।

# ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ: ପଥ ଆଗକୁ

● ଚରଣ ସିଂହ

ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହେଉଛି ଏକ ପ୍ରକ୍ରିୟା ଯାହା ଦେଶର ଉନ୍ନତ ତଥା ଉତ୍ତମ ପରିପୋଷଣୀୟ ଅର୍ଥନୀତି ଏବଂ ସାମାଜିକ ବିକାଶକୁ ସମର୍ଥ କରାଇ ଥାଏ। ଏହା ସେମାନଙ୍କୁ ଉତ୍ତମ ଆର୍ଥିକ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ସ୍ୱୟଂସମର୍ଥ (ସେଲ୍ଫ ସଫିସିଏଣ୍ଟ) ତଥା ଉତ୍ତମ ରୂପେ ସୂଚନା ପ୍ରାପ୍ତ କରାଇବାର ଉଦ୍ଦେଶ୍ୟ ନେଇ ସମାଜର ଅବହେଳିତ ବର୍ଗର ଲୋକମାନଙ୍କ ଜୀବନ ଧାରଣର ମାନକୁ ବଢ଼ାଇବା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ଆହୁରି ମଧ୍ୟ ଏହା ଅର୍ଥନୀତିକ ଅଭିବୃଦ୍ଧିରେ ଆର୍ଥିକ ସେବା ପ୍ରତି ସେମାନଙ୍କର ଉପଯୋଗିତାର ପରିମାଣ ଭିତ୍ତିରେ ନିମ୍ନ ଆୟକାରୀ ବର୍ଗଙ୍କର ଅଂଶଗ୍ରହଣକୁ ସ୍ୱୀକାର କରିଥାଏ।

ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ବନ୍ଧରେ ସ୍ଥାପିତ କମିଟି (ଭାରତ ସରକାର, ୨୦୦୮) ଆର୍ଥିକ ଅନ୍ତର୍ଭୁକ୍ତୀକରଣର ସଂଜ୍ଞା ନିରୂପଣ କରିବାକୁ ଯାଇ କହିଛନ୍ତି ଯେ ଏହା ହେଉଛି ଆର୍ଥିକ ସେବାଗୁଡ଼ିକର ଉପଲବ୍ଧତାକୁ ନିଶ୍ଚିତ କରାଇବା ଏବଂ ଠିକ୍ ସମୟରେ ତଥା ଯେଉଁଠାରେ ବିପଦଗ୍ରସ୍ତ ଗୋଷ୍ଠୀ ଦ୍ୱାରା ଆବଶ୍ୟକ ହେଉଥିବ, ସେଠାରେ ପ୍ରଦାନ କରିହେବା ଭଳି ମୂଲ୍ୟ ବିନିମୟରେ ପର୍ଯ୍ୟାପ୍ତ ପରିମାଣରେ ଋଣ ଉପଲବ୍ଧ କରାଇବା। ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଲକ୍ଷ୍ୟ ହେଉଛି, ନିମ୍ନ-ଆୟକାରୀ ବର୍ଗଙ୍କୁ ସମାନ ସୁଯୋଗ ବ୍ୟବସ୍ଥା ଥିବା ଆର୍ଥିକ ସେବା ଯୋଗାଇବା। କମିଟି ପରାମର୍ଶ ଦେଇଥିଲେ ଯେ ସାର୍ବଜନୀନ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହାସଲ କରିବା ନିମନ୍ତେ ଗରିବମାନଙ୍କ ଦ୍ୱାରା ଉତ୍ତମ ରୂପେ ଋଣ ଗ୍ରହଣ ପାଇଁ ବିକାଶ ଏବଂ ବୈଷୟିକ ଜ୍ଞାନକୌଶଳ ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ଦୁଇଗୋଟି ଉତ୍ସର୍ଗୀକୃତ ପାଣ୍ଠି ଗଠନ କରି ଏକ ନିର୍ଦ୍ଦିଷ୍ଟ ସମୟ ସାରଣୀ ଭିତରେ ଲକ୍ଷ୍ୟ ହାସଲ କରି ହେଉଥିବା ମନୋଭାବରେ ବା ମିଶନ୍ ମୋଡ୍‌ରେ ହାତକୁ ନିଆଯିବା ଉଚିତ।

**ଆର୍ଥିକ ଅନ୍ତର୍ଭୁକ୍ତୀକରଣ- ଐତିହାସିକ ବିକାଶ**

ବସ୍ତୁତଃ, ସାଧାରଣ ବିଶ୍ୱାସର ବିପରିତ ଭାବରେ ଐତିହାସିକ ଦୃଷ୍ଟିକୋଣରୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ଭାରତ ଏକ ଶୀର୍ଷସ୍ଥାନୀୟ ଦେଶ। ୧୯୦୪ ମସିହାର ସମବାୟ ଋଣ ସୋସାଇଟି ସମୂହ ଆଇନ୍ ଭାରତରେ ସମବାୟ ଆନ୍ଦୋଳନକୁ ପ୍ରୋତ୍ସାହନ ପ୍ରଦାନ କରିଥିଲା। ବ୍ୟାଙ୍କ୍ ସେବା ସମ୍ପ୍ରସାରିତ କରିବା, ମୁଖ୍ୟତଃ ଅଧିକ ସୁଧହାର ଦାବି କରୁଥିବା ବ୍ୟକ୍ତିବିଶେଷ ଭାବରେ ଜଣାଶୁଣା ସାହୁକାର ବା ଟଙ୍କା କରଜଦାତାମାନଙ୍କ ତୁଳନାରେ ସହଜ ସର୍ତ୍ତରେ ଋଣ ଉପଲବ୍ଧ କରାଇବା ସମବାୟ ବ୍ୟାଙ୍କ୍‌ମାନଙ୍କର ଉଦ୍ଦେଶ୍ୟ ଥିଲା। ୧୯୫୫ ମସିହାରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ଜାତୀୟକରଣ ହେବା ଫଳରେ ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟ ଅଧିକ ବିସ୍ତାରିତ ଭାବରେ ଆରମ୍ଭ ହେଲା। ୧୯୬୭ରେ ସାମାଜିକ ବ୍ୟାଙ୍କିଙ୍ଗ୍ (ସୋସିଆଲ୍ ବ୍ୟାଙ୍କିଙ୍ଗ୍) ଉପରେ ଏକ ବିତର୍କ ସୃଷ୍ଟି ହେଲା ଏବଂ ପରେ ପରେ ବ୍ୟାଙ୍କ୍ ସେବା ଉପଲବ୍ଧ ହେଉ ନଥିବା ଲୋକମାନଙ୍କୁ, ମୁଖ୍ୟତଃ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ତଥା ଗ୍ରାମାଞ୍ଚଳଗୁଡ଼ିକୁ ବ୍ୟାଙ୍କ୍ ସେବା ଯୋଗାଇ ଦେବା ପାଇଁ ୧୯୬୯ରେ ୧୪ଟି ଘରୋଇ ଉଦ୍ୟୋଗ ବ୍ୟାଙ୍କ୍‌କୁ ଜାତୀୟକରଣ କରାଗଲା। ୧୯୭୪ ସୁଦ୍ଧା ପ୍ରାଥମିକତା କ୍ଷେତ୍ର ପାଇଁ କରଜ ଦେବାର ଧାରଣା ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରତୀୟମାନ ହେଲା ଯାହା ମଧ୍ୟରେ ବ୍ୟାଙ୍କ୍ ନଥିବା ଅଞ୍ଚଳଗୁଡ଼ିକୁ ସିଧାସଳଖ ଋଣ ପ୍ରଦାନ ଅନ୍ତର୍ଭୁକ୍ତ ରହିଥିଲା ଏବଂ ଗ୍ରାମାଞ୍ଚଳ ଓ ଦୁର୍ଗମ/ ଦୂର ଦୂରାନ୍ତର ଅଞ୍ଚଳଗୁଡ଼ିକୁ ବ୍ୟାଙ୍କ୍ ସେବାକୁ ସମ୍ପ୍ରସାରିତ କରିବା ପାଇଁ






ଆଉ ଆଠଗୋଟି ଘରୋଇ ବ୍ୟାଙ୍କ୍‌କୁ ଜାତୀୟକରଣ କରାଗଲା। ସେବେଠାରୁ ବିକାଶର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କ୍‌ମାନଙ୍କର ଋଣ ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ କରାଯାଇ ଆସିଛି, ବିଶେଷକରି ପ୍ରାଥମିକତା କ୍ଷେତ୍ରରେ ଯାହା ପୂର୍ବରୁ ଯଥେଷ୍ଟ ଧ୍ୟାନ ପାଇ ନଥିଲା।

ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବା ପାଇଁ ୨୦୦୫ଠାରୁ ଭାରତୀୟ ରିଜର୍ଭ୍ ବ୍ୟାଙ୍କ୍ (ଆର୍‌ବିଆଇ) ସହିତ ମିଶି ଭାରତ ସରକାର ଏବଂ ନ୍ୟାସନାଲ ବ୍ୟାଙ୍କ୍ ଫର୍ ଏଗ୍ରିକଲ୍‌ଚର୍ ଆଣ୍ଡ୍ ରୁରାଲ୍ ଡେଭଲପ୍‌ମେଣ୍ଟ୍ (ନାବାର୍ଡ୍) ଅନେକଗୁଡ଼ିଏ ସମନ୍ୱିତ ପଦକ୍ଷେପ ନେଇ ଆସୁଛନ୍ତି। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)- ବ୍ୟାଙ୍କ୍ ସମ୍ପର୍କ ଯୋଡ଼ିବା କାର୍ଯ୍ୟକ୍ରମ, ବ୍ୟବସାୟ ସୁଗମକାରୀ/ ଫ୍ୟାସିଲିଟେଟର ଏବଂ ଭାବ ବିନିମୟକାରୀ/ କରେସ୍‌ପୋଣ୍ଡେଣ୍ଟ୍‌ସ୍, 'ନୋ- ୟୋର୍- କଷ୍ଟମର' (କେୱାଇସି)ର ନିୟମାବଳୀକୁ ସହଜ କରିବା, ଇଲେକ୍ଟ୍ରୋନିକ୍ ଲାଭ ହସ୍ତାନ୍ତରଣ ବା ବେନିଫିଟ୍ ଟ୍ରାନ୍ସଫର, ମୋବାଇଲ ଜ୍ଞାନକୌଶଳର ବ୍ୟବହାର, 'ସ୍ୱଳ୍ପ ପରିମାଣର ମୂଳଧନରେ ଜମାଖାତା' ଖୋଲିବା ଏବଂ ଆର୍ଥିକ ସାକ୍ଷରତା ଉପରେ ଗୁରୁତ୍ୱ ଆରୋପ କରିବା ଅନ୍ତର୍ଭୁକ୍ତ। ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସହାୟତା ଯୋଗାଇ ଦେବା ପାଇଁ ସରକାର ଅନ୍ୟ ଯେଉଁ ପଦକ୍ଷେପଗୁଡ଼ିକ ନେଇଛନ୍ତି, ସେଗୁଡ଼ିକ ମଧ୍ୟରେ ରହିଛି ଗ୍ରାହକ ସେବା କେନ୍ଦ୍ର (କଷ୍ଟମର ସର୍ଭିସ ସେଣ୍ଟର) ଖୋଲିବା, ଋଣ ପ୍ରଦାନ କରିବା ସମ୍ବନ୍ଧିତ ପରାମର୍ଶ ପ୍ରଦାନକାରୀ କେନ୍ଦ୍ର (କ୍ରେଡିଟ୍ କାଉନ୍‌ସେଲିଂ ସେଣ୍ଟର) ସ୍ଥାପନ କରିବା, କିଷାନ କ୍ରେଡିଟ୍ କାର୍ଡ ପ୍ରଦାନ କରିବା, ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା- ଲାଇଟ୍ (ଏଲ୍‌ଆଇଟିଇ), ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା ଏବଂ ଆଧାର ଯୋଜନା। ଏସବୁ ସଂଯୋଜିତ, ସମନ୍ୱିତ ଓ ଠୋସ୍ ଉଦ୍ୟମ ସତ୍ତ୍ୱେ ଲୋକମାନଙ୍କ ମଧ୍ୟରେ ବ୍ୟାଙ୍କ୍‌ର ପ୍ରବେଶ ତଥାପି ନିମ୍ନରେ ରହିଥିଲା।

ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ପରିବାରଙ୍କ ନିକଟରେ ବ୍ୟାଙ୍କ୍ ଜମାଖାତାଟିଏ ରହିଥିବା ସମ୍ପର୍କରେ ନିଶ୍ଚିତ ହେବାପାଇଁ ପ୍ରଧାନମନ୍ତ୍ରୀ ପଦଭାର ସମ୍ଭାଳିବା ପରେ ୨୦୧୪ ଅଗଷ୍ଟ ୧୫ ତାରିଖରେ

ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ବନ୍ଧରେ ସ୍ଥାପିତ କମିଟି (ଭାରତ ସରକାର, ୨୦୦୮) ଆର୍ଥିକ ଅନ୍ତର୍ଭୁକ୍ତୀକରଣର ସଂଜ୍ଞା ନିରୂପଣ କରିବାକୁ ଯାଇ କହିଛନ୍ତି ଯେ ଏହା ହେଉଛି ଆର୍ଥିକ ସେବାଗୁଡ଼ିକର ଉପଲବ୍ଧତାକୁ ନିଶ୍ଚିତ କରାଇବା ଏବଂ ଠିକ୍ ସମୟରେ ତଥା ଯେଉଁଠାରେ ବିପଦଗ୍ରସ୍ତ ଗୋଷ୍ଠୀ ଦ୍ୱାରା ଆବଶ୍ୟକ ହେଉଥିବ, ସେଠାରେ ପ୍ରଦାନ କରିହେବା ଭଳି ମୂଲ୍ୟ ବିନିମୟରେ ପର୍ଯ୍ୟାପ୍ତ ପରିମାଣରେ ଋଣ ଉପଲବ୍ଧ କରାଇବା। ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଲକ୍ଷ୍ୟ ହେଉଛି, ନିମ୍ନ- ଆୟକାରୀ ବର୍ଗଙ୍କୁ ସମାନ ସୁଯୋଗ ବ୍ୟବସ୍ଥା ଥିବା ଆର୍ଥିକ ସେବା ଯୋଗାଇବା।

ଲାଲ୍‌କିଲ୍ଲାଠାରେ ତାଙ୍କର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବା ଅବସରରେ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ସମ୍ବନ୍ଧରେ ଘୋଷଣା କଲେ । ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ୍‌ଜେଡିୱାଇ)ର ଉଦ୍ଦେଶ୍ୟ ବିଭିନ୍ନ ପ୍ରକାରର ମୌଳିକ ଆର୍ଥିକ ସେବା ଯଥା ବ୍ୟାଙ୍କରେ ମୌଳିକ ସଞ୍ଚୟ ଜମାଖାତା, ଦେଣନେଣ ସୁବିଧା, ବହିର୍ଭୂତ ବର୍ଗ, ମୁଖ୍ୟତଃ ଦୁର୍ବଳ ଶ୍ରେଣୀ ଏବଂ ନିମ୍ନ- ଆୟକାରୀ ବର୍ଗଙ୍କୁ ବୀମା ଓ ପେନ୍‌ସନ୍ ପ୍ରାପ୍ତିର ସୁବିଧା ଉପଲବ୍ଧ କରାଇବା ପର୍ଯ୍ୟନ୍ତ ସମ୍ପ୍ରସାରିତ ଥିଲା । ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହାସଲ କରିବା ନିମନ୍ତେ ଲଘୁ ବା କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଋଣ ପ୍ରଦାନ ଉପରେ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ମାଇକ୍ରୋ ୟୁନିଟ୍‌ସ୍ ଡେଭଲପ୍‌ମେଣ୍ଟ ରିଫାଇନାନ୍‌ସ୍ ଏଜେନ୍ସି (ମୁଦ୍ରା) ଯୋଜନା ପ୍ରଚଳନ କରି ସରକାର ତାଙ୍କର ଉଦ୍ୟମ ଜାରି ରଖିଲେ । ସେହିପରି ୨୦୧୫ ସୁଦ୍ଧା ପିଏମ୍‌ଜେଡିୱାଇ ଯୋଜନା ଅଧୀନରେ ଦେଶର ୯୫ ପ୍ରତିଶତରୁ ଅଧିକ ପରିବାରଙ୍କର ବ୍ୟାଙ୍କରେ ଆକାଉଣ୍ଟ ରହିଥିବା ଉଦ୍ୟମକୁ ସଫଳତାର ସହିତ ହାସଲ କରି ପାରିଥିବା ସମ୍ପର୍କରେ ନିଶ୍ଚିତ ହେବା ପରେ ଏକ ଯୁକ୍ତିସଙ୍ଗତ ତଥା ଉତ୍ତମ ରୂପେ କ୍ରମାନ୍ୱୟଭିତ୍ତିକ ପଦକ୍ଷେପ ନେବାକୁ ଯାଇ କେନ୍ଦ୍ର ସରକାର ଜନସାଧାରଣଙ୍କ ନିକଟକୁ ସାମାଜିକ ସୁରକ୍ଷା ଯୋଜନା ସମ୍ପ୍ରସାରିତ କଲେ । ଛାମୁଆ ଯୋଜନା ଅଟଳ ପେନ୍‌ସନ୍ ଯୋଜନା (ଏପିୱାଇ) ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଗରିବ ଲୋକମାନଙ୍କୁ ବାର୍ଦ୍ଧକ୍ୟାବସ୍ଥାରେ ଆୟର ସୁରକ୍ଷା ପ୍ରଦାନ କରିବାର ଲକ୍ଷ୍ୟ ବହନ କରେ; ଏକବର୍ଷ ପାଇଁ ବୀମା ସୁରକ୍ଷା ପ୍ରଦାନ କରୁଥିବା ତଥା ପ୍ରତି ବର୍ଷ ନବୀକରଣ କରି ହେଉଥିବା ଜୀବନ ଜ୍ୟୋତି ବୀମା ଯୋଜନା ଜୀବନ ବୀମାର ସୁବିଧା ପ୍ରଦାନ କରିବାର ଲକ୍ଷ୍ୟ ବହନ କରୁଥିବା ବେଳେ ପ୍ରତି ବର୍ଷ ନବୀକରଣ କରି ହେଉଥିବା ସୁରକ୍ଷା ବୀମା ଯୋଜନା ଦୁର୍ଘଟଣା କାରଣରୁ ଘଟିଥିବା ଶାରୀରିକ ଅକ୍ଷମତା କିମ୍ବା ମୃତ୍ୟୁ ପାଇଁ ବୀମା ସୁରକ୍ଷା ପ୍ରଦାନ କରିଥାଏ ।

ଶୁଭାରମ୍ଭ କରାଯିବା ପରଠାରୁ ପିଏମ୍‌ଜେଡିୱାଇ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି ଏବଂ ୨୦୧୮ ଏପ୍ରିଲ ୪ ତାରିଖ ସୁଦ୍ଧା ମୋଟ ୩୧.୪ କୋଟି ଜମାଖାତା ଖୋଲାଯାଇ ସାରିଥିଲା ଯେଉଁଥିରୁ ୧୮.୫ କୋଟି ଗ୍ରାମାଞ୍ଚଳରେ, ୧୨.୯ କୋଟି ସହରାଞ୍ଚଳରେ ଏବଂ ୧୬.୬ କୋଟି ଥିଲେ ମହିଳା ଜମାଖାତାଧାରୀ । ରୂପେ କାର୍ଡର ସଂଖ୍ୟା ମଧ୍ୟ ୨୩.୭ କୋଟିକୁ ବୃଦ୍ଧି ପାଇଛି । ଏପ୍ରିଲ ୪, ୨୦୧୮ ସୁଦ୍ଧା ବ୍ୟବସାୟିକ ବ୍ୟାଙ୍କଗୁଡ଼ିକରେ ୭୯,୦୧୨.୧ କୋଟି ଟଙ୍କା ଜମା ହୋଇ ସାରିଥିବା ଦୃଷ୍ଟିରୁ ଏ କ୍ଷେତ୍ରରେ ପ୍ରଗତି ପ୍ରଭାବଶାଳୀ ହୋଇ ପାରିଛି ।

**ଆହ୍ୱାନ ସମୂହ:**

୧. ପିଏମ୍‌ଜେଡିୱାଇ ଅଧୀନରେ ଖୋଲା ଯାଇଥିବା ସବୁ ଆକାଉଣ୍ଟ ସଚଳ ନୁହେଁ- କେତେକ କ୍ଷେତ୍ରରେ ଜମାଖାତାଧାରୀ (ଆକାଉଣ୍ଟ ହୋଲ୍ଡର)ଙ୍କ ନିକଟରେ ପାଣ୍ଠିର ଅଭାବ ରହିଥିବା ଯୋଗୁଁ ସେଗୁଡ଼ିକ ସଚଳ ଅବସ୍ଥାରେ ନାହିଁ । ଆକାଉଣ୍ଟ ବା ଜମାଖାତାରେ ସ୍ୱଳ୍ପ ପରିମାଣର ରାଶି ରହିଥିବାରୁ ବୈଷୟିକ ପ୍ରଗତିକୁ କାର୍ଯ୍ୟରେ ଲଗାଇବାର ବ୍ୟୟ ସାପେକ୍ଷତା ଏକ ଚିନ୍ତାର ବିଷୟ ।

୨. ଆର୍ଥିକ ସାକ୍ଷରତାର ଅଭାବ- ଗ୍ରାମୀଣ ପରିବାରଗୁଡ଼ିକଙ୍କ ନିକଟରେ ପର୍ଯ୍ୟାପ୍ତ ଆର୍ଥିକ ସାକ୍ଷରତା ନାହିଁ ଯାହାର ପରିଣତିରେ ଆର୍ଥିକ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରଦାନ କରା ଯାଉଥିବା ଅନେକଗୁଡ଼ିଏ ଆର୍ଥିକ ସେବା ସମ୍ବନ୍ଧରେ ସେମାନଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି ।

୩. ବିପୁଳ ପରିମାଣର ଜମାଖାତା (ଆକାଉଣ୍ଟ)- ଏକ ବିଶାଳ ସଂଖ୍ୟକ ନୂଆ ଏବଂ ବିଦ୍ୟମାନ (ପୂର୍ବରୁ ଥିବା) ଜମାଖାତା ରହି ଥିବାରୁ ସେଗୁଡ଼ିକୁ ସେବା ଯୋଗାଇ ଦେବା ପାଇଁ ଇ- ପେମେଣ୍ଟ (ଇଲେକ୍ଟ୍ରୋନିକ୍ ବ୍ୟବସ୍ଥା ମାଧ୍ୟମରେ ଟଙ୍କା ପ୍ରଦାନ)ର ବ୍ୟବସ୍ଥା କରିବା ନିମନ୍ତେ ବୈଷୟିକ ଏବଂ ଆନୁଷ୍ଠାନିକ ଭିତ୍ତିଭୂମିର ଆବଶ୍ୟକତା ରହିଛି ।

୪. ମାନବ ଶକ୍ତି ଯୋଜନା ପାଇଁ ଆବଶ୍ୟକତା- ବ୍ୟାଙ୍କ୍ ଏବଂ ଆନୁଷ୍ଠାନିକ କର୍ମଚାରୀମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ବୈଷୟିକ ଦକ୍ଷତା ବିକାଶ ଏବଂ ପ୍ରଶିକ୍ଷଣର ଆବଶ୍ୟକତା ରହିଛି ।

୫. ସୁରକ୍ଷିତ ପରିବେଶ- ଇଲେକ୍ଟ୍ରୋନିକ୍ କାରବାରର ସୁରକ୍ଷା ଏକ ଚିନ୍ତାର ପ୍ରସଙ୍ଗ ବିଶେଷକରି ଭାରତର ଦୁର୍ଗମ ଅଞ୍ଚଳମାନଙ୍କରେ ରହିଥିବା ବିପୁଳ ସଂଖ୍ୟକ ନୂଆ ଜମାଖାତା (ଆକାଉଣ୍ଟ)ଗୁଡ଼ିକ ପାଇଁ ।

୬. କାରବାରକୁ ସୁଗମ କରାଇବା- କରଜଦାତା/ ସାହୁକାରମାନଙ୍କଠାରୁ ଗ୍ରାମୀଣ ପରିବାରମାନେ ବାରମ୍ବାର କରଜ ନେବାର ନିରନ୍ତରତାରୁ କାରବାର





ବା ଟଙ୍କା ଦେଣନେଣ ସମ୍ପର୍କିତ କାର୍ଯ୍ୟକଳାପରେ ସୁଗମତା/ ସହଜତା/ ସାବଲୀଳତାର ଅଭାବ ରହିଥିବା ସ୍ପଷ୍ଟ ଭାବରେ ପ୍ରଦର୍ଶିତ ହୋଇଥାଏ ।

୭. ବୈଷୟିକ ଜ୍ଞାନକୌଶଳର ଅଧିକ ବ୍ୟବହାରର ଆବଶ୍ୟକତା-କାରବାର ଦିଗରେ ବ୍ୟାଙ୍କ୍ ସେବା ଯୋଗାଇ ଦେବା ପାଇଁ ଏଟିଏମ୍‌ଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧା ସତ୍ତ୍ୱେ ମାତ୍ର ୩୦ ପ୍ରତିଶତ ଜମାଖାତା ଧାରକ ଡେବିଟ୍ କାର୍ଡର ଅଧିକାରୀ ହୋଇଥିବାରୁ ଡେବିଟ୍ କାର୍ଡର ଉପଯୋଗ କମ୍ ହେଉଥିବା ବଜାୟ ରହିଛି ।

୮. ଚାହିଦା ଦିଗର ଉପାଦାନ- ନିମ୍ନ ଆୟ କିମ୍ବା ସମ୍ବଳର ଧାରଣ, ଆର୍ଥିକ ଉତ୍ପାଦ ସମ୍ବନ୍ଧରେ ସଚେତନତାର ଅଭାବ, ଆପାତତଃ ମୂଲ୍ୟ ପ୍ରଦାନ କରି ନହେବା ଭଳି ଉତ୍ପାଦ ସମୂହ, ଅଧିକ କାରବାରଜନିତ ମୂଲ୍ୟ ପ୍ରଦାନ, ସୁବିଧାଯୋଗ୍ୟ ହୋଇ ନଥିବା ଉତ୍ପାଦ ସମୂହ, ଅନମନୀୟ ଏବଂ ଗ୍ରାମୀଣ କ୍ଷେତ୍ର ଆୟ ଶୈଳୀର କରାଯାଇ ନଥିବା ଭଳି ଉପାଦାନଗୁଡ଼ିକ ଆର୍ଥିକ ବ୍ୟବସ୍ଥାକୁ ଉପଯୋଗ କରିବା ଦିଗରେ ଏକ ପ୍ରମୁଖ ପ୍ରତିବନ୍ଧକ ।

୯. ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବାର ମୂଲ୍ୟ ଏବଂ ବିପଦ ସମୂହ- ସୂଚନା ପ୍ରଯୁକ୍ତିବିଦ୍ୟା ଉପଯୋଗ କରିବା ବାବଦରେ ବର୍ଦ୍ଧିତ ବ୍ୟୟ ଏବଂ ଆର୍ଥିକ କ୍ଷତି ରୂପରେ ରହିଥିବା ବିପଦ, ତଥ୍ୟ ଚୋରି ଏବଂ ଗୋପନୀୟତା ଭଙ୍ଗ ହେଉଛି ଏକ ଚିନ୍ତାର ପ୍ରସଙ୍ଗ । ଏଣୁ ବ୍ୟାଙ୍କ୍‌ଗୁଡ଼ିକ ଏସବୁ ବିପଦ ପ୍ରତି ଅଧିକ ଯତ୍ନବାନ୍ ହେବାର ଆବଶ୍ୟକତା ରହିଛି ।

୧୦. ସାଇବର ସୁରକ୍ଷା- ବିଗତ ୩ ବର୍ଷ ଭିତରେ ପିଏମ୍‌ଜେଡିୱାଇ ଅଧୀନରେ ପାଖାପାଖି ୩୧ କୋଟି ନୂଆ ଜମାଖାତା (ଆକାଉଣ୍ଟ) ଖୋଲା ଯାଇଛି ଏବଂ ସେଗୁଡ଼ିକ ମଧ୍ୟରୁ ପାଖାପାଖି ୮୦ ପ୍ରତିଶତ ହେଉଛନ୍ତି ପ୍ରଥମ ଥର ପାଇଁ ବ୍ୟବହାରକାରୀ । ଏହା ସାଇବର ସୁରକ୍ଷା ପାଇଁ ଏକ ବଡ଼ ବିପଦ ହୋଇପାରେ ବିଶେଷକରି ଯେତେବେଳେ କେୱାଇସି (ନୋ- ୟୋର୍- କଷ୍ଟମର) ନୀତି ନିୟମଗୁଡ଼ିକ ଏଥିରେ ମିଶିକରି ରହିଛି ।

**ପଥ ଆଗକୁ:**

ବିଗତ ଦୁଇ ଦଶନ୍ଧି ଭିତରେ ଭାରତ ଏବଂ ଭାରତ ବାହାରେ ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ଉଦ୍ୟୋଗ କ୍ଷେତ୍ରରେ ଅନେକଗୁଡ଼ିଏ ପରିବର୍ତ୍ତନ ଘଟି ଯାଇଛି । ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବ୍ୟବସାୟିକ ସଫଳତା ପ୍ରତିପାଦିତ ହୋଇ ସାରିଛି ଏବଂ ସମଗ୍ର ବିଶ୍ୱର ସରକାରମାନେ ଜନସଂଖ୍ୟାର ବୃହତ୍ ଅଂଶକୁ ଆର୍ଥିକ ସେବା ସମ୍ପ୍ରସାରିତ କରିବା ନିମନ୍ତେ ଉଦ୍ୟମ କରୁଛନ୍ତି କାରଣ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଆର୍ଥିକ ସମାନତା ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଥାଏ । ଆନୁଷ୍ଠାନିକ ଆର୍ଥିକ ଅନୁଷ୍ଠାନଗୁଡ଼ିକ ବ୍ୟାଙ୍କିଙ୍ଗ୍ ସୁବିଧାଗୁଡ଼ିକୁ ସ୍ୱଳ୍ପ ମୂଲ୍ୟରେ ପ୍ରଦାନ କରିଥାନ୍ତି, ସୁବିଧାଜନକ ହିସାବ ସହିତ ପାଣ୍ଠିକୁ ସୁରକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଜମାକାରୀଙ୍କୁ ସୁଧ ପ୍ରଦାନ କରି ଲାଭବାନ୍ କରିଥାନ୍ତି । ବ୍ୟାଙ୍କ୍‌ଗୁଡ଼ିକ ସଞ୍ଚୟକାରୀ ଏବଂ ପୁଞ୍ଜିନିବେଶକାରୀଙ୍କ ମଧ୍ୟରେ ମଧ୍ୟସ୍ଥିର ଭୂମିକା ନିର୍ବାହ କରିଥାନ୍ତି ଏବଂ ତଦ୍ୱାରା ଅଭିବୃଦ୍ଧି ନିମନ୍ତେ ସମ୍ବଳ ଯୋଗାଇ ଦେଇଥାନ୍ତି । ତେଣୁ, ଲୋକମାନଙ୍କ ନିକଟରେ ଜମା ରଖିବା ପାଇଁ ସଞ୍ଚୟ ନଥାଇ ପାରେ, କିନ୍ତୁ ସମ୍ବଳ ନିମନ୍ତେ ଆବଶ୍ୟକତା ଥାଇପାରେ ଯାହା କର୍ମନିଯୁକ୍ତି ସୃଷ୍ଟି କରିବାରେ ତଥା ଅର୍ଥନୀତିକ କାର୍ଯ୍ୟକଳାପରେ ନିରନ୍ତରତା ବଜାୟ ରଖିବା ନିମନ୍ତେ ବ୍ୟବହାର କରାଯାଇପାରେ ।

ଭାରତରେ, ଆସନ୍ତା କିଛି ଦଶନ୍ଧି ନିମନ୍ତେ ଏହି ଦୃଶ୍ୟପଟ୍ଟ ମଧ୍ୟକୁ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକୁ ହୁଏତ ବିଚାରକୁ ନେବାକୁ ପଡ଼ିପାରେ-

କ) ଭାରତୀୟ ଅର୍ଥନୀତି କୃଷି ଏବଂ ଗ୍ରାମୀଣ କାର୍ଯ୍ୟକଳାପ ସହିତ ଓତଃପ୍ରୋତ ଭାବରେ ଜଡ଼ିତ, କାରଣ ଦେଶର ଲୋକସଂଖ୍ୟାର ହାରାହାରି ୬୬ ପ୍ରତିଶତ ଏବେ ବି ଗ୍ରାମାଞ୍ଚଳରେ ବାସ କରନ୍ତି।

ଖ) ଭାରତରେ ବିଶ୍ୱ ଜନସଂଖ୍ୟାର ୧୬ ପ୍ରତିଶତ ଏବଂ ମାତ୍ର ୪ ପ୍ରତିଶତ ଜଳ ସମ୍ବଳ ରହିଛି। କୃଷି ନିମନ୍ତେ ଜଳର ଉତ୍କଟ ଅଭାବ ସ୍ପଷ୍ଟ ରୂପେ ଦେଖା ଦେବ ବିଶେଷକରି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ।

ଗ) କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ତଥା କ୍ରମ ବର୍ଦ୍ଧନଶୀଳ ସହରୀକରଣ ଏବଂ ଶିଳ୍ପକରଣ ଯୋଗୁଁ ସୃଷ୍ଟ ଚାଷଜମିର ଅଭାବ ଖାଦ୍ୟଶସ୍ୟ ଏବଂ କୃଷିଜାତ ପଦାର୍ଥ ଉତ୍ପାଦନର ମୂଲ୍ୟକୁ ଅଧିକ ବୃଦ୍ଧି କରାଇବ।

ଘ) ୨୦୧୪ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୧୨୩ କୋଟି ଟଙ୍କା ଜମା ଥିବା ଜମାଖାତା (ଆକାଉଣ୍ଟ) ରହିଥିଲା। ଏହା ସହିତ ପୋଷ୍ଟ ଅଫିସ୍‌ଗୁଡ଼ିକରେ ୨୮ କୋଟି ଜମାଖାତା (ଆକାଉଣ୍ଟ) ରହିଥିଲା। ପିଏମ୍‌ଜେଡିୱାଇ ବ୍ୟାଙ୍କଗୁଡ଼ିକରେ ପାଖାପାଖି ୩୧ କୋଟି ନୂଆ ଜମାଖାତା ଖୋଲିବାରେ ସଫଳ ହୋଇଛି। ଏଥି ସହିତ ପ୍ରଧାନମନ୍ତ୍ରୀ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକ ସମ୍ବନ୍ଧରେ ଘୋଷଣା କରିଛନ୍ତି ଯେଉଁଗୁଡ଼ିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଜରିଆରେ କାର୍ଯ୍ୟକାରୀ ହେବ। ପୁନଶ୍ଚ, ଅର୍ଥନୀତିକ ପରିସରର ନିମ୍ନ କ୍ଷେତ୍ରରେ ମୁଦ୍ରା ବ୍ୟାଙ୍କ୍ ବ୍ୟାଙ୍କିଙ୍ଗ୍ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବ।

ଙ) ଜନଧନ ତଥା ନିକଟରେ ଘୋଷଣା କରାଯାଇଥିବା ଅନ୍ୟାନ୍ୟ ଯୋଜନା ଅଧୀନରେ ଖୋଲା ଯାଇଥିବା ଜମାଖାତା (ଆକାଉଣ୍ଟ)ଗୁଡ଼ିକର ପରିଣତିରେ ବ୍ୟାଙ୍କିଙ୍ଗ୍ କାର୍ଯ୍ୟକଳାପ ଯଥେଷ୍ଟ ବୃଦ୍ଧି ପାଇବ ଏବଂ ଯେଉଁସବୁ ସ୍ଥାନରେ ବ୍ୟାଙ୍କର ଶାଖା ନାହିଁ, ସେସବୁ ସ୍ଥାନରେ ବ୍ୟାଙ୍କ୍ ସେବା ପହଞ୍ଚାଇବାର ଆଶା ସୃଷ୍ଟି କରିବ। ଏହା ଦୁର୍ଗମ/ ଦୂର ଦୂରାନ୍ତ ଅଞ୍ଚଳଗୁଡ଼ିକରେ ବ୍ୟବସାୟିକ ବ୍ୟାଙ୍କମାନଙ୍କ ଦ୍ୱାରା ସେବା ପହଞ୍ଚାଇବା ନିମନ୍ତେ ଯଥେଷ୍ଟ ଅଧିକ ବ୍ୟୟ ଆବଶ୍ୟକ କରିବ।

ଚ) ସରକାର ଘୋଷଣା କରିଛନ୍ତି ଯେ ବୈଷୟିକ ଜ୍ଞାନକୌଶଳ ତଥା ବ୍ୟାଙ୍କ୍‌ମାନଙ୍କୁ ବ୍ୟବହାର କରି ଏହା ଲୋକମାନଙ୍କ ନିକଟକୁ ସିଧାସଳଖ ସମ୍ବଳ ହସ୍ତାନ୍ତରିତ କରିବେ। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ (ଡିବିଟି) ଜନସାଧାରଣଙ୍କୁ, ସାଧାରଣତଃ ନିମ୍ନ-ଆୟକାରୀ ବର୍ଗଙ୍କୁ ଅତିରିକ୍ତ ଆର୍ଥିକ ସମ୍ବଳ ଯୋଗାଇବାରେ ସହାୟକ ହେବ। ଖାଦ୍ୟଶସ୍ୟର ଅଧିକ ମୂଲ୍ୟ ମଧ୍ୟ ଗ୍ରାମାଞ୍ଚଳଗୁଡ଼ିକରେ କ୍ରୟ କରିବାର କ୍ଷମତାକୁ ବୃଦ୍ଧି କରିବା ଦିଗରେ ଆଗେଇ ନେଉଛି। ପ୍ରଧାନମନ୍ତ୍ରୀ ମଧ୍ୟ ୨୦୨୨ ସୁଦ୍ଧା କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଦାରିଦ୍ର୍ୟ ମଧ୍ୟରୁ ଆନୁପାତିକ ଭାବରେ ଯେତିକି ସଂଖ୍ୟକ ଲୋକ ମୁକ୍ତି ପାଇବେ, ତାହା ଆକଳନ କରାଯିବାର ଆବଶ୍ୟକତା ରହିଛି।

**ଶେଷକଥା ଏବଂ ସୁପାରିସ:**

ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଉଦ୍ଦେଶ୍ୟ ହେଉଛି, ଉପଭୋକ୍ତାମାନଙ୍କୁ ପ୍ରଦାନ କରିହେବା ଭଳି ଦରରେ ଆର୍ଥିକ ସମ୍ବଳ ଯୋଗାଇ ଦେବା। ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ବୃଦ୍ଧି ପାଉଥିବା ଜଟିଳତା ଦୃଷ୍ଟିରୁ ଏକ ଖସଡ଼ା (ରୋଡ୍‌ମ୍ୟାପ୍) ତଥା ନିୟନ୍ତ୍ରକ (ରେଗୁଲେଟର) ପ୍ରସ୍ତୁତ କରିବାର ଆବଶ୍ୟକତା ପଡ଼ିପାରେ।

ଅଧିକ ପରିମାଣର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହାସଲ କରିବା ନିମନ୍ତେ ଆବଶ୍ୟକ ଡିଜିଟାଇଜେସନ ପ୍ରସଙ୍ଗ ଏକ ଗମ୍ଭୀର ପ୍ରସଙ୍ଗ ଏବଂ ଏହାର ବିଶ୍ଳେଷଣ ହେବାର ଆବଶ୍ୟକତା ରହିଛି। ଭାଷା ଏବଂ ଲିଖିତ ଭାଷା ଦୃଷ୍ଟିରୁ ଭାରତ ଏକ ବିବିଧତାରେ ଭରା ଦେଶ। ଆହୁରି ମଧ୍ୟ ଦେଶର ସାକ୍ଷରତା ହାର ଅତ୍ୟନ୍ତ କମ୍ ଯାହା ପାଖାପାଖି ୭୦ ପ୍ରତିଶତ ଏବଂ ଇଂରାଜୀ ସାକ୍ଷରତାର ହାର ମୋଟ ଜନସଂଖ୍ୟାର ୧୦ ପ୍ରତିଶତରୁ ଅଧିକ ନୁହେଁ। ସବୁଯାକ ଇଲେକ୍ଟ୍ରୋନିକ୍ ଉପକରଣରେ ଇଂରାଜୀ ଭାଷାରେ ସଂଖ୍ୟା ରହି ଥିବାରୁ ତଥା ଡିଜିଟାଲ ବ୍ୟାଙ୍କିଙ୍ଗରେ ମଧ୍ୟ ସବୁଯାକ ଭାବ ବିନିମୟ ଇଂରାଜୀ ଭାଷାରେ ହେଉ ଥିବାରୁ

> ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ୍‌ଜେଡିୱାଇ)ର ଉଦ୍ଦେଶ୍ୟ ବିଭିନ୍ନ ପ୍ରକାରର ମୌଳିକ ଆର୍ଥିକ ସେବା ଯଥା ବ୍ୟାଙ୍କ୍‌ରେ ମୌଳିକ ସଞ୍ଚୟ ଜମାଖାତା, ଦେଣନେଣ ସୁବିଧା, ବହିର୍ଭୂତ ବର୍ଗ, ମୁଖ୍ୟତଃ ଦୁର୍ବଳ ଶ୍ରେଣୀ ଏବଂ ନିମ୍ନ-ଆୟକାରୀ ବର୍ଗଙ୍କୁ ବୀମା ଓ ପେନ୍‌ସନ୍ ପ୍ରାପ୍ତିର ସୁବିଧା ଉପଲବ୍ଧ କରାଇବା ପର୍ଯ୍ୟନ୍ତ ସମ୍ପ୍ରସାରିତ ଥିଲା। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହାସଲ କରିବା ନିମନ୍ତେ ଲଘୁ ବା କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଋଣ ପ୍ରଦାନ ଉପରେ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ମାଇକ୍ରୋ ୟୁନିଟ୍‌ସ୍ ଡେଭଲପ୍‌ମେଣ୍ଟ୍ ରିଫାଇନାନ୍‌ସ୍ ଏଜେନ୍ସି (ମୁଦ୍ରା) ଯୋଜନା ପ୍ରଚଳନ କରି ସରକାର ତାଙ୍କର ଉଦ୍ୟମ ଜାରି ରଖିଲେ। ସେହିପରି ୨୦୧୫ ସୁଦ୍ଧା ପିଏମ୍‌ଜେଡିୱାଇ ଯୋଜନା ଅଧୀନରେ ଦେଶର ୯୫ ପ୍ରତିଶତରୁ ଅଧିକ ପରିବାରଙ୍କର ବ୍ୟାଙ୍କ୍‌ରେ ଆକାଉଣ୍ଟ ରହିଥିବା ଉଦ୍ୟମକୁ ସଫଳତାର ସହିତ ହାସଲ କରି ପାରିଥିବା ସମ୍ପର୍କରେ ନିଶ୍ଚିତ ହେବା ପରେ ଏକ ଯୁକ୍ତିସଙ୍ଗତ ତଥା ଉତ୍ତମ ରୂପେ କ୍ରମାନ୍ୱୟଭିତ୍ତିକ ପଦକ୍ଷେପ ନେବାକୁ ଯାଇ କେନ୍ଦ୍ର ସରକାର ଜନସାଧାରଣଙ୍କ ନିକଟକୁ ସାମାଜିକ ସୁରକ୍ଷା ଯୋଜନା ସମ୍ପ୍ରସାରିତ କଲେ। ଛାମୁଆ ଯୋଜନା ଅଟଳ ପେନ୍‌ସନ୍ ଯୋଜନା (ଏପିୱାଇ) ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଗରିବ ଲୋକମାନଙ୍କୁ ବାର୍ଦ୍ଧକ୍ୟାବସ୍ଥାରେ ଆୟର ସୁରକ୍ଷା ପ୍ରଦାନ କରିବାର ଲକ୍ଷ୍ୟ ବହନ କରେ; ଏକବର୍ଷ ପାଇଁ ବୀମା ସୁରକ୍ଷା ପ୍ରଦାନ କରୁଥିବା ତଥା ପ୍ରତି ବର୍ଷ ନବୀକରଣ କରି ହେଉଥିବା ଜୀବନ ଜ୍ୟୋତି ବୀମା ଯୋଜନା ଜୀବନ ବୀମାର ସୁବିଧା ପ୍ରଦାନ କରିବାର ଲକ୍ଷ୍ୟ ବହନ କରୁଥିବା ବେଳେ ପ୍ରତି ବର୍ଷ ନବୀକରଣ କରି ହେଉଥିବା ସୁରକ୍ଷା ବୀମା ଯୋଜନା ଦୁର୍ଘଟଣା କାରଣରୁ ଘଟିଥିବା ଶାରୀରିକ ଅକ୍ଷମତା କିମ୍ବା ମୃତ୍ୟୁ ପାଇଁ ବୀମା ସୁରକ୍ଷା ପ୍ରଦାନ କରିଥାଏ।

> ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଉଦ୍ଦେଶ୍ୟ ହେଉଛି, ଉପଭୋକ୍ତାମାନଙ୍କୁ ପ୍ରଦାନ କରିହେବା ଭଳି ଦରରେ ଆର୍ଥିକ ସମ୍ବଳ ଯୋଗାଇ ଦେବା। ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ବୃଦ୍ଧି ପାଉଥିବା ଜଟିଳତା ଦୃଷ୍ଟିରୁ ଏକ ଖସଡ଼ା (ରୋଡ୍‌ମ୍ୟାପ୍) ତଥା ନିୟନ୍ତ୍ରକ (ରେଗୁଲେଟର) ପ୍ରସ୍ତୁତ କରିବାର ଆବଶ୍ୟକତା ପଡ଼ିପାରେ। ଅଧିକ ପରିମାଣର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହାସଲ କରିବା ନିମନ୍ତେ ଆବଶ୍ୟକ ଡିଜିଟାଇଜେସନ ପ୍ରସଙ୍ଗ ଏକ ଗମ୍ଭୀର ପ୍ରସଙ୍ଗ ଏବଂ ଏହାର ବିଶ୍ଳେଷଣ ହେବାର ଆବଶ୍ୟକତା ରହିଛି। ଭାଷା ଏବଂ ଲିଖିତ ଭାଷା ଦୃଷ୍ଟିରୁ ଭାରତ ଏକ ବିବିଧତାରେ ଭରା ଦେଶ। ଆହୁରି ମଧ୍ୟ ଦେଶର ସାକ୍ଷରତା ହାର ଅତ୍ୟନ୍ତ କମ୍ ଯାହା ପାଖାପାଖି ୭୦ ପ୍ରତିଶତ ଏବଂ ଇଂରାଜୀ ସାକ୍ଷରତାର ହାର ମୋଟ ଜନସଂଖ୍ୟାର ୧୦ ପ୍ରତିଶତରୁ ଅଧିକ ନୁହେଁ।

ଭାରତୀୟ ଅର୍ଥନୀତିକୁ ନିର୍ଦ୍ଦିଷ୍ଟ ସମୟ ସୀମା ଭିତ୍ତିରେ ସମ୍ପୂର୍ଣ୍ଣ ରୂପେ ଡିଜିଟାଲକରଣ କରିବାରେ ସ୍ୱାଭାବିକ ଭାବରେ ପ୍ରତିବନ୍ଧକ ରହିଛି। ଭାରତର ଜନସଂଖ୍ୟାର ଏବେ ବି ୩୦ ପ୍ରତିଶତ ଅର୍ଥାତ୍ ପାଖାପାଖି ୪୦ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି ଏବଂ ୯୦ ପ୍ରତିଶତ ଲୋକ ଅସଂଗଠିତ କ୍ଷେତ୍ରରେ କାମ କରନ୍ତି। ଏହି ଲୋକମାନେ ମଧ୍ୟ ଡିଜିଟାଲ ଅର୍ଥନୀତିକୁ ଆପଣେଇ ନେବାରେ ମନ୍ଥରତା ପ୍ରକାଶ କରି ପାରନ୍ତି। ଏହା ସହିତ ଗ୍ରାମାଞ୍ଚଳର ଦୋକାନମାନଙ୍କରେ କମ୍ କାରବାର ହେବା, ଚାଳିଆ ଦୋକାନ, ଗ୍ରାମାଞ୍ଚଳ ଉଠା ଦୋକାନ ହୁଏତ ପଡ଼ିବାରେ ଏବଂ ନିରାପଦ ଭାବରେ ପ୍ଲାଷ୍ଟିକ୍ ମନି ବା ଟଙ୍କାଜନିତ ତଥ୍ୟକୁ ସୁରକ୍ଷା ଦେବା ପାଇଁ ଉପକରଣର ସ୍ଥାପନ ବାବଦରେ ଯେତିକି ଅର୍ଥ ବ୍ୟୟ କରିବାକୁ ପଡ଼ିବ, ତାକୁ ଯଥାର୍ଥତା ପ୍ରତିପାଦନ କରି ନପାରେ। ପ୍ରଦାନ କରିହେବା ଭଳି ମୂଲ୍ୟ ବିନିମୟରେ ଦେଶର ଦୁର୍ଗମ ଅଞ୍ଚଳଗୁଡ଼ିକରେ ଉପକରଣ ଯୋଗାଇବା ତଥା ସେଗୁଡ଼ିକୁ ନିରବଚ୍ଛିନ୍ନ ସଂଯୋଗ ଦେବା ଭଳି ସମସ୍ୟାର ସମାଧାନ କରିବା ଅନ୍ୟ ଏକ ଆହ୍ୱାନ ହୋଇପାରେ। ବର୍ତ୍ତମାନ ସମୟରେ ଇ-ମୁଦ୍ରା ବ୍ୟବହାର ଅଧିକାଂଶ ପରିମାଣରେ ସହରାଞ୍ଚଳ ମଧ୍ୟରେ ଏବଂ ଗ୍ରାମାଞ୍ଚଳର ଶିକ୍ଷିତ ଯୁବ ବର୍ଗଙ୍କ ଭିତରେ ସୀମିତ। ଏପରିକି ଯଦି ଗ୍ରାମାଞ୍ଚଳରେ ବି ସ୍ମାର୍ଟଫୋନ୍ ରହିଥାଏ, ତା'ହେଲେ ଏସବୁ ପରିବାରର ଜଣକ ମଧ୍ୟରେ ସୀମିତ ଯାହାର ଅର୍ଥ ସ୍ୱଭାବରେ ଘରୋଇ ହୋଇଥିବା ବ୍ୟାଙ୍କ୍ ସମ୍ବନ୍ଧିତ କାର୍ଯ୍ୟକଳାପ ସୀମିତ ରହିବ। ତେଣୁ ଏକ ଡିଜିଟାଲ ଅର୍ଥନୀତି ନିର୍ମାଣର ବିଭିନ୍ନ ଦିଗ ଉପରେ ମୂଲ୍ୟ ସଂଶ୍ଳିଷ୍ଟ ବା ଖର୍ଚ୍ଚ ହେବାକୁ ଥିବା ଅର୍ଥର ବ୍ୟବସ୍ଥା ସହିତ ଏକ ଦୀର୍ଘକାଳୀନ ତଥା ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ କାର୍ଯ୍ୟକାରୀ କରାଯାଇ ପାରୁଥିବା ଯୋଜନା ପ୍ରସ୍ତୁତ ହେବା ହୁଏତ ଏ କ୍ଷେତ୍ରରେ ସହାୟକ ହୋଇପାରେ। ଭାରତକୁ ଦ୍ରୁତ ଗତିରେ ଡିଜିଟାଲକରଣ କରିବା ପାଇଁ ସମ୍ଭବତଃ ସମସ୍ୟାକୁ ବୁଝିବା ନିମନ୍ତେ, ଆହ୍ୱାନଗୁଡ଼ିକ ସମ୍ବନ୍ଧରେ ସଚେତନ ହେବା ପାଇଁ ଏବଂ ତା'ପରେ ସଫଳତା ହାସଲ କରିବା ପାଇଁ ଏକ ମାର୍ଗଦର୍ଶିକା ବା ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ଏକ କମିଟି ଗଠନ କରାଯିବାର ଆବଶ୍ୟକତା ରହିଛି। ଯେମିତି ସରକାର ସ୍ମାର୍ଟ ସିଟି ପ୍ରସଙ୍ଗକୁ ୧୦୦ଟି ବଛାବଛା ସହରର ତାଲିକା ପ୍ରସ୍ତୁତ କରି ଘୋଷଣା କରିଛନ୍ତି ଯେଉଁସବୁରେ କି ବୈଷୟିକ ସୁବିଧା ସୁଯୋଗ/ ଉପକରଣଗୁଡ଼ିକ ପର୍ଯ୍ୟାୟ ଭିତ୍ତିରେ ପ୍ରଦାନ କରାଯିବ, ସେହିଭଳି ଡିଜିଟାଲକରଣ ପାଇଁ ସମାନ କୌଶଳ, ପାଇଲଟ୍‌ଭିତ୍ତିକ ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇପାରେ। ପିଏମ୍‌ଜେଡିୱାଇର ସଫଳତା ଦୃଷ୍ଟିରୁ ଏକ ନୂଆ ଫାଟ ସ୍ପଷ୍ଟ ଭାବରେ ସୃଷ୍ଟି ହୋଇଛି ଏବଂ ତାହା ହେଉଛି ମାଇକ୍ରୋ ଏବଂ ଗ୍ରାମାଞ୍ଚଳ କ୍ଷେତ୍ରର ନିୟନ୍ତ୍ରଣ। ୧୯୩୪ରେ ସ୍ଥାପିତ ଭାରତୀୟ ରିଜର୍ଭ୍ ବ୍ୟାଙ୍କ୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ନିୟନ୍ତ୍ରଣ ଏବଂ ନିରୀକ୍ଷଣ କରିଥାଏ। ଏଥି ସହିତ ଅନେକ ଦଶନ୍ଧି ଧରି ଯଦିଓ ବ୍ୟବସାୟିକ ବ୍ୟାଙ୍କ୍‌ଗୁଡ଼ିକ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ କାର୍ଯ୍ୟକାରୀ କରି ଆସୁଛନ୍ତି, ତେବେ ନିର୍ଦ୍ଦିଷ୍ଟ କ୍ଷେତ୍ରଭିତ୍ତିକ ଆଭିମୁଖ୍ୟରେ ଅଭାବ ରହୁଛି। ତେଣୁ ବର୍ତ୍ତମାନ ସ୍ପଷ୍ଟ ଉତ୍ତରଦାୟିତ୍ୱ ଏବଂ ଦାୟିତ୍ୱସମ୍ପନ୍ନ ତଥା ଚାରି ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତା ଥିବା ନାବାର୍ଡକୁ ନିୟନ୍ତ୍ରଣ ଓ ନିରୀକ୍ଷଣର ଦାୟିତ୍ୱ ପ୍ରଦାନ କରାଯିବା ଆବଶ୍ୟକ ହୋଇପାରେ।

ଲେଖକ ହେଉଛନ୍ତି ଲସ୍-ଏଞ୍ଜେଲେସ୍‌ସ୍ଥିତ ୟୁସିଏଲ୍‌ଏ ଆଣ୍ଡରସନ୍ ପ୍ରତିଷ୍ଠାନର ଜଣେ ଭିଜିଟିଂ ପ୍ରଫେସର୍।

# ସାମାଜିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ସମୂହ- ଦୁର୍ବଳମାନଙ୍କ ପାଇଁ ହସ୍ତ ସମ୍ପ୍ରସାରଣ

● ଭି. ଶ୍ରୀନିବାସ

ସାମାଜିକ ଅନ୍ତର୍ଭୁକ୍ତୀକରଣ କହିଲେ ସମାଜରେ ଜଣେ ବ୍ୟକ୍ତିର ଜୀବନର ସୁଯୋଗଗୁଡ଼ିକୁ ବୃଦ୍ଧି କରିବା ନିମନ୍ତେ ସୁହାଇବା ଭଳି ସୁଯୋଗମାନ ହାସଲ କରିବାର ସୁବିଧା ଉପଲବ୍ଧ କରାଇବା। ଏସବୁ ସୁଯୋଗଗୁଡ଼ିକ ହେଉଛି ଶିକ୍ଷା, କର୍ମ ନିଯୁକ୍ତି, ସାମାଜିକ ସେବା ସମୂହ ଏବଂ ସାମାଜିକ ସୁରକ୍ଷା। ଏସବୁ ସୁଯୋଗର ଅନୁପସ୍ଥିତି ହେଉଛି ସାମାଜିକ ବାସନ୍ଦ ଯାହା ଅଧିକାରହୀନତା, ଦାରିଦ୍ର୍ୟ ଏବଂ ଜାଗତିକ ସୁଖ ସୁବିଧାରୁ ଜଣକୁ ବଞ୍ଚିତ କରିବା। ଏହି ସନ୍ଦର୍ଭରେ ଦୁର୍ବଳ ଯଥା କନ୍ୟା ସନ୍ତାନ, ମହିଳା ଏବଂ ଦୁର୍ବଳ ଶ୍ରେଣୀର ଲୋକେ ଏବଂ ବୟସ୍କମାନଙ୍କ ଜୀବନକୁ ଉନ୍ନତ କରିବା ଦିଗରେ ସରକାରଙ୍କର ରହିଥିବା ବିଭିନ୍ନ ଯୋଜନା ଓ ନୀତି ନିୟମଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରାଯାଇଛି।

**ସାମ୍ବିଧାନିକ ବ୍ୟବସ୍ଥା ସମୂହ**

ଭାରତର ସମ୍ବିଧାନ ଏହାର ପ୍ରସ୍ତାବନା ଜରିଆରେ ଏହାର ସମସ୍ତ ନାଗରିକମାନଙ୍କ ପାଇଁ ନ୍ୟାୟ: ସାମାଜିକ, ଅର୍ଥନୀତିକ ଏବଂ ରାଜନୀତିକ; ଚିନ୍ତାଧାରା, ଭାବ ପ୍ରକାଶ, ବିଶ୍ୱାସ, ଆସ୍ଥା ଏବଂ ଧାର୍ମିକ ଉପାସନାର ସ୍ୱାଧୀନତା; ଏବଂ ସ୍ଥିତି ଓ ସୁଯୋଗରେ ସମାନତାର ସୁରକ୍ଷା ପ୍ରଦାନ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ।



ମୌଳିକ ଅଧିକାର ସମୂହ ଏବଂ ରାଜ୍ୟମାନଙ୍କର ନୀତି ସମୂହ ନିର୍ଦ୍ଦେଶାବଳୀ ମାଧ୍ୟମରେ ସାମାଜିକ ଅନ୍ତର୍ଭୁକ୍ତୀକରଣ ସମ୍ବନ୍ଧରେ ଉଲ୍ଲେଖ କରିଛି। ଭାରତୀୟ ସମ୍ବିଧାନର ଭାଗ ୩ ସାମାଜିକ ଅନ୍ତର୍ଭୁକ୍ତୀକରଣ ପାଇଁ ୬ଟି ମୌଳିକ ଅଧିକାର ପ୍ରଦାନ କରିଥାଏ। ଏଗୁଡ଼ିକ ମଧ୍ୟରେ ସମାନତାର ଅଧିକାର, ସ୍ୱାଧୀନତାର ଅଧିକାର, ଶୋଷଣ ବିରୁଦ୍ଧରେ ଅଧିକାର, ଧାର୍ମିକ ସ୍ୱାଧୀନତାର ଅଧିକାର, ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର ଏବଂ ସାମ୍ବିଧାନିକ ସଙ୍କଟ ସମାଧାନର ଅଧିକାର ଅନ୍ତର୍ଭୁକ୍ତ। ଏସବୁ ଅଧିକାର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଉପଲବ୍ଧ।

ଅନୁଚ୍ଛେଦ ୧୫(୩) ଶିକ୍ଷାନୁଷ୍ଠାନ ଏବଂ କର୍ମନିଯୁକ୍ତି ପ୍ରଦାନର ସୁଯୋଗ କ୍ଷେତ୍ରରେ ମହିଳା ଏବଂ ଶିଶୁମାନଙ୍କ ନିମନ୍ତେ ବିଶେଷ ବ୍ୟବସ୍ଥା କରିବାକୁ ରାଜ୍ୟକୁ କ୍ଷମତା ପ୍ରଦାନ କରିଛି। କେତେକ ବର୍ଗର ପଦ ପଦବୀରେ ମହିଳାଙ୍କୁ ସ୍ୱତନ୍ତ୍ର ସଂରକ୍ଷଣ ପ୍ରଦାନ କରିବା ନିମନ୍ତେ ତଥା ଆଞ୍ଚଳିକ ଶାସନ ବ୍ୟବସ୍ଥା ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ମହିଳାମାନଙ୍କୁ ସଂରକ୍ଷଣ ସୁବିଧା ଯୋଗାଇ ଦେବା ପାଇଁ ସରକାର ଏହି ବ୍ୟବସ୍ଥାକୁ ପର୍ଯ୍ୟାପ୍ତ ପରିମାଣରେ ବହୁଳ ପ୍ରୟୋଗ କରିଛନ୍ତି। ଅନୁଚ୍ଛେଦ ୧୫(୪) ସାମାଜିକ ଏବଂ ଶିକ୍ଷାଗତ ପ୍ରଗତି ଦୃଷ୍ଟିରୁ ପଛୁଆ ଶ୍ରେଣୀର ନାଗରିକମାନଙ୍କ ଯଥା, ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ), ଅନୁସୂଚୀତ ଜାତି ଏବଂ ଜନଜାତିର ଛାତ୍ରଛାତ୍ରୀମାନଙ୍କର ଅଣସରକାରୀ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ନାମଲେଖାକୁ ପ୍ରୋତ୍ସାହନ ଦେବାର ଉଦ୍ୟମ କରିଥାଏ। ଅନୁଚ୍ଛେଦ ୧୭ ଅସ୍ପୃଶ୍ୟତା ଏବଂ ଯେ କୌଣସି ରୂପରେ ଏହାର ପ୍ରଚଳନକୁ ଉଚ୍ଛେଦ କରିଥାଏ। ଅସ୍ପୃଶ୍ୟତାର ନିରାକରଣ ନିମନ୍ତେ ଆଇନକୁ କାର୍ଯ୍ୟକାରୀ କରିବାରେ ଯେ କୌଣସି ପ୍ରକାରର ଅବହେଳା ପ୍ରଦର୍ଶନକୁ ଆଇନ୍ ଅନୁସାରେ ଏକ ଅପରାଧ ବୋଲି ବିବେଚନା କରାଯିବ।

ରାଷ୍ଟ୍ରର ନୀତି ସମ୍ବନ୍ଧିତ ନୀତି ସମୂହର ଡିରେକ୍ଟିଭ୍ସ୍ ପ୍ରିନ୍ସପଲ୍ସ୍ ଅଫ୍ ଷ୍ଟେଟ୍ ପଲିସି ଭାରତୀୟ ସମ୍ବିଧାନର ଚତୁର୍ଥ ଭାଗରେ ସନ୍ନିବେଶିତ। ଅନୁଚ୍ଛେଦ ବା ଆର୍ଟିକେଲ୍

୩୮ ଉଲ୍ଲେଖ କରେ ଯେ ରାଷ୍ଟ୍ର ଯେମିତି ବି ହେଉ ପ୍ରଭାବଶାଳୀ ଢଙ୍ଗରେ ସାମାଜିକ ଶୃଙ୍ଖଳା ହାସଲ କରି ଏବଂ ସୁରକ୍ଷା ପ୍ରଦାନ କରି ଲୋକମାନଙ୍କର ଉନ୍ନତିକୁ ପ୍ରୋତ୍ସାହିତ କରିବା ନିମନ୍ତେ ଉଦ୍ୟମ କରିବ ଯେଉଁଥିରେ ରାଷ୍ଟ୍ରୀୟ ଜୀବନର ସବୁ ଅନୁଷ୍ଠାନରେ ନ୍ୟାୟ, ସାମାଜିକ, ଅର୍ଥନୀତିକ ଏବଂ ରାଜନୀତିକ ରୂପରେ ମିଳୁଥିବ । ଅନୁଚ୍ଛେଦ ୩୯ ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ଏବଂ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ସମାନ କାମ ପାଇଁ ସମାନ ପାରିଶ୍ରମିକ ସମ୍ବନ୍ଧରେ ସୁନିଶ୍ଚିତ କରାଇବାର ବ୍ୟବସ୍ଥା ପ୍ରଦାନ କରିଥାଏ । ଅନୁଚ୍ଛେଦ ୪୧ କାମ କରିବାର ଅଧିକାର, ଶିକ୍ଷା, କର୍ମନିଯୁକ୍ତି କ୍ଷେତ୍ରରେ ସରକାରୀ ସହାୟତା, ବାର୍ଦ୍ଧକ୍ୟାବସ୍ଥା, ଅସୁସ୍ଥତା ଏବଂ ଭିନ୍ନକ୍ଷମତା ତଥା ପାଇବାର ହକ୍‌ଦାର ହୋଇ ନଥିବା ଅନ୍ୟାନ୍ୟ କେତେକ ଚାହିଦାର ଅଧିକାର ପ୍ରଦାନ କରିଥାଏ । ଅନୁଚ୍ଛେଦ ୪୨ କାମ କରିବାର ଯଥାର୍ଥ ଏବଂ ମାନବୀୟ ପରିବେଶ ତଥା ମାତୃତ୍ୱ ଲାଭ ଛୁଟି ବା ଅବ୍ୟାହତି ନିମନ୍ତେ ଅଧିକାର ପ୍ରଦାନ କରିଥାଏ । ଅନୁଚ୍ଛେଦ ୨୪୩ ଜି'ର ୧୧ତମ ସିଡ୍ୟୁଲ ଅକ୍ଷମ ଏବଂ ମାନସିକ ଅକ୍ଷମମାନଙ୍କର ଉନ୍ନତିକୁ ମିଶାଇ ସାମାଜିକ ଉନ୍ନତିର କଥା କୁହେ ଏବଂ ୨୪୩ ଡବ୍ଲ୍ୟୁର ୧୨ଶ ସିଡ୍ୟୁଲ ଅକ୍ଷମ ଏବଂ ମାନସିକ ବିକାରଗ୍ରସ୍ତମାନଙ୍କୁ ମିଶାଇ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବାର କଥା କହିଥାଏ ।

**ଶାସନର ସଂରଚନା:**

ଭାରତ ସରକାରଙ୍କ ସାମାଜିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ, ଜନଜାତି ବ୍ୟାପାର, ମହିଳା ଏବଂ ଶିଶୁ ବିକାଶ ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ କରାଯାଇଥାଏ ।

**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ:**

ଅନୁସୂଚୀତ ଜାତିର ଉନ୍ନତି ପାଇଁ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ୪୨ଗୋଟି ଯୋଜନା କାର୍ଯ୍ୟକାରୀ କରିଥାଏ । ଏହାର ବିଭିନ୍ନ ଯୋଜନା



ଅଧୀନରେ ଏହି ମନ୍ତ୍ରଣାଳୟ ଶିକ୍ଷାଗତ ସଶକ୍ତୀକରଣ, ଅର୍ଥନୀତିକ ସଶକ୍ତୀକରଣ ଏବଂ ସାମାଜିକ ସଶକ୍ତୀକରଣ ନିମନ୍ତେ ଉଦ୍ୟମ କରିଥାଏ । ମନ୍ତ୍ରଣାଳୟ ନିର୍ଦ୍ଦିଷ୍ଟ ଭାବରେ (୧) ଅସ୍ପୃଶ୍ୟତା ଏବଂ (୨) ଅନୁସୂଚୀତ ଜାତି ଏବଂ ଜନଜାତିମାନଙ୍କ ବିରୁଦ୍ଧରେ ହିଂସା ହ୍ରାସ କରିବା ଲକ୍ଷ୍ୟରେ ପ୍ରଣୀତ ଦୁଇଗୋଟି ଆଇନ୍‌ର ରକ୍ଷାକର୍ତ୍ତା । ଏହି ଆଇନ୍‌ଗୁଡ଼ିକ ହେଉଛି, ନାଗରିକ ଅଧିକାର ଆଇନ୍‌ର ସୁରକ୍ଷା ୧୯୫୫ ଏବଂ ଅନୁସୂଚୀତ ଜାତି ଓ ଜନଜାତି (ହିଂସା ପ୍ରତିରୋଧ) ଆଇନ୍ ୧୯୮୯ । ସମ୍ବିଧାନର ଅନୁଚ୍ଛେଦ ୩୮୩ ଅଧୀନରେ ୧୯୯୦ ମସିହାରେ ଅନୁସୂଚୀତ ଜାତିମାନଙ୍କ ନିମନ୍ତେ ବଳବତ୍ତର ଥିବା ସମସ୍ତ ଆଇନ୍ ଅନୁସାରେ ସମ୍ବିଧାନ ଅଧୀନରେ ପ୍ରଦତ୍ତ ସୁରକ୍ଷା ସମ୍ପର୍କିତ ସବୁ ପ୍ରକାରର ଘଟଣାର ତଦନ୍ତ ଓ ନିରୀକ୍ଷଣ କରିବାକୁ ଏବଂ ଅନୁସୂଚୀତ ଜାତିମାନଙ୍କର ଅଧିକାରର ହନନ ଏବଂ ସୁରକ୍ଷା ବାବଦରେ ଥିବା ନିର୍ଦ୍ଦିଷ୍ଟ ଅଭିଯୋଗଗୁଡ଼ିକର ତଦନ୍ତ କରିବାକୁ ଜାତୀୟ କମିଶନ ପ୍ରତିଷ୍ଠିତ ହୋଇଥିଲା ।

ମାଟ୍ରିକ୍ ପରବର୍ତ୍ତୀ ବିଦ୍ୟାଧ୍ୟୟନ ପାଇଁ ଅନୁସୂଚୀତ ଜାତିର ଛାତ୍ରମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ ଜରିଆରେ ଅନୁସୂଚୀତ ଜାତିର ଶିକ୍ଷାଗତ ସଶକ୍ତୀକରଣ କରାଯାଇଥାଏ ଯାହା ମାଟ୍ରିକ୍ ପରବର୍ତ୍ତୀ ଏବଂ ମାଧ୍ୟମିକ ଶିକ୍ଷା ସ୍ତରର ପରବର୍ତ୍ତୀ ସ୍ତରରେ ଅଧ୍ୟୟନ କରୁଥିବା ଅନୁସୂଚୀତ ଜାତିର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶିକ୍ଷା ଶେଷ କରିବା ଦିଗରେ ସକ୍ଷମ କରିବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥାଏ । ଏହି ଆର୍ଥିକ ସହାୟତା ମଧ୍ୟରେ ଭରଣପୋଷଣ ଭତ୍ତା, ପୈଠ ଦେୟ ପ୍ରଦାନ (ଫିସ୍), ବୁକ୍- ବ୍ୟାଙ୍କ୍ ସୁବିଧା ତଥା ଅନ୍ୟାନ୍ୟ ଭତ୍ତା ଅନ୍ତର୍ଭୁକ୍ତ । ବାବୁ ଜଗଜୀବନ ରାମ ଛାତ୍ରାବାସ ଯୋଜନା ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଅନୁସୂଚୀତ ଜାତିର ପୁଅ ଏବଂ ଝିଅମାନଙ୍କୁ ଛାତ୍ରାବାସ ସୁବିଧା ଯୋଗାଇ ଦେଇଥାଏ । ପୋଷ୍ଟ-ଗ୍ରାଜୁଏଟ୍ ଅନୁସୂଚୀତ ଜାତିର ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁନିଭର୍ସିଟି ଗ୍ରାଣ୍ଟ୍‌ସ୍ କମିଶନ)ଙ୍କ ଜରିଆରେ ସରକାର ଏମ୍. ଫିଲ୍ ଏବଂ ପିଏଚ୍. ଡି ପ୍ରୋଗ୍ରାମ୍ ବା ଶିକ୍ଷା କାର୍ଯ୍ୟକ୍ରମ ନିମନ୍ତେ ଫେଲୋସିପ୍ (ଛାତ୍ରବୃତ୍ତି) ପ୍ରଦାନ କରୁଛନ୍ତି । କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରର ଅଧ୍ୟୟନ ନିମନ୍ତେ ଅନୁସୂଚୀତ ଜାତିର ଛାତ୍ରଛାତ୍ରୀମାନଙ୍କ ପାଇଁ କେନ୍ଦ୍ର ସରକାର ମଧ୍ୟ ରାଷ୍ଟ୍ରୀୟ ବିଦେଶ ଶିକ୍ଷା ଛାତ୍ରବୃତ୍ତି (ନ୍ୟାସନାଲ ଓଭରସିଜ୍ ସ୍କଲାରସିପ୍) କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି ।

ଅନୁସୂଚୀତ ଜାତିମାନଙ୍କର ଅର୍ଥନୀତିକ ସଶକ୍ତୀକରଣ ଅନୁସୂଚୀତ ଜନଜାତି ସମୂହ ଉପ-

ଯୋଜନା (ଏସ୍‌ସିଏସ୍‌ପି) ଜରିଆରେ ବିଶେଷ କେନ୍ଦ୍ରୀୟ ସହାୟତା ପ୍ରଦାନ ଦ୍ୱାରା କରାଯାଉଛି। ସହାୟତା ରାଜ୍ୟ ଅନୁସୂଚୀତ ଜାତି ବିକାଶ ନିଗମ/କର୍ପୋରେସନ୍ ଦ୍ୱାରା ପ୍ରଦାନ କରାଯାଉଛି ଯାହା କେନ୍ଦ୍ର ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ଆନୁପାତିକ ଅର୍ଥରାଶି ବଳରେ ଅର୍ଥନୀତିକ ବିକାଶ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଇଥାନ୍ତି। ରାଜ୍ୟ ଅନୁସୂଚୀତ ଜାତି ବିକାଶ ନିଗମ୍‌ଗୁଡ଼ିକ ଋଣ ଏବଂ ବିନିବେଶ (ଇନ୍‌ପୁଟ୍)କୁ ମୂଳଧନ କରଜ ଏବଂ ରିହାତି ଭାବରେ ପ୍ରଦାନ କରିଥାନ୍ତି। ଅନୁସୂଚୀତ ଜାତି ସମୂହର ପରିବାରବର୍ଗଙ୍କୁ ରିହାତି ଦରରେ ଋଣ ଏବଂ ଦାରିଦ୍ର୍ୟ ସୀମାରେଖାର ଦୁଇଗୁଣ ତଳେ ଥିବା ଲକ୍ଷ୍ୟଭୁକ୍ତ ଗୋଷ୍ଠୀର ଯୁବ ବର୍ଗଙ୍କୁ ଦକ୍ଷତା ତଥା ଔଦ୍ୟୋଗିକ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ଭାରତ ଜାତୀୟ ଅନୁସୂଚୀତ ଜାତି ଆର୍ଥିକ ତଥା ବିକାଶ ନିଗମ ପ୍ରତିଷ୍ଠା କରିଛି। ମଇଳା ସଫା କରୁଥିବା ବ୍ୟକ୍ତିବିଶେଷ ଏବଂ ହାତରେ ମଇଳା ସଫା କରୁଥିବା ବ୍ୟକ୍ତିବିଶେଷଙ୍କ ଅର୍ଥନୈତିକ ସଶକ୍ତୀକରଣ ପାଇଁ ନ୍ୟାସନାଲ ସଫାଇ କର୍ମଚାରୀଙ୍କ ଜାତୀୟ ସଫାଇ କର୍ମଚାରୀ ଆର୍ଥିକ ଏବଂ ବିକାଶ ନିଗମ ପ୍ରତିଷ୍ଠା କରାଯାଇଛି।

ଅନୁସୂଚୀତ ଜାତିର ଉନ୍ନତି ପାଇଁ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ୪୨ଗୋଟି ଯୋଜନା କାର୍ଯ୍ୟକାରୀ କରିଥାଏ। ଏହାର ବିଭିନ୍ନ ଯୋଜନା ଅଧୀନରେ ଏହି ମନ୍ତ୍ରଣାଳୟ ଶିକ୍ଷାଗତ ସଶକ୍ତୀକରଣ, ଅର୍ଥନୀତିକ ସଶକ୍ତୀକରଣ ଏବଂ ସାମାଜିକ ସଶକ୍ତୀକରଣ ନିମନ୍ତେ ଉଦ୍ୟମ କରିଥାଏ। ମନ୍ତ୍ରଣାଳୟ ନିର୍ଦ୍ଦିଷ୍ଟ ଭାବରେ (୧) ଅସ୍ପୃଶ୍ୟତା ଏବଂ (୨) ଅନୁସୂଚୀତ ଜାତି ଏବଂ ଜନଜାତିମାନଙ୍କ ବିରୁଦ୍ଧରେ ହିଂସା ହ୍ରାସ କରିବା ଲକ୍ଷ୍ୟରେ ପ୍ରଣୀତ ଦୁଇଗୋଟି ଆଇନ୍‌ର ରକ୍ଷାକର୍ତ୍ତା। ଏହି ଆଇନ୍‌ଗୁଡ଼ିକ ହେଉଛି, ନାଗରିକ ଅଧିକାର ଆଇନ୍‌ର ସୁରକ୍ଷା ୧୯୫୫ ଏବଂ ଅନୁସୂଚୀତ ଜାତି ଓ ଜନଜାତି (ହିଂସା ପ୍ରତିରୋଧ) ଆଇନ୍ ୧୯୮୯। ସମ୍ବିଧାନର ଅନୁଚ୍ଛେଦ ୩୮୩ ଅଧୀନରେ ୧୯୯୦ ମସିହାରେ ଅନୁସୂଚୀତ ଜାତିମାନଙ୍କ ନିମନ୍ତେ ବଳବତ୍ତର ଥିବା ସମସ୍ତ ଆଇନ୍ ଅନୁସାରେ ସମ୍ବିଧାନ ଅଧୀନରେ ପ୍ରଦତ୍ତ ସୁରକ୍ଷା ସମ୍ପର୍କିତ ସବୁ ପ୍ରକାରର ଘଟଣାର ତଦନ୍ତ ଓ ନିରୀକ୍ଷଣ କରିବାକୁ ଏବଂ ଅନୁସୂଚୀତ ଜାତିମାନଙ୍କର ଅଧିକାରର ହନନ ଏବଂ ସୁରକ୍ଷା ବାବଦରେ ଥିବା ନିର୍ଦ୍ଦିଷ୍ଟ ଅଭିଯୋଗଗୁଡ଼ିକର ତଦନ୍ତ କରିବାକୁ ଜାତୀୟ କମିଶନ ପ୍ରତିଷ୍ଠିତ ହୋଇଥିଲା।

**ଭିନ୍ନକ୍ଷମତା ଥିବା ବ୍ୟକ୍ତିବିଶେଷ (ଦିବ୍ୟାଙ୍ଗଜନ)ଙ୍କ ସଶକ୍ତୀକରଣ ପାଇଁ ବିଭାଗ**

ଡିପାର୍ଟମେଣ୍ଟ ଫର୍ ଏମ୍ପାୱାରମେଣ୍ଟ ଅଫ୍ ପର୍ସନ୍‌ସ୍ ୱିଥ୍ ଡିଜେବିଲିଟିଜ୍ ବା ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ସଶକ୍ତୀକରଣ ପାଇଁ ବିଭାଗ ଭିନ୍ନକ୍ଷମତାର ବିଭିନ୍ନ ଦିଗ ତଥା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଉନ୍ନତି ଏବଂ ସଶକ୍ତୀକରଣ ନିମନ୍ତେ ଉଦ୍ଦିଷ୍ଟ ଆଇନ୍‌କାନୁନ୍ ଇତ୍ୟାଦି ସମ୍ବନ୍ଧରେ କାର୍ଯ୍ୟ କରେ। ଏଗୁଡ଼ିକ ହେଉଛି ରିହାବିଲିଟେସନ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ଆକ୍ଟ ୧୯୯୨, ଦ ପର୍ସନ୍‌ସ୍ ୱିଥ୍ ଡିଜେବିଲିଟିଜ୍ (ଇକୁଆଲ୍ ଅପର୍ଚ୍ଚୁନିଟିଜ୍, ପ୍ରୋଟେକ୍ସନ୍ ଅଫ୍ ରାଇଟ୍‌ସ୍ ଆଣ୍ଡ ଫୁଲ୍ ପାର୍ଟିସିପେସନ୍) ଆକ୍ଟ ୧୯୫୫ ଏବଂ ଦ ନ୍ୟାସନାଲ ଟ୍ରଷ୍ଟ ଫର୍ ଦ ୱେଲ୍‌ଫେୟାର୍ ଅଫ୍ ପର୍ସନ୍‌ସ୍ ୱିଥ୍ ଅଟିଜ୍‌ମ୍, ସେରିବ୍ରାଲ୍ ପାଲ୍‌ସି, ମେଣ୍ଟାଲ୍ ରିଟାର୍ଡେସନ୍ ଆଣ୍ଡ ମଲ୍ଟିପ୍‌ଲ୍ ଡିଜେବିଲିଟିଜ୍ ଆକ୍ଟ ୧୯୯୯।

ଏହି ବିଭାଗ ଅଧୀନରେ ତିନିଗୋଟି ବୈଧାନିକ ସଂସ୍ଥା ଅଛି। ରିହାବିଲିଟେସନ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ବା ଭାରତୀୟ ପୁନର୍ବାସ ଓ ଥଇଥାନ ପରିଷଦ ବିଭିନ୍ନ ପ୍ରକାର ପେସାଦାର ବ୍ୟକ୍ତିମାନଙ୍କୁ ପୁନର୍ବାସ ଓ ଥଇଥାନ ଏବଂ ବିଶେଷ ଧରଣର ଶିକ୍ଷା ପ୍ରଦାନ କରିବା ନିମନ୍ତେ ପ୍ରଶିକ୍ଷଣ ନୀତି ତଥା କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା କରିବା ନିମନ୍ତେ ଦାୟୀ। ୧୯୫୫ର ଆଇନ୍ ଅନୁସାରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ କାର୍ଯ୍ୟ କରୁଥିବା ରାଜ୍ୟ କମିଶନରମାନଙ୍କ କାର୍ଯ୍ୟକୁ ସଂଯୋଜିତ କରିବା ନିମନ୍ତେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ମୁଖ୍ୟ କମିଶନର ହେଉଛନ୍ତି ବୈଧାନିକ ଭାବରେ ଭାରପ୍ରାପ୍ତ ଅଧିକାରୀ। ନ୍ୟାସନାଲ ଟ୍ରଷ୍ଟ ହେଉଛି ଏକ ବୈଧାନିକ ସଂସ୍ଥା ଯାହା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଯେତେଦୂର ସମ୍ଭବ ସ୍ୱାଧୀନ ଭାବରେ ବଞ୍ଚିବା ନିମନ୍ତେ ସମର୍ଥ ଏବଂ ସଶକ୍ତ କରାଇବା ସହିତ ଆବଶ୍ୟକତାଭିତ୍ତିକ ସେବା ଯୋଗାଉ ଥିବା ପଞ୍ଜୀକୃତ ସଂସ୍ଥାମାନଙ୍କୁ ସହାୟତା ପ୍ରଦାନ କରିଥାଏ। ଭିନ୍ନକ୍ଷମତାର ପ୍ରତ୍ୟେକ ପ୍ରମୁଖ କ୍ଷେତ୍ରରେ ଭିନ୍ନକ୍ଷମ ଜନ ସମୁଦାୟଙ୍କର ବହୁମୁଖୀ ସମସ୍ୟାର ସମାଧାନ କରିବା ନିମନ୍ତେ ଭାରତ ୬ ଗୋଟି ଜାତୀୟ ସ୍ତରୀୟ ଅନୁଷ୍ଠାନ ପ୍ରତିଷ୍ଠା କରିଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଅର୍ଥନୀତିକ ବିକାଶ ପାଇଁ ସେମାନଙ୍କୁ ଋଣ ସୁବିଧା ଯୋଗାଇ ଦେବା ନିମନ୍ତେ ନ୍ୟାସନାଲ ହ୍ୟାଣ୍ଡିକ୍ୟାପ୍ଡ୍



ଫାଇନାନ୍ସ୍ ଆଣ୍ଡ୍ ଡେଭଲପ୍‌ମେଣ୍ଟ୍ କର୍ପୋରେସନ୍ ହେଉଛି ଶୀର୍ଷସ୍ତରୀୟ ଆର୍ଥିକ ଅନୁଷ୍ଠାନ।

ଦିବ୍ୟାଙ୍ଗଜନଙ୍କ ପାଇଁ ଏକ ପ୍ରତିବନ୍ଧକ- ମୁକ୍ତ ତଥା ଅନୁକୂଳ ପରିବେଶ ନିଶ୍ଚିତ କରିବା ନିମନ୍ତେ ଡିସେମ୍ବର ୩୧, ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ ଦେଶବ୍ୟାପି ପ୍ରମୁଖ ପ୍ରଚାର କାର୍ଯ୍ୟକ୍ରମ ଭାବରେ ସୁଲଭ ଭାରତ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ଏହା ଭିନ୍ନକ୍ଷମମାନଙ୍କ ପାଇଁ ସାର୍ବଜନୀନ ସୁଲଭ ସୁବିଧା ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ।

**ଜନଜାତି ବ୍ୟାପାର ମନ୍ତ୍ରଣାଳୟ**

ଅନୁସୂଚୀତ ଜନଜାତିମାନଙ୍କର ସମନ୍ୱିତ ସାମାଜିକ- ଅର୍ଥନୀତିକ ବିକାଶକୁ ଏକ ସୁସଂହତ ଏବଂ ଯୋଜନାବଦ୍ଧ ଶୈଳୀରେ ହାସଲ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆଭିମୁଖ୍ୟ ପ୍ରଦାନ କରିବା ନିମନ୍ତେ ଅନୁସୂଚୀତ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପ୍ରତିଷ୍ଠା କରାଯାଇଥିଲା। ସମ୍ବିଧାନର ଅନୁଚ୍ଛେଦ ୨୪୪ (୧) ଅଧୀନରେ ଅନୁସୂଚୀତ ଅଞ୍ଚଳଗୁଡ଼ିକ ସମ୍ବନ୍ଧରେ ବିଜ୍ଞପ୍ତି ଜାରି କରାଯାଇଛି। ଅନୁଚ୍ଛେଦ ୨୪୪ (୨) ଆସାମ, ମେଘାଳୟ, ତ୍ରିପୁରା ଏବଂ ମିଜୋରାମର ସେହିସବୁ ଅଞ୍ଚଳଗୁଡ଼ିକ ସହିତ ସମ୍ପର୍କିତ ଯେଉଁଗୁଡ଼ିକୁ ଜନଜାତି ଅଞ୍ଚଳ ଭାବରେ ଚିହ୍ନଟ କରାଯାଇଛି ଏବଂ ଏଭଳି ଅଞ୍ଚଳଗୁଡ଼ିକ ପାଇଁ ଜିଲ୍ଲା ପରିଷଦ (ଡିଷ୍ଟ୍ରିକ୍ଟ କାଉନ୍‌ସିଲ୍‌ସ୍) ବା ଆଞ୍ଚଳିକ ପରିଷଦ (ରିଜିଓନାଲ କାଉନ୍‌ସିଲ୍‌ସ୍) ପ୍ରଦାନ କରିଥାଏ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୭୫ (୧) ଅଧୀନରେ ଜନଜାତି ଉପ- ଯୋଜନା କାର୍ଯ୍ୟକ୍ରମଗୁଡ଼ିକ ନିମନ୍ତେ ଯେଉଁସବୁ ରାଜ୍ୟ ପାଇଁ ବିଶେଷ କେନ୍ଦ୍ରୀୟ ଅନୁଦାନ ମଞ୍ଜୁର କରାଯାଇଥାଏ, ଏକଲବ୍ୟ ମଡେଲର ଆବାସିକ ବିଦ୍ୟାଳୟଗୁଡ଼ିକ ପାଇଁ; ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ପାଇଁ ପ୍ରଦାନ କରାଯାଉଥିବା ଅନୁଦାନ ସମୂହ, ଜନଜାତି ଉପ- ଯୋଜନା ଅଞ୍ଚଳଗୁଡ଼ିକରେ ଆଶ୍ରମ ସ୍କୁଲମାନ ପ୍ରତିଷ୍ଠା ପାଇଁ ଏବଂ ଲଘୁ ବନଜାତ ଉତ୍ପାଦଗୁଡ଼ିକ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ କରିବା ନିମନ୍ତେ ଜୀବିକାର୍ଜନ ସହାୟତା ଅନୁଦାନଗୁଡ଼ିକର ମନ୍ତ୍ରଣାଳୟ ପରିଚାଳନା କରିଥାଏ। ଏହି ମନ୍ତ୍ରଣାଳୟ ମଧ୍ୟ ଭାରତୀୟ ଜନଜାତି ସମବାୟ ଏବଂ ବିପଣନ ସଂଘ (ଟ୍ରାଇବାଲ୍ କୋଅପରେଟିଭ୍ ଆଣ୍ଡ୍ ମାର୍କେଟିଂ ଫେଡେରେସନ୍ ଅଫ୍ ଇଣ୍ଡିଆ) ଏବଂ ରାଜ୍ୟ- ଜନଜାତି ସମବାୟ ଓ ବିପଣନ ସଂଘ (ଷ୍ଟେଟ୍-

ଭାରତର ସମ୍ବିଧାନ ଏହାର ପ୍ରସ୍ତାବନା ଜରିଆରେ ଏହାର ସମସ୍ତ ନାଗରିକମାନଙ୍କ ପାଇଁ ନ୍ୟାୟ: ସାମାଜିକ, ଅର୍ଥନୀତିକ ଏବଂ ରାଜନୀତିକ; ଚିନ୍ତାଧାରା, ଭାବ ପ୍ରକାଶ, ବିଶ୍ୱାସ, ଆସ୍ଥା ଏବଂ ଧାର୍ମିକ ଉପାସନାର ସ୍ୱାଧୀନତା; ଏବଂ ସ୍ଥିତି ଓ ସୁଯୋଗରେ ସମାନତାର ସୁରକ୍ଷା ପ୍ରଦାନ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ। ମୌଳିକ ଅଧିକାର ସମୂହ ଏବଂ ରାଜ୍ୟମାନଙ୍କର ନୀତି ସମୂହ ନିର୍ଦ୍ଦେଶାବଳୀ ମାଧ୍ୟମରେ ସାମାଜିକ ଅନ୍ତର୍ଭୁକ୍ତୀକରଣ ସମ୍ବନ୍ଧରେ ଉଲ୍ଲେଖ କରିଛି। ଭାରତୀୟ ସମ୍ବିଧାନର ଭାଗ ୩ ସାମାଜିକ ଅନ୍ତର୍ଭୁକ୍ତୀକରଣ ପାଇଁ ୬ଟି ମୌଳିକ ଅଧିକାର ପ୍ରଦାନ କରିଥାଏ। ଏଗୁଡ଼ିକ ମଧ୍ୟରେ ସମାନତାର ଅଧିକାର, ସ୍ୱାଧୀନତାର ଅଧିକାର, ଶୋଷଣ ବିରୁଦ୍ଧରେ ଅଧିକାର, ଧାର୍ମିକ ସ୍ୱାଧୀନତାର ଅଧିକାର, ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର ଏବଂ ସାମ୍ବିଧାନିକ ସଙ୍କଟ ସମାଧାନର ଅଧିକାର ଅନ୍ତର୍ଭୁକ୍ତ। ଏସବୁ ଅଧିକାର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଉପଲବ୍ଧ।



ଟ୍ରାଇବାଲ୍ କୋଅପରେଟିଭ୍ ଆଣ୍ଡ୍ ମାର୍କେଟିଂ ଫେଡେରେସନ୍ସ୍)କୁ ଅଂଶଧନ ସହାୟତା ପ୍ରଦାନ କରିଥାଏ। ନ୍ୟାସନାଲ ସିଡ୍ୟୁଲ୍ଡ୍ ଟ୍ରାଇବ୍ସ୍ ଫାଇନାନ୍ସ୍ ଆଣ୍ଡ୍ ଡେଭଲପ୍ମେଣ୍ଟ୍ କର୍ପୋରେସନ୍ ଜନଜାତିର ଲୋକମାନଙ୍କୁ ଆତ୍ମନିଯୁକ୍ତିମୂଳକ ଉଦ୍ୟୋଗ ପ୍ରତିଷ୍ଠା କରିବା ନିମନ୍ତେ ସଶକ୍ତ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଜନଜାତିର ଲୋକମାନଙ୍କ ଅଧିକାରକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଏକ ସ୍ୱାଧୀନ ସଂସ୍ଥା ଭାବରେ ଅନୁଚ୍ଛେଦ ୩୩୮(କ) ଅଧୀନରେ ଜନଜାତିମାନଙ୍କ ପାଇଁ ରାଷ୍ଟ୍ରୀୟ କମିଶନ ବା ନ୍ୟାସନାଲ୍ କମିଶନ ଫର୍ ସିଡ୍ୟୁଲ୍ଡ୍ ଟ୍ରାଇବ୍ସ୍ ପ୍ରତିଷ୍ଠା କରାଯାଇଥିଲା।



**ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଜାତୀୟ ନୀତି**

ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଭାରତର ରାଷ୍ଟ୍ରୀୟ ନୀତି ସେମାନଙ୍କ ନିଜ ସହିତ ନିଜର ପତି/ପତ୍ନୀଙ୍କ ବାର୍ଦ୍ଧକ୍ୟାବସ୍ଥା ପାଇଁ ବ୍ୟବସ୍ଥା କରିବା; ପରିବାରଗୁଡ଼ିକୁ ସେମାନଙ୍କର ପରିବାରର ବୟସ୍କ ଲୋକମାନଙ୍କର ଯତ୍ନ ନେବା ପାଇଁ ଉତ୍ସାହିତ କରିବା ତଥା ବାର୍ଦ୍ଧକ୍ୟାବସ୍ଥାରେ ସେବା ପ୍ରଦାନ କରୁଥିବା ବାର୍ଦ୍ଧକ୍ୟାବସ୍ଥା ସେବା ପ୍ରଦାନକାରୀମାନଙ୍କୁ ଏବଂ ସଂଗଠକମାନଙ୍କୁ ଗବେଷଣା ଓ ପ୍ରଶିକ୍ଷଣ ସୁବିଧା ପ୍ରଦାନର ପ୍ରସାର କରିଥାଏ। ବୟସ୍କ ବ୍ୟକ୍ତିମାନଙ୍କ ନିମନ୍ତେ ନୀତି ନିୟମ ବିକାଶ କରିବା ପାଇଁ ସରକାର ନ୍ୟାସନାଲ କାଉନ୍ସିଲ୍ ଫର୍ ଓଲ୍ଡର୍ ପର୍ସନ୍ସ୍ ବା ବୟସ୍କ ବ୍ୟକ୍ତିମାନଙ୍କ ନିମନ୍ତେ ଜାତୀୟ ପରିଷଦ ଗଠନ କରିଛନ୍ତି।

**ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ**

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ୨୦୦୬ ମସିହାରେ ମହିଳା ଓ ଶିଶୁମାନଙ୍କର ଅଧିକାର ଏବଂ ଚିନ୍ତାର ବିଷୟବସ୍ତୁଗୁଡ଼ିକୁ ସମାଧାନ କରିବା ସହିତ ସେମାନଙ୍କର ସ୍ଥିତି, ସୁରକ୍ଷା, ବିକାଶ ଏବଂ ଉତ୍ତମ ଢଙ୍ଗରେ ସାମାଜିକ କାର୍ଯ୍ୟକ୍ରମଗୁଡ଼ିକରେ ଅଂଶଗ୍ରହଣକୁ ସୁନିଶ୍ଚିତ କରାଇବାର ଦାୟିତ୍ୱ ନେଇ ପ୍ରତିଷ୍ଠା ହୋଇଥିଲା। ଏହା ମଧ୍ୟ ମହିଳା ଏବଂ ଶିଶୁମାନଙ୍କ ସମ୍ବନ୍ଧିତ କାର୍ଯ୍ୟକ୍ରମଗୁଡ଼ିକ କ୍ଷେତ୍ରରେ ଆନ୍ତଃ-ମନ୍ତ୍ରଣାଳୟ ତଥା ଆନ୍ତଃରାଜ୍ୟ ମିଶ୍ରଣ କରାଇବାରେ ସହାୟକ ହେବ ବୋଲି ଆଶା କରାଯାଉଥିଲା। ମହିଳାମାନଙ୍କ ବିରୁଦ୍ଧରେ ପାତରଅନ୍ତର ନୀତିର ଅବସାନ, ବିଦ୍ୟମାନ ଅନୁଷ୍ଠାନଗୁଡ଼ିକୁ ଶକ୍ତିଶାଳୀ କରିବା, ଉତ୍ତମ ସ୍ୱାସ୍ଥ୍ୟସେବା ଲାଭ କରିବା ନିମନ୍ତେ ସୁବିଧା ପ୍ରଦାନ କରିବା, ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଏବଂ ବିକାଶମୂଳକ ପ୍ରକ୍ରିୟାରେ ଲିଙ୍ଗଗତ ପ୍ରସଙ୍ଗର ମୁଖ୍ୟସ୍ରୋତରେ ମିଶ୍ରଣ ଭଳି ପ୍ରସଙ୍ଗଗୁଡ଼ିକର କାର୍ଯ୍ୟାନ୍ୱୟନ ନିମନ୍ତେ ଦ ନ୍ୟାସନାଲ ପଲିସି ଫର୍ ଏମ୍ପାୱାର୍‌ମେଣ୍ଟ୍ ଅଫ୍ ୱିମେନ୍ ବା ମହିଳାମାନଙ୍କ ସଶକ୍ତୀକରଣ ନିମନ୍ତେ ରାଷ୍ଟ୍ରୀୟ ନୀତି ବିସ୍ତୃତ ଭାବରେ ନୀତି ନିୟମଗୁଡ଼ିକ ପ୍ରଦାନ କରିଥାଏ। ଦ ନ୍ୟାସନାଲ ପଲିସି ଫର୍ ଏମ୍ପାୱାର୍‌ମେଣ୍ଟ୍ ଅଫ୍ ୱିମେନ୍ ଦ୍ୱାରା ପ୍ରଣୀତ ବିସ୍ତୃତ ଦୃଷ୍ଟିକୋଣ ଅନୁସାରେ ସରକାରଙ୍କର ନୀତି ସମୂହ ଏବଂ କାର୍ଯ୍ୟକ୍ରମଗୁଡ଼ିକ ପ୍ରଣୟନ କରାଯାଇଛି।

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ମହିଳା ଏବଂ ଶିଶୁମାନଙ୍କ ସମ୍ପର୍କିତ ଅନେକଗୁଡ଼ିଏ ଆଇନର ରକ୍ଷାକର୍ତ୍ତା। ଏଗୁଡ଼ିକ ମଧ୍ୟରେ ପ୍ରମୁଖ ହେଉଛି ଯୌତୁକ ନିରାକରଣ ଆଇନ୍, ବାଲ୍ୟ ବିବାହ ନିରାକରଣ ଆଇନ୍, କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ଶୋଷଣ (ପ୍ରତିରୋଧ, ନିରାକରଣ ଏବଂ ସମସ୍ୟା ସମାଧାନ) ଆଇନ୍ ଏବଂ ବାଳ ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ସଂଶୋଧିତ ଆଇନ୍ ୨୦୧୧।

ଯଥାକ୍ରମେ ମହିଳା ଓ ଶିଶୁମାନଙ୍କ ଅଧିକାରକୁ ସୁରକ୍ଷା ପ୍ରଦାନ କରିବା ପାଇଁ ରାଷ୍ଟ୍ରୀୟ ମହିଳା କମିଶନ ଏବଂ ଶିଶୁ ଅଧିକାର ସୁରକ୍ଷା ରାଷ୍ଟ୍ରୀୟ କମିଶନ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ ପ୍ରତିଷ୍ଠା କରାଯାଇଛି। ଦିଲ୍ଲୀରେ ସଚେତନତା ସୃଷ୍ଟି କରିବା ନିମନ୍ତେ ରାଷ୍ଟ୍ରୀୟ ମହିଳା କମିଶନ 'ହିଂସାମୁକ୍ତ ଘର-ମହିଳାମାନଙ୍କର ଏକ ଅଧିକାର' ପ୍ରଚାର ଅଭିଯାନ କାର୍ଯ୍ୟକ୍ରମକୁ ହାତକୁ ନେଇଛି। ୧୮ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଯୌନ ଶୋଷଣ ଓ ଯୌନ ନିର୍ଯାତନା ଅପରାଧଗୁଡ଼ିକରୁ ସୁରକ୍ଷା ପ୍ରଦାନ କରୁଥିବା ଯୌନ ଅପରାଧରୁ ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଦ ପ୍ରୋଟେକ୍ସନ୍ ଅଫ୍ ଚିଲ୍ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍ସେସ୍ ଆକ୍ଟ ୨୦୧୨ ଏକ ବ୍ୟାପକ ଆଇନ୍ ଭାବରେ ୧୪ ନଭେମ୍ବର ୨୦୧୨ରୁ କାର୍ଯ୍ୟକାରୀ ହେଲା।

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ରହିଛି ଛାମୁଆ କାର୍ଯ୍ୟକ୍ରମ ଆଇସିଡିଏସ୍,

ବେଟି ବଚାଓ ବେଟି ପଢ଼ାଓ ଭଳି ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମଗୁଡ଼ିକ ଏବଂ ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ଅନେକଗୁଡ଼ିଏ ସହାୟତା ପ୍ରଦାନକାରୀ କାର୍ଯ୍ୟକ୍ରମ। ଛାମୁଆ ଆଇସିଡିଏସ୍ କାର୍ଯ୍ୟକ୍ରମ ୬ ଗୋଟି ଉପ-କାର୍ଯ୍ୟକ୍ରମ ଯଥା ଅଙ୍ଗନୱାଡ଼ି ସେବା ଯୋଜନା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ରାଷ୍ଟ୍ରୀୟ କ୍ରେଚ୍ ଯୋଜନା, ପୋଷଣ ଅଭିଯାନ, ପ୍ରାପ୍ତବୟସ୍କା ଝିଅ ଏବଂ ଶିଶୁମାନଙ୍କ ସୁରକ୍ଷା ପାଇଁ ଯୋଜନାକୁ ନେଇ ଗଠିତ। ଛଅବର୍ଷରୁ କମ୍ ବୟସର ଶିଶୁ ଓ ଗର୍ଭବତୀ ତଥା ସ୍ତନ୍ୟପାନ କରାଉ ଥିବା ମା'ମାନଙ୍କର ପୋଷକତତ୍ତ୍ୱ ଏବଂ ଶିଶୁ ସ୍ୱାସ୍ଥ୍ୟ ସ୍ଥିତିରେ ଉନ୍ନତି ଘଟାଇବା ସହିତ ମୃତ୍ୟୁହାର, ଅସୁସ୍ଥତା ଏବଂ ଅପପୁଷ୍ଟିକୁ ହ୍ରାସ କରିବାର ଲକ୍ଷ୍ୟ ନେଇ ଆଇସିଡିଏସ୍ ପ୍ରତିଷ୍ଠା କରାଯାଇଛି। ବେଟି ବଚାଓ ବେଟି ପଢ଼ାଓ ଯୋଜନା କନ୍ୟା ସନ୍ତାନମାନଙ୍କର ସୁରକ୍ଷା ତଥା ସେମାନଙ୍କର ଶିକ୍ଷାକୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ଉଦ୍ଦିଷ୍ଟ। ଯୋଜନାଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଉଛି ଲିଙ୍ଗ- ଭିତ୍ତିକ ଲିଙ୍ଗ- ନିର୍ବାଚିତ ଉଚ୍ଛେଦକୁ ପ୍ରତିରୋଧ କରିବା, କନ୍ୟା ସନ୍ତାନମାନଙ୍କର ଜୀବିତ ରହିବା ତଥା ସେମାନଙ୍କର ଶିକ୍ଷାଲାଭ ଏବଂ ସମାଜର ମୁଖ୍ୟସ୍ରୋତରେ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା। ଏହି ଯୋଜନା ବଛାବଛା ସଙ୍କଟବହୁଳ ଜିଲ୍ଲାଗୁଡ଼ିକରେ ଜନ୍ମ ସମୟରେ ଲିଙ୍ଗାନୁପାତକୁ ପ୍ରତିବର୍ଷ ୨ ପଏଣ୍ଟ୍ ବଢ଼ାଇବାର ଲକ୍ଷ୍ୟ ବହନ କରୁଛି।

ମାର୍ଚ୍ଚ ୮, ୨୦୧୮ ଆନ୍ତର୍ଜାତିକ ମହିଳା ଦିବସରେ ରାଜସ୍ଥାନର ଝୁନ୍‌ଝୁନୁଠାରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ପୋଷଣ ଲକ୍ଷ୍ୟ ବା ନ୍ୟାସନାଲ୍ ନ୍ୟୁଟ୍ରିସନ୍ ମିଶନ୍‌ର ତଥା ବେଟି ବଚାଓ ବେଟି ପଢ଼ାଓ ଯୋଜନାକୁ ଭାରତ ବାହାରେ ମଧ୍ୟ କାର୍ଯ୍ୟକାରୀ କରିବା ନିମନ୍ତେ ସମ୍ପ୍ରସାରଣ ଯୋଜନାର ଶୁଭ ଉନ୍ମୋଚନ କଲେ। ଲିଙ୍ଗ ଭିତ୍ତିରେ ବାଛବିଚାର କରିବାର ଆଦୌ ପ୍ରଶ୍ନ ନଥିବା ସମ୍ବନ୍ଧରେ କହିବା ସହିତ ପ୍ରଧାନମନ୍ତ୍ରୀ ବାଳକମାନଙ୍କ ଭଳି ବାଳିକାମାନେ ମଧ୍ୟ ଗୁଣାତ୍ମକ ଶିକ୍ଷାଲାଭ କରିବାର ସମାନ ଅଧିକାର ରହିଥିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଝିଅଟିଏ ବୋଝ ନୁହେଁ ବୋଲି ଗୁରୁତ୍ୱ ଆରୋପ କରି ପ୍ରଧାନମନ୍ତ୍ରୀ କହିଲେ ଯେ ଅନେକଗୁଡ଼ିଏ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରି ଝିଅମାନେ ଦେଶ ନିମନ୍ତେ ଗର୍ବ ଓ ଗୌରବ ବହନ କରି ଆସୁଛନ୍ତି।

**ଉପସଂହାର:**

ଭାରତର ସାମାଜିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମଗୁଡ଼ିକ ବ୍ୟାପକ ଏବଂ ପର୍ଯ୍ୟାପ୍ତ ପରିମାଣର ସମ୍ବଳ ଆବଣ୍ଟନ ଦ୍ୱାରା ଅନେକଗୁଡ଼ିଏ ସ୍ୱାଧୀନ ମନ୍ତ୍ରଣାଳୟ ଜରିଆରେ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ହେଉଛି। କେବଳ ଯେ ବୈଧାନିକ ଆଇନଗତ ବ୍ୟବସ୍ଥାଗୁଡ଼ିକ ପ୍ରଣୟନ କରାଯାଇଛି, ତା' ନୁହେଁ, ବିପଦାପନ୍ନ ବର୍ଗମାନଙ୍କ ଅଧିକାରକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଭାରତୀୟ ସମ୍ବିଧାନରେ ଉଲ୍ଲିଖିତ ବ୍ୟବସ୍ଥାଗୁଡ଼ିକ ଅନୁସାରେ ସ୍ୱୟଂଶାସିତ ରାଷ୍ଟ୍ରୀୟ କମିଶନଗୁଡ଼ିକ ପ୍ରତିଷ୍ଠା କରାଯାଇଛି। ସରକାରଙ୍କର ନିୟମାବଳୀ ସମୂହର ଅଧୀନରେ ସନ୍ନିବେଶିତ ଅର୍ଥନୀତିକ ସଶକ୍ତୀକରଣ କାର୍ଯ୍ୟକ୍ରମଗୁଡ଼ିକ ଶୀର୍ଷସ୍ଥାନୀୟ ଆର୍ଥିକ ଏବଂ ବିକାଶ ନିଗମ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ରାଷ୍ଟ୍ରୀୟ ନୀତିଗୁଡ଼ିକର ବ୍ୟାପକ କାର୍ଯ୍ୟାନ୍ୱୟନ ଭାରତକୁ ତା'ର ବିପଦାପନ୍ନ ଜନସଂଖ୍ୟାକୁ ଯଥେଷ୍ଟ ପରିମାଣରେ ସଶକ୍ତ କରିବାରେ ସମର୍ଥ କରାଇବ।

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ୨୦୦୬ ମସିହାରେ ମହିଳା ଓ ଶିଶୁମାନଙ୍କର ଅଧିକାର ଏବଂ ଚିନ୍ତାର ବିଷୟବସ୍ତୁଗୁଡ଼ିକୁ ସମାଧାନ କରିବା ସହିତ ସେମାନଙ୍କର ସ୍ଥିତି, ସୁରକ୍ଷା, ବିକାଶ ଏବଂ ଉତ୍ତମ ଢଙ୍ଗରେ ସାମାଜିକ କାର୍ଯ୍ୟକ୍ରମଗୁଡ଼ିକରେ ଅଂଶଗ୍ରହଣକୁ ସୁନିଶ୍ଚିତ କରାଇବାର ଦାୟିତ୍ୱ ନେଇ ପ୍ରତିଷ୍ଠା ହୋଇଥିଲା। ଏହା ମଧ୍ୟ ମହିଳା ଏବଂ ଶିଶୁମାନଙ୍କ ସମ୍ବନ୍ଧିତ କାର୍ଯ୍ୟକ୍ରମଗୁଡ଼ିକ କ୍ଷେତ୍ରରେ ଆନ୍ତଃ- ମନ୍ତ୍ରଣାଳୟ ତଥା ଆନ୍ତଃରାଜ୍ୟ ମିଶ୍ରଣ କରାଇବାରେ ସହାୟକ ହେବ ବୋଲି ଆଶା କରାଯାଉଥିଲା। ମହିଳାମାନଙ୍କ ବିରୁଦ୍ଧରେ ପାତରଅନ୍ତର ନୀତିର ଅବସାନ, ବିଦ୍ୟମାନ ଅନୁଷ୍ଠାନଗୁଡ଼ିକୁ ଶକ୍ତିଶାଳୀ କରିବା, ଉତ୍ତମ ସ୍ୱାସ୍ଥ୍ୟସେବା ଲାଭ କରିବା ନିମନ୍ତେ ସୁବିଧା ପ୍ରଦାନ କରିବା, ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଏବଂ ବିକାଶମୂଳକ ପ୍ରକ୍ରିୟାରେ ଲିଙ୍ଗଗତ ପ୍ରସଙ୍ଗର ମୁଖ୍ୟସ୍ରୋତରେ ମିଶ୍ରଣ ଭଳି ପ୍ରସଙ୍ଗଗୁଡ଼ିକର କାର୍ଯ୍ୟାନ୍ୱୟନ ନିମନ୍ତେ ଦ ନ୍ୟାସନାଲ ପଲିସି ଫର୍ ଏମ୍ପାୱାରମେଣ୍ଟ୍ ଅଫ୍ ୱୁମେନ୍ ବା ମହିଳାମାନଙ୍କ ସଶକ୍ତୀକରଣ ନିମନ୍ତେ ରାଷ୍ଟ୍ରୀୟ ନୀତି ବିସ୍ତୃତ ଭାବରେ ନୀତି ନିୟମଗୁଡ଼ିକ ପ୍ରଦାନ କରିଥାଏ। ଦ ନ୍ୟାସନାଲ ପଲିସି ଫର୍ ଏମ୍ପାୱାରମେଣ୍ଟ୍ ଅଫ୍ ୱୁମେନ୍ ଦ୍ୱାରା ପ୍ରଣୀତ ବିସ୍ତୃତ ଦୃଷ୍ଟିକୋଣ ଅନୁସାରେ ସରକାରଙ୍କର ନୀତି ସମୂହ ଏବଂ କାର୍ଯ୍ୟକ୍ରମଗୁଡ଼ିକ ପ୍ରଣୟନ କରାଯାଇଛି।

**ଲେଖକ ୧୯୮୯ ବ୍ୟାଚ୍‌ର ଜଣେ ଆଇଏଏସ୍ ଅଫିସର ଏବଂ ସମ୍ପ୍ରତି ରାଜସ୍ଥାନ ନିମନ୍ତେ ଉଦ୍ଦିଷ୍ଟ ବୋର୍ଡ୍ ଅଫ୍ ରେଭିନ୍ୟୁର ଚେୟାରମ୍ୟାନ୍ ଭାବେ କାର୍ଯ୍ୟରତ।**

# ପୁଷ୍ଟିସାଧନର ନିରାପତ୍ତା - ସାଧାରଣ ବଣ୍ଟନ ବ୍ୟବସ୍ଥାର ଭୂମିକା

● ଡକ୍ଟର ପୁଲ୍ଲାୟା ଡୁଡେକୁଲା

ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ମୂଳତଃ ସାଧାରଣ ବଣ୍ଟନ ବ୍ୟବସ୍ଥାର ସଂପ୍ରସାରଣ ମାଧ୍ୟମରେ ଖାଦ୍ୟ ନିରାପତ୍ତା ଯୋଗାଇଦେବାକୁ ଗୁରୁତ୍ୱ ପ୍ରଦାନ କରେ। ଏହି ବ୍ୟବସ୍ଥାରେ କେତେ ପରିବାର ଶସ୍ତାରେ ଖାଦ୍ୟଶସ୍ୟ ପାଉଛନ୍ତି ତା' ଉପରେ ଖାଦ୍ୟ ନିରାପତ୍ତା ସ୍ଥିତି ଓ ବାସ୍ତବତା ନିର୍ଭର କରେ। ଗୋଟିଏ ପରିବାର ଖାଦ୍ୟ ଗ୍ରହଣ ବା ଭୋଜନ ନିଷ୍ପତ୍ତିରେ ଦୁଇଟି ଜିନିଷ ସର୍ବଦା ଗୁରୁତ୍ୱ ପାଏ। ପ୍ରଥମଟି ହେଲା କ୍ୟାଲୋରୀର ଆବଶ୍ୟକତା ପୂରଣ ପାଇଁ ଆବଶ୍ୟକ ପରିମାଣର ଖାଦ୍ୟ ଖାଇବା ଏବଂ ସେଥିରେ ଭାରସାମ୍ୟ ରକ୍ଷା କରିବାକୁ ନିରନ୍ତର ଚେଷ୍ଟା କରିବା। ଦ୍ୱିତୀୟଟି ହେଲା - ଖାଦ୍ୟର ମାନ ବୃଦ୍ଧି କରିବା, ନିଜର ଜୀବନଧାରଣର ମାନରେ ଉନ୍ନତି ଆଣିବା ସହ ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବା। ଯେଉଁ ପରିବାର ନିଜର ଖାଦ୍ୟରେ ବିବିଧତା ଆଣିବାକୁ ଚାହାନ୍ତି ସେମାନେ ଶସ୍ତାରେ ଖାଦ୍ୟଶସ୍ୟ କିଣି ସେବାବଦରେ ବଞ୍ଚିଥିବା ଅର୍ଥରେ ଦୁଧ, ଫଳ, ବିଭିନ୍ନ କୋଳି, ମଞ୍ଜି ଏବଂ ସ୍ଥଳବିଶେଷରେ ଅଣ୍ଡା ଓ ମାଂସ ଆଦି କିଣିବାରେ ଖର୍ଚ୍ଚ କରନ୍ତି। ଏହା ଆୟ ପ୍ରଭାବ ବା ଇନ୍‌କମ୍ ଇଫେକ୍ଟ ଭାବେ ପରିଚିତ। ଅପର ପକ୍ଷରେ ଯେଉଁ ପରିବାରଙ୍କର ଅନ୍ୟାନ୍ୟ ପ୍ରମୁଖ ଆବଶ୍ୟକତା ରହିଛି, ସେମାନେ ରିଆତି ମୂଲ୍ୟର ଖାଦ୍ୟଶସ୍ୟ କିଣି ଯେଉଁ ଅର୍ଥ ବଞ୍ଚାନ୍ତି ତାହାକୁ ଖାଦ୍ୟ ପାଇଁ ବ୍ୟୟ ନ'କରି ଅନ୍ୟ ଜିନିଷ କ୍ରୟ ପାଇଁ ବିନିଯୋଗ କରନ୍ତି। ଏହା ଅର୍ଥନୀତିରେ ବଦଳ ପ୍ରଭାବ ବା ସବ୍‌ଷ୍ଟିଚ୍ୟୁସନ ଉଫେକ୍ଟ ନାମରେ ପରିଚିତ। ଲୋକେ କାହିଁକି ଏପରି କରନ୍ତି ତାହା ଏବେ ମଧ୍ୟ ଅବୋଧ।



୨୦୧୭ର ବିଶ୍ୱ ପୁଷ୍ଟିସାଧନ ରିପୋର୍ଟ ଅନୁସାରେ କୁପୋଷଣ ଦୂର ଓ ପୁଷ୍ଟିସାଧନ କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସତ୍ତ୍ୱେ ବିଶ୍ୱରେ ଏବେ ମଧ୍ୟ କୁପୋଷଣ ଏକ ସାର୍ବଜନୀନ ସମସ୍ୟା ହୋଇ ରହିଛି। ଏହି ରିପୋର୍ଟ ଅନୁସାରେ ଭାରତର କୁପୋଷଣ ଜନିତ ବୋଝ ବିରାଟ। ସନ୍ତାନ ଉତ୍ପାଦନକ୍ଷମ ବୟସର ମହିଳାଙ୍କ ମଧ୍ୟରୁ ଅଧାରୁ ଅଧିକ ରକ୍ତହୀନତାର ସମ୍ମୁଖୀନ। ଭାରତ ସମେତ ବିଶ୍ୱର ୧୪୦ଟି ଦେଶର କୁପୋଷଣ ସ୍ଥିତି ସମ୍ପର୍କରେ ପ୍ରଦତ୍ତ ଏହି ରିପୋର୍ଟରେ ତଥ୍ୟ ତିନିପ୍ରକାର କୁପୋଷଣକୁ ବିଶେଷ ଗୁରୁତ୍ୱ ଦେଇଛି। ଏହି ତିନିଟି ହେଲା ମା', ଅତିଛୋଟ ଶିଶୁ ଓ ଶିଶୁଙ୍କ କୁପୋଷଣ ଦୂର କରିବା। ବିଶ୍ୱସ୍ତରରେ ବିଭିନ୍ନ ସୂଚକାଙ୍କ ସଂଗ୍ରହ କରାଯାଇ ପ୍ରସ୍ତୁତ ଏହି ରିପୋର୍ଟରେ କୁପୋଷଣ କାରଣରୁ ବିଭିନ୍ନ ପ୍ରକାର ଅଣ ସଂକ୍ରାମକ ବ୍ୟାଧିରେ ଏକ ବଡ଼ ଭାଗ ଜନସଂଖ୍ୟା ଆକ୍ରାନ୍ତ ହେବାର ଆଶଙ୍କା ଥିବାରୁ ତାହାର ନିରାକରଣ ପାଇଁ ପୋଷଣଭିତ୍ତିକ ପ୍ରତିକାର ବ୍ୟବସ୍ଥା ଓ ଲକ୍ଷ୍ୟ ଆଦି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଓ ବିଭିନ୍ନ ଦେଶର ସରକାର କାର୍ଯ୍ୟକରୁଛନ୍ତି। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସବୁ ପ୍ରକାର କୁପୋଷଣର ଅବସାନ ଘଟାଇବାର ଲକ୍ଷ୍ୟ ରଖି ଭାରତ ସମେତ ବିଭିନ୍ନ ସରକାର କାର୍ଯ୍ୟ କରୁଛନ୍ତି। ବିଶ୍ୱ ପୁଷ୍ଟିସାଧନ ରିପୋର୍ଟରେ କୁପୋଷଣ ଓ ମେଦବୃଦ୍ଧି ଏହି ଦୁଇଟିକୁ ଦ୍ୱୈତ ବୋଝ (ଡବଲ ବର୍ଡେନ) ଭାବେ ଗ୍ରହଣ କରାଯାଇଛି। ତେଣୁ ଭାରତରେ ଜାତୀୟ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଏହି ଦୁଇ ସମସ୍ୟାର ମୁକାବିଲା ଅଗ୍ରାଧିକାର ପାଇଛି।



**ଭାରତରେ ସାଧାରଣ ବଣ୍ଟନ ବ୍ୟବସ୍ଥା:**

ଭାରତରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗରିବ, ଅଭାବଗ୍ରସ୍ତଙ୍କ ସମେତ ବହୁ ସଂଖ୍ୟକ ଲୋକଙ୍କୁ ଖାଦ୍ୟଶସ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ରିଆତି ମୂଲ୍ୟରେ କଣ୍ଟ୍ରୋଲ ଦୋକାନ ଜରିଆରେ ଯୋଗାଇଦିଆଯାଏ। ଏଥିପାଇଁ ସାରା ଦେଶରେ ଏକ ବ୍ୟବସ୍ଥିତ ଯୋଗାଣ ବ୍ୟବସ୍ଥା ରହିଛି। ଏହି ବଣ୍ଟନ ବ୍ୟବସ୍ଥାରେ ୪.୯ ଲକ୍ଷରୁ ଅଧିକ ଫେୟାର ପ୍ରାଇସ ସପ୍ ବା କଣ୍ଟ୍ରୋଲ ଦୋକାନ ସଂଯୁକ୍ତ। ଏହିସବୁ ଦୋକାନ ଜରିଆରେ ବାର୍ଷିକ ୧୯କୋଟି ଲୋକଙ୍କୁ ଭାରତରେ ୪୦ହଜାର କୋଟି ଟଙ୍କାର ଖାଦ୍ୟଶସ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ରିଆତି ମୂଲ୍ୟରେ ସରକାର ଯୋଗାଇଦେଇଥାନ୍ତି। ଭାରତର ଏହି ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ବୋଧହୁଏ ସମଗ୍ର ବିଶ୍ୱରେ ସର୍ବବୃହତ୍। ଏହା ଭାରତ ସରକାରଙ୍କ ଖାଉଟୀ ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ। ଏହାକୁ ଦେଶର ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେବାର ଏକ ଭାରତୀୟ ବ୍ୟବସ୍ଥା କହିଲେ ଭୁଲ ହେବ ନାହିଁ। କେନ୍ଦ୍ର ସରକାର ଏହି ବ୍ୟବସ୍ଥାରେ ଖାଦ୍ୟଶସ୍ୟର ସଂଗ୍ରହ, ମହଯୁଦ, ଭଣ୍ଡାରଣ, ପରିବହନ ଏବଂ ବିଭିନ୍ନ ରାଜ୍ୟଙ୍କୁ ଯୋଗାଇବାର ଦାୟିତ୍ୱ ନିର୍ବାହ କରିଥାନ୍ତି। ରାଜ୍ୟ ସରକାର ସେସବୁ ସାମଗ୍ରୀକୁ କଣ୍ଟ୍ରୋଲ ଦୋକାନ ବ୍ୟବସ୍ଥା ମାଧ୍ୟମରେ ହିତାଧିକାରୀଙ୍କୁ ଧାର୍ଯ୍ୟ ରିଆତି ମୂଲ୍ୟରେ ବିକ୍ରି କରିବାର ବ୍ୟବସ୍ଥା କରନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମୁଖ୍ୟତଃ ଗହମ, ଚାଉଳ, ଚିନି ଓ କିରାସିନ ଯୋଗାଇ ଦିଆଯାଏ।

ସାଧାରଣ ବଣ୍ଟନ ବ୍ୟବସ୍ଥା ଦ୍ୱାରା ଉଦ୍ଦିଷ୍ଟ ପରିବାର ସମୂହର ଖାଦ୍ୟ ଓ ପୁଷ୍ଟିସାଧନ ନିରାପତ୍ତା ସୁରକ୍ଷିତ ହେଉଛି କି ନାହିଁ ତାହା ପୂର୍ବରୁ ସ୍ୱାଧୀନ ଭାବେ କାର୍ଯ୍ୟ କରୁଥିବା ଦପ୍ତରଦ୍ୱାରା ତଦାରଖ ଓ ମୂଲ୍ୟାୟନ

ଗୋଟିଏ ପରିବାର ଖାଦ୍ୟ ଗ୍ରହଣ ବା ଭୋଜନ ନିଷ୍ପତ୍ତିରେ ଦୁଇଟି ଜିନିଷ ସର୍ବଦା ଗୁରୁତ୍ୱ ପାଏ। ପ୍ରଥମଟି ହେଲା କ୍ୟାଲୋରୀର ଆବଶ୍ୟକତା ପୂରଣ ପାଇଁ ଆବଶ୍ୟକ ପରିମାଣର ଖାଦ୍ୟ ଖାଇବା ଏବଂ ସେଥିରେ ଭାରସାମ୍ୟ ରକ୍ଷା କରିବାକୁ ନିରନ୍ତର ଚେଷ୍ଟା କରିବା। ଦ୍ୱିତୀୟଟି ହେଲା – ଖାଦ୍ୟର ମାନ ବୃଦ୍ଧି କରିବା, ନିଜର ଜୀବନଧାରଣର ମାନରେ ଉନ୍ନତି ଆଣିବା ସହ ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବା। ଯେଉଁ ପରିବାର ନିଜର ଖାଦ୍ୟରେ ବିବିଧତା ଆଣିବାକୁ ଚାହାନ୍ତି ସେମାନେ ଶସ୍ତାରେ ଖାଦ୍ୟଶସ୍ୟ କିଣି ସେବାବଦରେ ବଞ୍ଚୁଥିବା ଅର୍ଥରେ ଦୁଧ, ଫଳ, ବିଭିନ୍ନ କୋଳି, ମଞ୍ଜି ଏବଂ ସ୍ଥଳବିଶେଷରେ ଅଣ୍ଡା ଓ ମାଂସ ଆଦି କିଣିବାରେ ଖର୍ଚ୍ଚ କରନ୍ତି। ଏହା ଆୟ ପ୍ରଭାବ ବା ଇନ୍‌କମ୍ ଇଫେକ୍ଟ ଭାବେ ପରିଚିତ।

ହେଉଥିଲା । ତେବେ କୃଷି ମନ୍ତ୍ରଣାଳୟର ଅନୁରୋଧ ପରେ ଏବେ ଏହି ପର୍ଯ୍ୟବେକ୍ଷଣ ଓ ତଦାରଖ କାର୍ଯ୍ୟ ମନିଟରିଂ ଓ ଇଭାଲ୍ୟୁଏସନ୍ ଡେଭେଲପମେଣ୍ଟ ଅଫିସ ଦ୍ୱାରା କରାଯାଉଛି । ଏହାର ମୁଖ୍ୟ କାର୍ଯ୍ୟ ହେଲା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଲୋକଙ୍କୁ ମିଳୁଥିବା ଖାଦ୍ୟ ପଦାର୍ଥ ଯୋଗୁ ପୁଷ୍ଟିସାଧନ ଓ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସୁରକ୍ଷିତ ହେଉଛି କି ନାହିଁ ତାହା ଜାଣିବା ଯେଉଁମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ସେମାନେ ଏହାଦ୍ୱାରା ପ୍ରକୃତରେ ଉପକୃତ ହେଉଛନ୍ତି କି ନାହିଁ ତାହାର ସବିଶେଷ ତଦାରଖ ଓ ଅନୁଧ୍ୟାନ କରାଯାଉଛି । ସେହିଭଳି ଏହି ବ୍ୟବସ୍ଥାରେ ହିତାଧିକାରୀଙ୍କୁ ମିଳୁଥିବା ଖାଦ୍ୟ ଓ ଅଣଖାଦ୍ୟଶସ୍ୟ, ଖାଦ୍ୟ ଓ ଅଣଖାଦ୍ୟ ସାମଗ୍ରୀ ମଧ୍ୟରେ ଭାରସାମ୍ୟ ରକ୍ଷା, ସଂପୃକ୍ତ ପରିବାରଙ୍କ ଖାଦ୍ୟ ଓ ଅଣଖାଦ୍ୟ ଜନିତ ଖର୍ଚ୍ଚ, ସେମାନଙ୍କ ଆୟ-ବ୍ୟୟ ଉପରେ ଏହାର ପ୍ରଭାବ ଆଦି ବିଷୟରେ ମଧ୍ୟ ତଥ୍ୟ ସଂଗୃହୀତ ହେଉଛି ।

**ପ୍ରୋତ୍ସାହନ:**

ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ଦାରିଦ୍ର୍ୟ ହ୍ରାସ ପାଇଛି ଓ ଦେଶର ଅର୍ଥନୀତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି । ତେବେ ଦେଶର ପୁଷ୍ଟିସାଧନର ସ୍ଥିତି ଅର୍ଥନୈତିକ ବିକାଶ ସହ ତାଳ ଦେଇ ଆଗେଇ ପାରିନାହିଁ । ଜାତୀୟ ନମୁନା ସର୍ଭେ ତଥ୍ୟ ଅନୁସାରେ ଭାରତରେ ମୁଣ୍ଡପିଛା ଖାଦ୍ୟ ଶସ୍ୟ ଭକ୍ଷଣ ହାର ୧୯୯୩-୯୪ ଓ ୨୦୧୧-୧୨ ମଧ୍ୟରେ ନିରନ୍ତର ଭାବେ ଉଭୟ ସହର ଓ ଗ୍ରାମାଞ୍ଚଳରେ ହ୍ରାସ ପାଇବାରେ ଲାଗିଛି । ଆର୍ଥିକ ଉନ୍ନତି ସମୟରେ ଲୋକଙ୍କ ଖାଦ୍ୟ ଗ୍ରହଣ ରୁଚି ଓ ଶୈଳୀରେ ପରିବର୍ତ୍ତନ ଏବଂ କୁପୋଷଣ ବୃଦ୍ଧିର କାରଣ ଅନୁଧ୍ୟାନ ଲୋଡ଼ା । ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ପର୍ଯ୍ୟାପ୍ତ ଖାଦ୍ୟ ଶସ୍ୟ ମିଳୁଥିଲେ ମଧ୍ୟ ଉଦ୍ଦିଷ୍ଟବର୍ଗ ତାହାକୁ ଆବଶ୍ୟକ ପରିମାଣରେ ନଖାଇବା ଏକ ବ୍ୟତିକ୍ରମ । ପିଡିଏସ୍ କେବଳ ଦରିଦ୍ର ଓ ଅନଗ୍ରସରଙ୍କ ଖାଦ୍ୟ ନିରାପତ୍ତାକୁ ନିଶ୍ଚିତ କରୁନାହିଁ; ଏହା ସେମାନଙ୍କ କୁପୋଷଣ ଦୂର କରିବାକୁ ମଧ୍ୟ ଉଦ୍ଦିଷ୍ଟ । ଏଥିପାଇଁ ସରକାର ବିପୁଳ ଅର୍ଥ ରିଆତି ଆକାରରେ ଯୋଗାଇ ଦେଉଛନ୍ତି ।

> ୨୦୧୭ର ବିଶ୍ୱ ପୁଷ୍ଟିସାଧନ ରିପୋର୍ଟ ଅନୁସାରେ କୁପୋଷଣ ଦୂର ଓ ପୁଷ୍ଟିସାଧନ କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସତ୍ତ୍ୱେ ବିଶ୍ୱରେ ଏବେ ମଧ୍ୟ କୁପୋଷଣ ଏକ ସାର୍ବଜନୀନ ସମସ୍ୟା ହୋଇ ରହିଛି । ଏହି ରିପୋର୍ଟ ଅନୁସାରେ ଭାରତର କୁପୋଷଣ ଜନିତ ବୋଝ ବିରାଟ । ସନ୍ତାନ ଉତ୍ପାଦନକ୍ଷମ ବୟସର ମହିଳାଙ୍କ ମଧ୍ୟରୁ ଅଧାରୁ ଅଧିକ ରକ୍ତହୀନତାର ସମ୍ମୁଖୀନ । ଭାରତ ସମେତ ବିଶ୍ୱର ୧୪୦ଟି ଦେଶର କୁପୋଷଣ ସ୍ଥିତି ସମ୍ପର୍କରେ ପ୍ରଦତ୍ତ ଏହି ରିପୋର୍ଟର ତଥ୍ୟ ତିନିପ୍ରକାର କୁପୋଷଣକୁ ବିଶେଷ ଗୁରୁତ୍ୱ ଦେଇଛି । ଏହି ତିନିଟି ହେଲା ମା', ଅତିଛୋଟ ଶିଶୁ ଓ ଶିଶୁଙ୍କ କୁପୋଷଣ ଦୂର କରିବା । ବିଶ୍ୱସ୍ତରରେ ବିଭିନ୍ନ ସୂଚକାଙ୍କ ସଂଗ୍ରହ କରାଯାଇ ପ୍ରସ୍ତୁତ ଏହି ରିପୋର୍ଟରେ କୁପୋଷଣ କାରଣରୁ ବିଭିନ୍ନ ପ୍ରକାର ଅଣ ସଂକ୍ରାମକ ବ୍ୟାଧିରେ ଏକ ବଡ଼ ଭାଗ ଜନସଂଖ୍ୟା ଆକ୍ରାନ୍ତ ହେବାର ଆଶଙ୍କା ଥିବାରୁ ତାହାର ନିରାକରଣ ପାଇଁ ପୋଷଣଭିତ୍ତିକ ପ୍ରତିକାର ବ୍ୟବସ୍ଥା ଓ ଲକ୍ଷ୍ୟ ଆଦି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏଥିପାଇଁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଓ ବିଭିନ୍ନ ଦେଶର ସରକାର କାର୍ଯ୍ୟକରୁଛନ୍ତି । ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସବୁ ପ୍ରକାର କୁପୋଷଣର ଅବସାନ ଘଟାଇବାର ଲକ୍ଷ୍ୟ ରଖି ଭାରତ ସମେତ ବିଭିନ୍ନ ସରକାର କାର୍ଯ୍ୟ କରୁଛନ୍ତି । ବିଶ୍ୱ ପୁଷ୍ଟିସାଧନ ରିପୋର୍ଟରେ କୁପୋଷଣ ଓ ମେଦବୃଦ୍ଧି ଏହି ଦୁଇଟିକୁ ଦ୍ୱୈତ ବୋଝ (ଡବଲ ବର୍ଡନ) ଭାବେ ଗ୍ରହଣ କରାଯାଇଛି । ତେଣୁ ଭାରତରେ ଜାତୀୟ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଏହି ଦୁଇ ସମସ୍ୟାର ମୁକାବିଲା ଅଗ୍ରାଧିକାର ପାଇଛି ।

ସ୍ୱାଧୀନତା ପରେ ଦେଶରେ ଦେଖାଦେଇଥିବା ଖାଦ୍ୟାଭାବ ଜନିତ ପରିସ୍ଥିତିର ମୁକାବିଲା କରିବା ପାଇଁ ଆରମ୍ଭ ହୋଇଥିବା ଏହି ପିଡିଏସ୍ ବ୍ୟବସ୍ଥାର ଆବଶ୍ୟକତାକୁ ନେଇ ସମାଲୋଚନା ମଧ୍ୟ ଆରମ୍ଭ ହେଲା । ଏହା ମୁଖ୍ୟତଃ ସହରାଭିମୁଖୀ ବୋଲି ସମାଲୋଚନା ହେଲା ଏବଂ ଏହା ଦ୍ୱାରା ଗ୍ରାମାଞ୍ଚଳର ଗରିବ ଲୋକଙ୍କ ସ୍ୱାର୍ଥ ରକ୍ଷା ହୋଇପାରୁନାହିଁ ବୋଲି କୁହାଯିବା ପରେ ସରକାର ଏଥିରେ କିଛି ପରିବର୍ତ୍ତନ କରି ୧୯୯୭ ଜୁନ୍ ମାସରେ ଲକ୍ଷ୍ୟ ଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା ବା ଟାର୍ଗେଟେଡ୍ ପିଡିଏସ୍ ସିଷ୍ଟମ ଆରମ୍ଭ କରିଥିଲେ । ଏଥିରେ ଅତିଗରିବ ଓ ଅଭାବୀ ଲୋକଙ୍କୁ ଯଥାସମ୍ଭବ ସ୍ୱଳ୍ପ ମୂଲ୍ୟରେ ଖାଦ୍ୟ ଶସ୍ୟ ଯୋଗାଇ ସେମାନଙ୍କ ଖାଦ୍ୟ ସୁରକ୍ଷା ଓ କୁପୋଷଣ ଦୂର କରିବା କାର୍ଯ୍ୟକୁ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏହାପରେ ପ୍ରଣୀତ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ମଧ୍ୟ ପିଡିଏସ୍ର ସଂପ୍ରସାରଣ ପୂର୍ବକ ଲୋକଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବାକୁ ଗୁରୁତ୍ୱ ଦେଲା । ଏଥିରେ ମୁଖ୍ୟ ଲକ୍ଷ୍ୟ ଥିଲା ଗରିବ ଲୋକଙ୍କୁ ଅତି ଶସ୍ତାରେ ଖାଦ୍ୟ ଶସ୍ୟ ଯୋଗାଇ ସେମାନଙ୍କୁ ସୁରକ୍ଷିତ ରଖିବା ସହ ସେମାନଙ୍କ କୁପୋଷଣ ଜନିତ ସ୍ଥିତିକୁ ଦୂର କରିବା ଏବଂ କମ୍ ଓଜନ ବିଶିଷ୍ଟ ଶିଶୁଙ୍କ ସଂଖ୍ୟା କମାଇବା ।

**ଆୟ, ଖାଦ୍ୟ ଓ ପୁଷ୍ଟିସାଧନର ଗୋଲକଧନ୍ଦା:**

ଜାତୀୟ ପୁଷ୍ଟିସାଧନ ତଥ୍ୟ ପାଇଁ ଆମେ ୨୦୦୫-୦୬ର ଜାତୀୟ ପରିବାର ସର୍ଭେ ଡାଟା ଉପରେ ମୁଖ୍ୟତଃ ନିର୍ଭର କରୁଥିଲେ ମଧ୍ୟ କମ୍ ଓଜନ ବିଶିଷ୍ଟ ପିଲାଙ୍କ ସଂଖ୍ୟା, ପୁଷ୍ଟିସାଧନ ସଂକ୍ରାନ୍ତ ଜାତୀୟ ସ୍ଥିତି ସମ୍ପର୍କରେ ଆମକୁ ଅନ୍ୟାନ୍ୟ ସର୍ଭେର ତଥ୍ୟାବଳୀ ଉପରେ ନିର୍ଭର କରିବାକୁ ପଡ଼ିବ । ସେଥିମଧ୍ୟରୁ ଜାତୀୟ ନ୍ୟୁଟ୍ରେସନ ପ୍ରତିଷ୍ଠାନର ସର୍ଭେ-୨୦୧୨ ଏବଂ ଜାତୀୟ ଆପ୍ଲାଏଡ୍ ଇକୋନୋମିକ୍ସ କାଉନସିଲ୍ ରିସର୍ଚ୍ଚ ଓ ମେରିଲାଣ୍ଡ ୟୁନିଭରସିଟିର ସର୍ଭେ ଅନ୍ୟତମ ।

ଜାତୀୟ ନମୁନା ସର୍ଭେ (ଏନ୍ଏସ୍ଏସ୍) ତଥ୍ୟ ଅନୁସାରେ ଦେଶରେ କ୍ରମାଗତ ଦାରିଦ୍ର୍ୟ ହ୍ରାସ ପାଉଥିବାବେଳେ ଲୋକଙ୍କ ଖାଦ୍ୟଶସ୍ୟ ଭୋଜନ ହାର

ହ୍ରାସ ରହସ୍ୟଜନକ ମନେହୁଏ। ସେହିଭଳି ଅଧିକରୁ ଅଧିକ ଲୋକ କମ୍ କ୍ୟାଲୋରୀ ଖାଦ୍ୟ ମଧ୍ୟ ଅଧିକ ସଂଖ୍ୟାରେ ଗ୍ରହଣ କରୁଛନ୍ତି। ତେବେ ଏହି ଲକ୍ଷଣଟି ଉଚ୍ଚ ଆୟକାରୀ ବର୍ଗରେ ଅଧିକ ଦେଖାଯାଉଛି ବୋଲି ୨୦୦୯ରେ ଡିଟନ ଓ ଡ୍ରେଜ୍‌ଙ୍କ ସର୍ଭେରୁ ଜଣାପଡ଼ିଛି। ଶାରୀରିକ ଶ୍ରମ ହ୍ରାସ କାରଣରୁ ଏହି ବର୍ଗର ଲୋକେ ଖାଦ୍ୟରେ ଅଧିକ କ୍ୟାଲୋରି ଗ୍ରହଣ କରିବାକୁ ଅନାଗ୍ରହୀ ବୋଲି ଅର୍ଥନୀତିଜ୍ଞ ଡିଟନ ଓ ଡ୍ରେଜ୍ ମତ ଦିଅନ୍ତି।

**ଟିପିଡିଏସ୍‌ର ପରିସର:**

୨୦୦୪-୦୫ ଓ ୨୦୧୧-୧୨ ମଧ୍ୟରେ ପିଡିଏସ୍ ବ୍ୟବହାରରେ ଉଲ୍ଲେଖନୀୟ ଅଗ୍ରଗତି ପରିଲକ୍ଷିତ ହୋଇଥିଲା। ୨୦୦୪-୦୫ରେ ପ୍ରାୟ ୨୭ ଶତାଂଶ ପରିବାର ଖାଦ୍ୟଶସ୍ୟ ପିଡିଏସ୍‌ରୁ କିଣିଥିଲେ। ମାତ୍ର ୨୦୧୧-୧୨ରେ ଏହି ସଂଖ୍ୟା ୫୨.୩ ଶତାଂଶକୁ ବୃଦ୍ଧି ପାଇଥିଲା। ଏହି ସମୟରେ ସବୁ ବର୍ଗର କାର୍ଡଧାରୀଙ୍କ ମଧ୍ୟରେ ପିଡିଏସ୍ ସାମଗ୍ରୀ କ୍ରୟ ବୃଦ୍ଧି ପାଇଥିଲା। ଉଭୟ ବିପିଏଲ ଓ ଏଏୱାଇ କାର୍ଡଧାରୀଙ୍କ ପିଡିଏସ୍ ଖାଦ୍ୟଶସ୍ୟ କ୍ରୟରେ ବୃଦ୍ଧି ଘଟିଥିବାବେଳେ ପ୍ରାୟ ଶତପ୍ରତିଶତ ଏପିଏଲ କାର୍ଡଧାରୀଙ୍କ ପିଡିଏସ୍ ଖାଦ୍ୟ ଶସ୍ୟ କ୍ରୟ କରୁଥିଲେଖ ଓ ୩୨ ଶତାଂଶ ଏପିଏଲ୍ କାର୍ଡଧାରୀ ଏହା କିଣିଥିଲେ। ସବୁ ଶ୍ରେଣୀର କାର୍ଡଧାରୀଙ୍କ ପିଡିଏସ୍ ଖାଦ୍ୟଶସ୍ୟ କ୍ରୟ ହାର ବୃଦ୍ଧି ସତ୍ତ୍ୱେ ମୋଟ୍ ଖାଦ୍ୟ ଶସ୍ୟ ଉପଭୋଗ ଓ ପିଡିଏସ୍ ଖାଦ୍ୟଶସ୍ୟ ଉପଭୋଗର ଅନୁପାତରେ ସେମିତି କିଛି ବିଶେଷ ପରିବର୍ତ୍ତନ ଘଟି ନ ଥିଲା। ଏହି ସମୟରେ ପିଡିଏସ୍ ଖାଦ୍ୟ ଶସ୍ୟ ସହିତ ପିଡିଏସ୍ କିରାସିନ୍ କ୍ରୟ ଯଥେଷ୍ଟ ବଢ଼ିଥିଲା। ପ୍ରାୟ ୭୯ ଶତାଂଶ କାର୍ଡଧାରୀ ପିଡିଏସ୍ କିରାସିନ୍ ମୁଖ୍ୟତଃ ଲୋକଙ୍କ ଦ୍ୱାରା ବ୍ୟବହୃତ ହେଉଥିଲେ ହେଁ ଏହାର ଉପଯୋଗରେ ସେମିତି ଉଲ୍ଲେଖନୀୟ ବୃଦ୍ଧି ଘଟି ନ ଥିଲା। ପ୍ରାୟ ୨୮ ଶତାଂଶ

> ସାଧାରଣ ବଣ୍ଟନ ବ୍ୟବସ୍ଥା ଦ୍ୱାରା ଉଦ୍ଦିଷ୍ଟ ପରିବାର ସମୂହର ଖାଦ୍ୟ ଓ ପୁଷ୍ଟିସାଧନ ନିରାପତ୍ତା ସୁରକ୍ଷିତ ହେଉଛି କି ନାହିଁ ତାହା ପୂର୍ବରୁ ସ୍ୱାଧୀନ ଭାବେ କାର୍ଯ୍ୟ କରୁଥିବା ଦପ୍ତରଦ୍ୱାରା ତଦାରଖ ଓ ମୂଲ୍ୟାୟନ ହେଉଥିଲା। ତେବେ କୃଷି ମନ୍ତ୍ରଣାଳୟର ଅନୁରୋଧ ପରେ ଏବେ ଏହି ପର୍ଯ୍ୟବେକ୍ଷଣ ଓ ତଦାରଖ କାର୍ଯ୍ୟ ମନିଟରିଂ ଓ ଇଭାଲୁଏସନ୍ ଡେଭେଲପମେଣ୍ଟ ଅଫିସ ଦ୍ୱାରା କରାଯାଉଛି। ଏହାର ମୁଖ୍ୟ କାର୍ଯ୍ୟ ହେଲା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଲୋକଙ୍କୁ ମିଳୁଥିବା ଖାଦ୍ୟ ପଦାର୍ଥ ଯୋଗୁ ପୁଷ୍ଟିସାଧନ ଓ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସୁରକ୍ଷିତ ହେଉଛି କି ନାହିଁ ତାହା ଜାଣିବା ଯେଉଁମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ସେମାନେ ଏହାଦ୍ୱାରା ପ୍ରକୃତରେ ଉପକୃତ ହେଉଛନ୍ତି କି ନାହିଁ ତାହାର ସବିଶେଷ ତଦାରଖ ଓ ଅନୁଧ୍ୟାନ କରାଯାଉଛି।



ପରିବାର କିରାସିନ୍ ସହିତ କାଠ, କୋଇଲା ଓ ଏଲ୍‌ପିଜି ରନ୍ଧନ କାର୍ଯ୍ୟ ପାଇଁ ବ୍ୟବହାର କରୁଥିଲେ।

**ଲକ୍ଷ୍ୟଭିତ୍ତିକ ଦକ୍ଷତା:**

୨୦୦୪-୦୫ରୁ ୨୦୧୧-୨୦୧୨ମଧ୍ୟରେ ଲକ୍ଷ୍ୟ ଭିତ୍ତିକ (ଟାର୍‌ଗେଟେଡ୍) ପିଡିଏସ୍‌ରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦଦେବା ପ୍ରକ୍ରିୟା ମାନ୍ଦା ଥିଲା ଏବଂ ଖୁବ୍ କମ୍ ଲୋକ ଏଥିରୁ ବାଦ ପଡ଼ିଥିଲେ। ଏହା ବାଦ ଜନିତ ତ୍ରୁଟିର ପରିସରଭୁକ୍ତ। ତେବେ ସେ ଯା'ହେଉ ଏହି ତ୍ରୁଟି ଅଧିକ ଥିଲା। ଏହାଫଳରେ ଦାରିଦ୍ର୍ୟ ହ୍ରାସ ଜନିତ ହିସାବ ଓ ପରିସଂଖ୍ୟାନ ପ୍ରସ୍ତୁତି ପ୍ରଭାବିତ ହୋଇଥିଲା। ଏହି ତ୍ରୁଟି ସବୁ ବର୍ଗ, ସଂପ୍ରଦାୟରେ ଦେଖାଯାଇଥିଲା ଏବଂ ଦକ୍ଷିଣାଞ୍ଚଳ ରାଜ୍ୟରେ ଅଧିକ ଥିଲା। ସବୁଠୁ ଉଲ୍ଲେଖନୀୟ କଥା ହେଲା ଟାର୍ଗେଟେଡ୍ ପିଡିଏସ୍ ବ୍ୟବସ୍ଥାରୁ ଯେଉଁମାନେ ବାଦ ପଡ଼ିଥିଲେ ସେମାନଙ୍କ ମଧ୍ୟରୁ ଗରିବଙ୍କ ସଂଖ୍ୟା ଅଧିକ ଥିଲା।

**ବିଶ୍ଳେଷଣାତ୍ମକ କୌଶଳର ଉପଯୋଗ:**

ସବୁ ପରିବାରକୁ ଖାଦ୍ୟ ନିରାପତ୍ତା ପ୍ରଦାନ କରିବା ପାଇଁ ଟିପିଡିଏସ୍ ସର୍ବଶ୍ରେଷ୍ଠ ପନ୍ଥା କି ବୋଲି ଯଦି ବିଚାର କରିବା ତା'ହେଲେ ଆୟକୁ ସ୍ଥିର ମାନକ ଭାବେ ନେଇ ଏଥିରେ ଏହି ସୁବିଧା ପାଉ ନ ଥିବା ପରିବାରଙ୍କ ଅବସ୍ଥାକୁ ବିଚାରକୁ ନେଇ ଏକ ତୁଳନାତ୍ମକ ବିଶ୍ଳେଷଣ କରିବାର ଆବଶ୍ୟକତା ରହିଛି। ତେବେ ଏହା କରିବା ସମ୍ଭବ ନୁହେଁ; କାରଣ ଭାରତରେ ସବୁ ପରିବାରଙ୍କ ଆୟ ସଂକ୍ରାନ୍ତ ତଥ୍ୟାବଳୀ ଜାଣିବା ସହଜ ନୁହେଁ। ଭାରତୀୟ ମାନବ ବିକାଶ ସର୍ଭେ ପ୍ରଥମ ଓ ଦ୍ୱିତୀୟରେ ଭାରତର ବିଭିନ୍ନ ପରିବାରର ଆୟ, ଖାଦ୍ୟପେୟ ବାବଦରେ ସେମାନଙ୍କର ବ୍ୟୟ ଆଦି ସମ୍ପର୍କରେ ଅବଶ୍ୟ ସବିଶେଷ ତଥ୍ୟ ରହିଛି। ଏହି ତଥ୍ୟକୁ ଲୋକଙ୍କ ଉପଭୋଗ ଓ ଉପଯୋଗ ସଂକ୍ରାନ୍ତ ଦିଗ ସମ୍ପର୍କରେ ଜାଣିବା ପାଇଁ ଭିନ୍ନ ଭିନ୍ନ ଭାବେ ଅବଶ୍ୟ ବ୍ୟବହାର କରାଯାଇପରିବ।

**ବିପିଏଲ୍ / ଏଏୱାଇ ରିଆତିର ଭୂମିକା:**

ପ୍ରବୃତ୍ତି ବା ପ୍ରପେନ୍‌ସିଟି ସ୍କୋର ମ୍ୟାଚିଂ (ପିଏସ୍‌ଏମ୍) ଟେକନିକ୍‌ରେ ବିପିଏଲ୍ / ଏଏୱାଇ କାର୍ଡଧାରୀ ଓ ଏହି ସୁବିଧା ପାଉ ନ ଥିବା ଲୋକଙ୍କ ଉପଭୋଗ, ଉପଯୋଗ ଶୈଳୀ ଓ ଧାରା ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳେ। ଏହାର ବିଶ୍ଳେଷଣରୁ ଯେଉଁ ତଥ୍ୟ ମିଳେ ତାହା ହେଲା ଆୟ ନିର୍ବିଶେଷରେ ବିପିଏଲ / ଏଏୱାଇ କାର୍ଡଧାରୀଙ୍କ ମଧ୍ୟରୁ ଅଧିକ ପରିବାର ପିଡିଏସ୍ ସାମଗ୍ରୀ କିଣନ୍ତି। ଏପିଏଲ୍‌ଧାରୀ ସେହି ତୁଳନାରେ କମ୍ ପିଡିଏସ୍ ସାମଗ୍ରୀ କିଣିଥାନ୍ତି। ବିପିଏଲ୍ କାର୍ଡଧାରୀ ରିଆତି ମୂଲ୍ୟରେ ପିଡିଏସ୍ ଖାଦ୍ୟଶସ୍ୟ ପାଉଥିବାରୁ ସେମାନେ ଅଧିକ ସଂଖ୍ୟାରେ ଏହା କିଣିବା ଅସ୍ୱାଭାବିକ ନୁହେଁ। ସେହିଭଳି ବିପିଏଲ/ଏଏୱାଇ କାର୍ଡଧାରୀ ପରିବାର ନିଜର ଖାଦ୍ୟ ପେୟ ବାବଦରେ ଅଣକାର୍ଡଧାରୀଙ୍କ ତୁଳନାରେ କମ୍ ଖର୍ଚ୍ଚ କରିଥାନ୍ତି। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ବିପିଏଲ/ ଏଏୱାଇ କାର୍ଡଧାରୀ ସେମାନଙ୍କ କାଲୋରୀ ଆବଶ୍ୟକତା ପୂରଣ ପାଇଁ ରିଆତିରେ ମିଳୁଥିବା ଖାଦ୍ୟଶସ୍ୟ ଉପରେ ଅଧିକ ନିର୍ଭର କରିଥାନ୍ତି ଏବଂ ସେମାନେ ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ, ଫଳ ଓ ମାଂସ ଆଦିରେ କମ୍ ଅର୍ଥ ଖର୍ଚ୍ଚ କରିଥାନ୍ତି। ଅନ୍ୟ ପକ୍ଷରେ ବିପିଏଲ କାର୍ଡ ନ ଥିବା ଲୋକେ ନିଜର ଆୟ ବଢ଼ିଲେ ନିଜର ଖାଦ୍ୟ ପେୟରେ ବିଭିନ୍ନ ପୁଷ୍ଟିକର ସାମଗ୍ରୀ ସାମିଲ କରିଥାନ୍ତି।

**ଆୟ ହ୍ରାସ ବୃଦ୍ଧି, ଖାଦ୍ୟ ଗ୍ରହଣ ଓ ଟିପିଡିଏସ୍‌ର ଭୂମିକା:**

ଆୟ ବୃଦ୍ଧି ଓ ହ୍ରାସ ପରିପ୍ରେକ୍ଷୀରେ ବିଭିନ୍ନ ପରିବାର ଏବଂ କାର୍ଡଧାରୀ ଓ ଅଣକାର୍ଡଧାରୀ ପରିବାରଙ୍କ ଖାଦ୍ୟ ଗ୍ରହଣ ଏବଂ ଖର୍ଚ୍ଚ ଭିନ୍ନ ଭିନ୍ନ ହୋଇଥାଏ। ପିଡିଏସ୍ ସୁବିଧା ଥିବାସତ୍ତ୍ୱେ ମଧ୍ୟ ଆର୍ଥିକ ଚାପରେ ଥିବା ପରିବାରର ଖାଦ୍ୟ ଜନିତ ଖର୍ଚ୍ଚ ବିଶେଷ ବଢ଼େ ନାହିଁ। ଏହାର କାରଣ ଏୟା ହୋଇପାରେ ଯେ ସେମାନେ ପରିବାରର ଅନ୍ୟାନ୍ୟ କ୍ଷେତ୍ର ଭଳି ଖାଇବା ପିଇବାରେ ମଧ୍ୟ ସଂଯମ ଆଚରଣ କରି ପଇସା ବଞ୍ଚାନ୍ତି। ତେବେ ଯେଉଁମାନଙ୍କର ଆୟ ବଢ଼େ ସେମାନେ ଖାଦ୍ୟପେୟ ବାବଦରେ ଅଧିକ ଖର୍ଚ୍ଚ କରିଥାନ୍ତି। ଏଥିରୁ ପ୍ରମାଣିତ ଯେ ଖାଦ୍ୟ ବାବଦ ଖର୍ଚ୍ଚ ଏତେ ଦ୍ରୁତ ପରିବର୍ତ୍ତନଶୀଳ ନୁହେଁ। ଯେଉଁମାନେ ରିଆତି ମୂଲ୍ୟରେ ଖାଦ୍ୟଶସ୍ୟ ପାଉଛନ୍ତି ସେମାନେ ଅର୍ଥ ବଞ୍ଚାଇବାକୁ ଏହା ଉପରେ ଅଧିକ ନିର୍ଭର କରନ୍ତି।

**ଜାତୀୟ ଖାଦ୍ୟ ନିରାପତ୍ତା ଆଇନ-୨୦୧୩:**

ଜାତୀୟ ଖାଦ୍ୟ ନିରାପତ୍ତା ଆଇନ, ୨୦୧୩ର ପ୍ରମୁଖ ଲକ୍ଷ୍ୟ ହେଲା ଲୋକଙ୍କୁ ଖାଦ୍ୟ ଓ ପୁଷ୍ଟିସାଧନର ନିରାପତ୍ତା ଯୋଗାଇଦେବା। ଏଥିରେ ସବୁଲୋକଙ୍କୁ

ସ୍ୱାଧୀନତା ପରେ ଦେଶରେ ଦେଖାଦେଇଥିବା ଖାଦ୍ୟାଭାବ ଜନିତ ପରିସ୍ଥିତିର ମୁକାବିଲା କରିବା ପାଇଁ ଆରମ୍ଭ ହୋଇଥିବା ଏହି ପିଡିଏସ୍ ବ୍ୟବସ୍ଥାର ଆବଶ୍ୟକତାକୁ ନେଇ ସମାଲୋଚନା ମଧ୍ୟ ଆରମ୍ଭ ହେଲା। ଏହା ମୁଖ୍ୟତଃ ସହରାଭିମୁଖୀ ବୋଲି ସମାଲୋଚନା ହେଲା ଏବଂ ଏହା ଦ୍ୱାରା ଗ୍ରାମାଞ୍ଚଳର ଗରିବ ଲୋକଙ୍କ ସ୍ୱାର୍ଥ ରକ୍ଷା ହୋଇପାରୁନାହିଁ ବୋଲି କୁହାଯିବା ପରେ ସରକାର ଏଥିରେ କିଛି ପରିବର୍ତ୍ତନ କରି ୧୯୯୭ ଜୁନ୍ ମାସରେ ଲକ୍ଷ୍ୟ ଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା ବା ଟାର୍ଗେଟେଡ୍ ପିଡିଏସ୍ ସିଷ୍ଟମ ଆରମ୍ଭ କରିଥିଲେ। ଏଥିରେ ଅତିଗରିବ ଓ ଅଭାବୀ ଲୋକଙ୍କୁ ଯଥାସମ୍ଭବ ସ୍ୱଳ୍ପ ମୂଲ୍ୟରେ ଖାଦ୍ୟ ଶସ୍ୟ ଯୋଗାଇ ସେମାନଙ୍କ ଖାଦ୍ୟ ସୁରକ୍ଷା ଓ କୁପୋଷଣ ଦୂର କରିବା କାର୍ଯ୍ୟକୁ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହାପରେ ପ୍ରଣୀତ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ମଧ୍ୟ ପିଡିଏସ୍‌ର ସଂପ୍ରସାରଣ ପୂର୍ବକ ଲୋକଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବାକୁ ଗୁରୁତ୍ୱ ଦେଲା। ଏଥିରେ ମୁଖ୍ୟ ଲକ୍ଷ୍ୟ ଥିଲା ଗରିବ ଲୋକଙ୍କୁ ଅତି ଶସ୍ତାରେ ଖାଦ୍ୟ ଶସ୍ୟ ଯୋଗାଇ ସେମାନଙ୍କୁ ସୁରକ୍ଷିତ ରଖିବା ସହ ସେମାନଙ୍କ କୁପୋଷଣ ଜନିତ ସ୍ଥିତିକୁ ଦୂର କରିବା ଏବଂ କମ୍ ଓଜନ ବିଶିଷ୍ଟ ଶିଶୁଙ୍କ ସଂଖ୍ୟା କମାଇବା।

ସମାନ ପରିମାଣ ଓ ମାନର ଖାଦ୍ୟ ଶସ୍ତାରେ ଯୋଗାଇଦେବାର ନିୟମ ରହିଛି। ଲୋକେ ଭଲରେ ଖାଇ ସୁସ୍ଥସବଳ ହୋଇ ମର୍ଯ୍ୟାଦାର ସହ ବଞ୍ଚିବା ଏହି ଆଇନର ଉଦ୍ଦେଶ୍ୟ। ଦେଶର ଗ୍ରାମାଞ୍ଚଳର ୭୫ ଶତାଂଶ ଓ ସହରାଞ୍ଚଳର ୫୦ ଶତାଂଶ ଲୋକଙ୍କୁ ରିଆତି ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇଦେବାକୁ ଏହି ଆଇନରେ ବ୍ୟବସ୍ଥା ରହିଛି। ଏହାର ଅର୍ଥ ଦେଶର ମୋଟ ଜନସଂଖ୍ୟାର ଦୁଇ-ତୃତୀୟାଂଶ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାର ଅନ୍ତର୍ଭୁକ୍ତ। ଏହି ନିୟମ ଅନୁସାରେ ମୁଣ୍ଡପିଛା ମାସିକ ପାଞ୍ଚ କେଜି ଖାଦ୍ୟଶସ୍ୟ କିଲୋପିଛା ୩/ ୨/ ୧ ଟଙ୍କା ମୂଲ୍ୟରେ ଯୋଗାଇଦିଆଯିବ। ଏହାର ଅର୍ଥ ଏକ କିଲୋ ଚାଉଳ ପାଇଁ ୩ଟଙ୍କା, କିଲେ ଗହମ ପାଇଁ ୨ଟଙ୍କା ଏବଂ ଅନ୍ୟାନ୍ୟ ମୋଟା ଶସ୍ୟ ପାଇଁ କିଲୋପିଛା ଏକ ଟଙ୍କା କାର୍ଡଧାରୀଙ୍କୁ ଦେବାକୁ ପଡ଼ିବ। ଅତି ଦରିଦ୍ର ପରିବାର (ଏଏୱାଇ କାର୍ଡଧାରୀ) ମାସିକ ୩୫ କେଜି ଖାଦ୍ୟ ଶସ୍ୟ କିଲୋପିଛା ୩/ ୨/ ୧ ଟଙ୍କାରେ ପାଇବେ।

ପିଡିଏସ୍ ବ୍ୟବସ୍ଥାର ଉପଯୁକ୍ତ ପର୍ଯ୍ୟବେକ୍ଷଣ ଓ ତଦାରଖ ଲୋଡ଼ା। ଏହା ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚେ ସେଥିପାଇଁ ସ୍ମାର୍ଟକାର୍ଡ, ଫୁଡ୍-କ୍ରେଡିଟ୍/ ଡେବିଟ୍ କାର୍ଡ, ଫୁଡ୍ ଷ୍ଟାମ୍ପ ଭଳି ଅଭିନବ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ସେହିଭଳି ଖାଦ୍ୟ ଶସ୍ୟ ସଂଗ୍ରହ ନୀତିରେ ବିକେନ୍ଦ୍ରୀକରଣ କରାଯିବା ଉଚିତ। କ୍ଷୁଧାର ଅବସାନ ପାଇଁ ଗରିବଲୋକଙ୍କୁ ସେମାନେ ଯେଉଁଠି ଥାଆନ୍ତୁ ନା କାହିଁକି ସ୍ୱଳ୍ପ ମୂଲ୍ୟରେ ଖାଦ୍ୟଶସ୍ୟ ନିୟମିତ ଭାବେ ଯୋଗାଇ ଦିଆଯିବା ଆବଶ୍ୟକ।

ଏହି ପ୍ରବନ୍ଧରେ ଉପସ୍ଥାପିତ ତଥ୍ୟାବଳୀ ଟିପିଡିଏସ୍‌ର ଏକ ଜଟିଳ ଚିତ୍ର ପ୍ରଦାନ କରେ। ଗୋଟିଏ ପଟରେ ଦେଶର ଅଧିକରୁ ଅଧିକ ଲୋକ କ୍ରମଶଃ ପିଡିଏସ୍ ରିଆତି ଖାଦ୍ୟଶସ୍ୟ ଉପରେ ନିର୍ଭରଶୀଳ ହେଉଥିବାବେଳେ ଅନେକ ଲୋକ ସେମାନଙ୍କର ଖାଦ୍ୟର ମାନବୃଦ୍ଧି ଓ ପୁଷ୍ଟିସାଧନ ପାଇଁ ଉପଯୁକ୍ତ ସୁଯୋଗ ପାଉନାହାନ୍ତି। ସେହିଭଳି ଅନେକ ଲୋକଙ୍କ ଖାଦ୍ୟରୁ ଶସ୍ୟର ପରିମାଣ ହ୍ରାସ ପାଉଥିବାବେଳେ ଅନ୍ୟ ଗୋଟିଏ ବୃହତ୍ ଭାଗ ଅଧିକ ଖାଦ୍ୟଶସ୍ୟ ଉପଯୋଗ କରୁଛନ୍ତି। ଏହା ଫଳରେ ସମାଜରେ ଏକ ମହାମାରୀ ସୃଷ୍ଟି ଭଳି ସମସ୍ୟା ଉଦ୍‌ଭବ ହୋଇଛି। ଗୋଟିଏ ପଟେ କୁପୋଷଣ ଜନିତ ସମସ୍ୟା ଓ ଅନ୍ୟପଟେ ମାତ୍ରାଧିକ ପୁଷ୍ଟିସାଧନ ଯୋଗୁଁ ପୃଥୁଳତା, ରକ୍ତଚାପ, କ୍ୟାନ୍‌ସର, ମଧୁମେହ, ହୃଦ୍‌ଘାତ ଭଳି ଅଣ ସଂକ୍ରାମକ ବ୍ୟାଧି ବଢ଼ି ବଢ଼ି ଚାଲିଛି। ଏହା ଏକ ସୁସ୍ଥ ସମାଜର ଲକ୍ଷଣ ନୁହେଁ। ମକା, ବାଜରା ଭଳି ମୋଟା ଶସ୍ୟ ଯାହା ସ୍ୱାସ୍ଥ୍ୟ ଦୃଷ୍ଟିରୁ ହିତକର ତାହାକୁ ଅନେକ ଲୋକ ଖାଇବାକୁ ନାକ ଟେକନ୍ତି। ମାତ୍ର ଏସବୁ ଖାଦ୍ୟ ଶସ୍ୟର ଉତ୍ତମ ପ୍ରଭାବ ମଣିଷ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଏହି ସବୁ ଶସ୍ୟର ଉତ୍ପାଦନ ଓ ଉପଯୋଗ ଅଧିକ ହେଲେ କୁପୋଷଣ ଓ ଅତ୍ୟଧିକ ପୋଷଣ ଜନିତ ସମସ୍ୟା ରହିବ ନାହିଁ। ଏହାଦ୍ୱାରା ବାଳିକା ଓ ମହିଳାମାନେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଅଧିକ ଉପକୃତ ହେବେ। ସେମାନଙ୍କର ଶାରୀରିକ ଅଭିବୃଦ୍ଧି ଉପଯୁକ୍ତ ହେବା ସହ ରକ୍ତହୀନତା ଦୂର ହେବ। ସୁସ୍ଥ ମାଆ ହିଁ ସୁସ୍ଥ ସନ୍ତାନ ଜନ୍ମଦେଇପାରିବେ।


## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards


ଲେଖକ ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଜିଲାସ୍ଥିତ ନନ୍ଦିୟାଲ ଶ୍ରୀରାମକୃଷ୍ଣ ଅଟୋନମସ୍ କଲେଜର ବାଣିଜ୍ୟ ବିଭାଗର ଜଣେ ଅଧ୍ୟାପକ।

## ଆପଣ ଜାଣନ୍ତି କି ?

# ମାତୃ, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ପାଇଁ ସହଭାଗିତା

ମାତୃ, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସହଭାଗିତା (ପିଏମ୍ଏନ୍ସିଏଚ୍) ହେଉଛି ୭୭ଟି ଦେଶର ହଜାରେରୁ ଉର୍ଦ୍ଧ୍ୱ ସଂସ୍ଥାଗୁଡ଼ିକର ଏକ ମିଳିତ ପ୍ରୟାସ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆନୁକୂଲ୍ୟରେ ଗଢ଼ିଉଠିଥିବା ଏହି ସହଭାଗୀ ସଂସ୍ଥାର ମୁଖ୍ୟାଳୟ ସ୍ୱିଜରଲାଣ୍ଡର ଜେନିଭାଠାରେ ଅଛି। ମାତୃ, ନବଜାତ, କୈଶୋର ଓ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଏହି ସଂସ୍ଥା ଅନ୍ୟାନ୍ୟ ସଂଗଠନଗୁଡ଼ିକ ପାଇଁ ଏକ ମଞ୍ଚ ପ୍ରଦାନ କରିଥାଏ।



ଦଶଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗୋଷ୍ଠୀଗୁଡ଼ିକ ସହ ମିଶି ଏହି ସଂସ୍ଥା ନିଜର କାର୍ଯ୍ୟ ସମ୍ପାଦନ କରିଥାଏ। ସେହି କ୍ଷେତ୍ରଗୁଡ଼ିକ ହେଉଛି- ୧. ସହଭାଗୀ ଦେଶ, ୨. ପ୍ରଦାନକାରୀ, ୩. ଆନ୍ତଃ ସରକାରୀ ସଂସ୍ଥା, ୪. ବେସରକାରୀ ସଂସ୍ଥା, ୫. ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ, ୬. କିଶୋର କିଶୋରୀ ଓ ଯୁବଗୋଷ୍ଠୀ, ୭. ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂଗଠନ, ୮. ବେସରକାରୀ ସହଭାଗୀ, ୯. ମିଳିତ ଜାତିସଂଘର ସଂସ୍ଥା, ୧୦. ବିଶ୍ୱ ଆର୍ଥିକ ବ୍ୟବସ୍ଥା।

ସେପ୍ଟେମ୍ବର ୨୦୧୫ ମସିହାରେ ଏହି ସହଭାଗୀ ସଂସ୍ଥା ବା Partnership Forum ସଂସ୍ଥା ସ୍ଥାପନ ହୋଇଥିଲା। ନିରାପଦ ମାତୃତ୍ୱ ଓ ନବଜାତ ସ୍ୱାସ୍ଥ୍ୟ ସହଭାଗିତା, ସୁସ୍ଥ ନବଜାତ ସହଭାଗିତା ଓ ଶିଶୁ ଜୀବନ ସହଭାଗିତା ଭଳି ସଂସ୍ଥାଗୁଡ଼ିକର ୮୦ ଜଣ ସଦସ୍ୟମାନଙ୍କ ଉଦ୍ୟମରେ ଏହି ସହଭାଗୀ ସଂସ୍ଥା ସ୍ଥାପନ କରାଯାଇଥିଲା। ଏହା ପଛର ଉଦ୍ଦେଶ୍ୟ ଥିଲା ଶହସ୍ରାବ୍ଦ ବିକାଶ ଲକ୍ଷ୍ୟ ବା ଏମ୍ଡିଜିଗୁଡ଼ିକ ହାସଲ କରିବା ପାଇଁ ମିଳିତ ପ୍ରୟାସ ଓ ସହଯୋଗକୁ ତ୍ୱରାନ୍ୱିତ କରିବା। ବିଶେଷ ଭାବେ ୫ ବର୍ଷରୁ କମ୍ ବୟସ ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର ହ୍ରାସ ପାଇଁ ଉଦ୍ଦିଷ୍ଟ ୪ ଓ ୫ ନଂ ଶହସ୍ରାବ୍ଦ ବିକାଶ ଲକ୍ଷ୍ୟ

ପୂରଣ ପାଇଁ ଏହା ଉଦ୍ଦିଷ୍ଟ ଥିଲା। ମହିଳା ଓ କିଶୋରୀମାନଙ୍କ ଯୌନ ଓ ପ୍ରଜନନ ତଥା ସ୍ୱାସ୍ଥ୍ୟ ଆବଶ୍ୟକତା ସମେତ ସେମାନଙ୍କ ଅଧିକାର, ଗର୍ଭାବସ୍ଥା, ନିରାପଦ ପ୍ରସବ ଆଦି ପାଇଁ ନିରବଚ୍ଛିନ୍ନ ସେବା ପ୍ରଦାନ ବ୍ୟବସ୍ଥା ସୁନିଶ୍ଚିତ କରିବା ଏହାର ଅନ୍ୟତମ ପ୍ରମୁଖ କାର୍ଯ୍ୟ।

**ଦୃଷ୍ଟିଭଙ୍ଗୀ ଓ ଉଦ୍ଦେଶ୍ୟ:**

ଏହି ସହଭାଗୀ ସଂସ୍ଥାର ଲକ୍ଷ୍ୟ ହେଉଛି ଏଭଳି ଏକ ବିଶ୍ୱ ସୃଷ୍ଟି କରିବା, ଯେଉଁଠି ପ୍ରତ୍ୟେକ ମହିଳା, କିଶୋରୀ ଓ ଶିଶୁ ପ୍ରତ୍ୟେକ ପରିବେଶରେ ସେମାନଙ୍କର ଦୈହିକ ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଅଧିକାରଗୁଡ଼ିକୁ ସାବ୍ୟସ୍ତ କରିପାରୁଥିବେ। ତା' ସହିତ ଅଭିବୃଦ୍ଧି ସମ୍ପନ୍ନ ଓ ଧାରଣକ୍ଷମ ସମାଜ ଗଠନରେ ସେମାନେ ସମ୍ପୂର୍ଣ୍ଣ ଭାବେ ଯୋଗଦାନ ଦେଇପାରୁଥିବେ। ଏହା ମଧ୍ୟ ଏହାର ଉଦ୍ଦେଶ୍ୟ ଯେ, ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ପ୍ରକାରର ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଏପରି ଏକ ମଞ୍ଚ ପ୍ରଦାନ କରିବା, ଯେଉଁଠି ସମସ୍ତ ପକ୍ଷ ମିଳିତ ଭାବେ ପ୍ରୟାସ କରିପାରିବେ। ବିଶେଷ ଭାବେ ଚାରୋଟି କ୍ଷେତ୍ର ଉପରେ ଏହି ସହଭାଗୀ ସଂସ୍ଥା ଗୁରୁତ୍ୱ ଦେଇଥାଏ। ସେଗୁଡ଼ିକ ହେଲା- ଶ୍ରେଣୀ ବଦ୍ଧତା, ବ୍ୟାଖ୍ୟା, ସମର୍ଥନ ଓ ଉତ୍ତରଦାୟିତ୍ୱ। ଏହି ଚାରୋଟିଯାକ କ୍ଷେତ୍ର ମାଧ୍ୟମରେ ୨୦୩୦ ମସିହା ସୁଦ୍ଧା ବିଶ୍ୱର ପ୍ରତ୍ୟେକ ମହିଳା ଓ ଶିଶୁ ସମ୍ପର୍କିତ ଆନ୍ଦୋଳନକୁ ସମର୍ଥନ ଦେବା ଓ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବା। ସେହି ଲକ୍ଷ୍ୟଗୁଡ଼ିକ ହେଉଛି-

୧. ପ୍ରତ୍ୟେକ ଏକଲକ୍ଷ ଜୀବନ୍ତ ପ୍ରସବରେ ମାତୃ ମୃତ୍ୟୁହାରକୁ ୭୦ କିମ୍ବା ତା'ଠାରୁ କମ୍ ସ୍ତରକୁ ହ୍ରାସ କରିବା। (ଶହସ୍ରାବ୍ଦ ବିକାଶ ଲକ୍ଷ୍ୟ ୩.୧)

୨. ପ୍ରତ୍ୟେକ ଏକ ହଜାର ଜୀବନ୍ତ ପ୍ରସବରେ, ପ୍ରତ୍ୟେକ ଦେଶରେ ୫ ବର୍ଷ ବୟସ ତଳେ ଥିବା ଶିଶୁ ମୃତ୍ୟୁହାରକୁ ୨୫ କିମ୍ବା ତା'ଠାରୁ କମ୍ ସ୍ତରକୁ ହ୍ରାସ କରିବା। (ଶହସ୍ରାବ୍ଦ ବିକାଶ ଲକ୍ଷ୍ୟ ୩.୨)

୩. ପ୍ରତ୍ୟେକ ଏକ ହଜାର ଜୀବନ୍ତ ପ୍ରସବରେ ନବଜାତ ମୃତ୍ୟୁ ହାରକୁ ୧୨ କିମ୍ବା ତା'ଠାରୁ କମ୍ ସ୍ତରକୁ ହ୍ରାସ କରିବା। (ଶହସ୍ରାବ୍ଦ ବିକାଶ ଲକ୍ଷ୍ୟ ୩.୨)

୪. ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟସେବା / ଅଧିକାରର ଉପଲବ୍ଧତା ସୁନିଶ୍ଚିତ କରିବା (ଶହସ୍ରାବ୍ଦ ବିକାଶ ଲକ୍ଷ୍ୟ ୭/୫.୬)

୫. ପରିବାର ନିୟୋଜନର ୭୫% ଆବଶ୍ୟକତାକୁ ଆଧୁନିକ ଗର୍ଭନିରୋଧକ ମାଧ୍ୟମ ଜରିଆରେ ପୂରଣ କରିବା।

ଏହି ସହଭାଗୀ ସଂସ୍ଥାର ବୈଠକ ପ୍ରତ୍ୟେକ ଦୁଇବର୍ଷରେ ଥରେ ଆୟୋଜିତ ହୁଏ। ଏହା ଏକ ବୈଶ୍ୱିକ ମଞ୍ଚ। ଏ ପର୍ଯ୍ୟନ୍ତ ଏଭଳି ତିନୋଟି ବୈଠକ ଆୟୋଜିତ ହୋଇସାରିଛି- ତାଞ୍ଜାନିଆ ୨୦୦୮, ଭାରତ ୨୦୧୦ ଓ ଦକ୍ଷିଣ ଆଫ୍ରିକା ୨୦୧୪। ଏହି ସଂସ୍ଥାର ପରିଚାଳନା ପାଇଁ ଏକ ପରିଷଦ ରହିଛି। ବର୍ତ୍ତମାନ ଏହାର ଅଧ୍ୟକ୍ଷ ହେଉଛନ୍ତି ସୁଶ୍ରୀ ଗ୍ରାକା ମାଚେଲ୍। ଏହାର ସହ ଅଧ୍ୟକ୍ଷ ହେଉଛନ୍ତି ଭାରତ ସରକାରଙ୍କ ଅଧିନସ୍ଥ ଶ୍ରୀ ସି.କେ. ମିଶ୍ର ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଡକ୍ଟର ଫ୍ଲାବିଆ ବୁଷ୍ଟ୍ରିଅଲ୍।

**ନିକଟ ଅତୀତରେ ହୋଇଥିବା କାର୍ଯ୍ୟକ୍ରମ:**

ଗତ ମାର୍ଚ୍ଚ ୨୫ରୁ ୨୮ ତାରିଖ ମଧ୍ୟରେ ସ୍ୱିଜରଲାଣ୍ଡର ଜେନିଭାଠାରେ ଆନ୍ତଃ ସଂସଦୀୟ ସଂଗଠନ, ସହଭାଗୀ ସଂସ୍ଥା ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗନର ମିଳିତ ଆନୁକୂଲ୍ୟରେ ୧୩୮ତମ ଆନ୍ତଃ ସଂସଦୀୟ ସଂଗଠନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାର ବିଷୟବସ୍ତୁ ଥିଲା 'କିଶୋର ସ୍ୱାସ୍ଥ୍ୟ ପାଇଁ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା।'

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜେ.ପି. ନଡ୍ଡା ଓ ଚିଲିର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ମିସେଲ୍ ବାଚେଲଟ୍‌ଙ୍କ ସମେତ ଏହି ସହଭାଗୀ ସଂସ୍ଥାର ଏକ ପ୍ରତିନିଧିମଣ୍ଡଳ ଗତ ଏପ୍ରିଲ୍ ୧୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ନୂଆଦିଲ୍ଲୀ ଠାରେ ସାକ୍ଷାତ କରିଥିଲେ। ଏହି ସହଭାଗୀ ସଂସ୍ଥାର ପୃଷ୍ଠପୋଷକ ହେବା ପାଇଁ ପ୍ରଧାନମନ୍ତ୍ରୀ ସଦୟ ସ୍ୱୀକୃତି ଦେବା ସହିତ ଏହାର ପ୍ରତୀକ ଚିହ୍ନକୁ ମଧ୍ୟ ଗ୍ରହଣ କରିଥିଲେ। ଏହି ପାର୍ଟନର୍ ଫୋରମ୍‌ର ପରବର୍ତ୍ତୀ ବୈଠକ ଆଗାମୀ ଡିସେମ୍ବର ୧୨ ଓ ୧୩ ତାରିଖ ଦିନ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ।

ସାମ୍ପ୍ରତିକୀ

# ତର୍କ ସଂଗତ ଓ ଦାୟିତ୍ୱ ସମ୍ପନ୍ନ ମୂଲ୍ୟ ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦେଲେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ




ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ସର୍ବବୃହତ ଶକ୍ତି ବ୍ୟବହାରକାରୀ ଦେଶ ହୋଇଥିବା ବେଳେ ଦେଶରେ ଶକ୍ତି ଆବଶ୍ୟକତା ଲଗାତାର ଭାବେ ବଢ଼ିବାରେ ଲାଗିଛି । ବର୍ତ୍ତମାନ ଦେଶରେ ତୈଳ ଓ ଗ୍ୟାସର ଆବଶ୍ୟକତା ୨୨୯ ମିଲିୟନ ମେଟ୍ରିକ ଟନ ରହିଥିବା ବେଳେ ଆଗାମୀ ୨୦୪୦ ସୁଦ୍ଧା ଏହା ୬୦୭ ମିଲିୟନ ମେଟ୍ରିକ ଟନରେ ପହଂଚିବ । ତେଣୁ ଭାରତ ସବୁ ବେଳେ ତର୍କ ସଂଗତ ଓ ଦାୟିତ୍ୱ ସମ୍ପନ୍ନ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଗୁରୁତ୍ୱ ଦେଇଆସିଛି । ୧୬ତମ ଆନ୍ତର୍ଜାତିକ ଏନର୍ଜି ଫୋରମ ମନ୍ତ୍ରୀ ସ୍ତରୀୟ ବୈଠକର ସମାପନ ଅବସରରେ ଉଦବୋଧନ ଦେଇ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତରେ ଗ୍ରାମାଂଚଳରେ ଅଟୋ ଇନ୍ଧନର ଚାହିଦା ବଢ଼ିବାରେ ଲାଗିଛି । ଭାରତରେ ଖୁବ ତୀବ୍ର ଗତିରେ ସହରୀକରଣ ହେଉଛି । ୨୦୧୧ରେ ଭାରତର ସହରୀ ଜନସଂଖ୍ୟା ୩୧ ପ୍ରତିଶତ ଥିବା ବେଳେ ୨୦୩୦ ବେଳକୁ ଏହା ୪୧ ପ୍ରତିଶତରେ ପହଂଚିବ । ଦେଶର ଅଧା ଜନସଂଖ୍ୟା ୨୫ ବର୍ଷରୁ କମ୍ । ତେଣୁ ଆଗାମୀ ଦିନରେ ଶକ୍ତିର ଚାହିଦା ବଢ଼ିବ । ନବୀକରଣ ଯୋଗ୍ୟ ଶକ୍ତି ଯେପରି ସୌର, ବାୟୁ ଓ ଅନ୍ୟାନ୍ୟ ଉତ୍ସରୁ ଶକ୍ତି ଟେକ୍ନୋଲଜୀରେ ପ୍ରଗତି ହେଉଥିବା କାରଣରୁ ଏହାର ମୂଲ୍ୟ କମ ହେବାରେ ଲାଗିଛି । ତେଣୁ ସାଧାରଣ ଗ୍ରାହକ ମାନଙ୍କ ପାଖରେ ବିକଳ୍ପ ରହିଛି । ଏହି ମଂଚକୁ ଶକ୍ତି ଉତ୍ପାଦକ ଓ ବ୍ୟବହାରକାରୀ ଦେଶମାନେ ସଠିକ ଭାବେ ବ୍ୟବହାର କରି ସଠିକ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଜଣାଇଛନ୍ତି ।

# ମନ୍ତ୍ରୀ ଶ୍ରୀ ଜୁଏଲ ଓରାମଙ୍କ ଦ୍ୱାରା ଲହୁଣୀପଡ଼ା ବ୍ଲକରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ପବିତ୍ର ଅକ୍ଷୟ ତୃତୀୟା ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ସୁନ୍ଦରଗଡ଼ ଜିଲ୍ଲା ବଣାଇ ନିର୍ବାଚନ ମଣ୍ଡଳୀର ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କସଦା ଠାରେ ଏକ ଚାଷ ଜମିରେ ମୁଠି ଅନୁକୂଳ କରିଥିଲେ । ପରେ ଶ୍ରୀ ଓରାମ ଧମଣାଧର ଠାରେ ନିର୍ମାଣ ହେବାକୁ ଥିବା ପାଢ଼ାଘର, ସଗଡ଼ିଆପୋଷ ଠାରେ କମ୍ୟୁନିଟ ସେଂଟର, ରାଜାମୁଣ୍ଡା ସଂକୀର୍ତନ ମଣ୍ଡଳୀ ଗୃହ, ଲୁଥୁରୁବା ଓ ବୁଢ଼ିକୁଟୁଣ କିଷାନ ସମାଜର କମ୍ୟୁନିଟ ସେଂଟର, ତାଜବାହାଲି ଠାରେ ପାଢ଼ାହା ଘର ଓ ଦର୍ଜିଂ ଠାରେ ଭାଗବତ ଟୁଙ୍ଗି ଗୃହର ଶିଳାନ୍ୟାସ କରିଥିଲେ । ପ୍ରତ୍ୟେକ ପ୍ରକଳ୍ପ ପାଇଁ ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟର ସମ୍ବିଧାନ ଧାରା ୨୭୫ (୧) ଅନୁଯାୟୀ ୫ ଲକ୍ଷ ଟଙ୍କା ଲେଖାଏଁ ମନ୍ତ୍ରୀ ଶ୍ରୀ ଓରାମ ଅନୁମୋଦିତ କରିଛନ୍ତି । ସଂନ୍ଧ୍ୟାରେ ମନ୍ତ୍ରୀ ଶ୍ରୀ ଓରାମ ବଣାଇଗଡ଼ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏକ ଅତିରିକ୍ତ ଶ୍ରେଣୀଗୃହର ଉଦ୍‌ଘାଟନ କରିବା ସହିତ ଏହି ଅନୁଷ୍ଠାନର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

# ଉର୍ଜା ଗଙ୍ଗା ପାଇପ୍‌ଲାଇନ କଡେ କଡେ ୧୯ଟି ଜିଲ୍ଲାରେ ପାଇପ ଯୋଗେ ମିଳିବ ରୋଷେଇ ପାଇଁ ପ୍ରାକୃତିକ ଗ୍ୟାସ: ଧର୍ମେନ୍ଦ୍ର ପ୍ରଧାନ



ଓଡିଶାର ଧାମରାରୁ ଆରମ୍ଭ ହୋଇ ଝାଡଖଣ୍ଡ, ବିହାର ଦେଇ ଉତର ପ୍ରଦେଶର ଜଗଦୀଶପୁର ପର୍ଯ୍ୟନ୍ତ ଯାଉଥିବା ଉର୍ଜା ଗଙ୍ଗା ପାଇପଲାଇନ ରାଜ୍ୟରେ ଯାଉଥିବା ଜିଲ୍ଲା ଓ ପାଖ ଜିଲ୍ଲା ଗୁଡିକରେ ପାଇପ ଯୋଗେ ଗ୍ୟାସ ବିତରଣ ପ୍ରକଳ୍ପ ଆରମ୍ଭ କରାଯିବ ବୋଲି ଏକ ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ପାଇପ୍ ଯୋଗେ ପାଣି ଯିବା ପରି ଟ୍ୟାପ ଖୋଲିଲେ ଗ୍ୟାସ ଚୁଲି ଜଳିବା ପ୍ରକଳ୍ପ ସହ ଭାରତ ତେଲ କିଣୁଥିବା ଆରବ ଦେଶମାନଙ୍କରେ କିପରି ଓଡିଶାର କୃଷିଜାତ ଦ୍ରବ୍ୟ ବିପଣନ କରାଯାଇପାରିବ ସେଥିପାଇଁ ଯୋଜନା ସମ୍ପର୍କରେ ଶ୍ରୀ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଛନ୍ତି । ଏହା ସହ ପାରାଦୀପରେ ନିର୍ମିତ ହେଉଥିବା ପ୍ଲାଷ୍ଟିକ ପାର୍କର ପ୍ରଗତି ସମ୍ପର୍କରେ ମଧ୍ୟ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟରେ ୨ଟି ଜିଓଗ୍ରାଫିକାଲ ଏରିଆ (ଜିଏ) ଗଠନ କରାଯାଇ କଟକ ଓ ଭୁବନେଶ୍ୱରକୁ ଆଧାର କରି ଖୋର୍ଦ୍ଧା ଜିଲ୍ଲାରେ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ଯୋଗାଣର ବ୍ୟବସ୍ଥା ହୋଇଛି । ଏହାସହ ଏହି ଗ୍ୟାସ ପାଇପଲାଇନ ଯାଉଥିବା ଉତର, ମଧ୍ୟ ଓ ପଶ୍ଚିମ ଓଡିଶାରେ ଆଉ ସାତଟି ନୂଆ ଜିଏ ଗଠନ କରା ଯିବାର ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଏଥିରେ ରାଜ୍ୟର ଆଉ ୧୭ଟି ଜିଲ୍ଲାରେ ପାଇପ ଯୋଗେ ଗ୍ୟାସ୍ ଯୋଗାଣର ବ୍ୟବସ୍ଥା ତିଆରି ହେବ । ଏହି ଜିଲ୍ଲାଗୁଡିକ ହେଲା ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ,

# ସାମ୍ପ୍ରତିକୀ

ଝାରସୁଗୁଡା, ବାଲେଶ୍ୱର, ଭଦ୍ରକ, ମୟୁରଭଂଜ, ବରଗଡ, ଦେବଗଡ, ସମ୍ବଲପୁର, ଗଂଜାମ, ନୟାଗଡ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର ଓ କେନ୍ଦୁଝର । ଏଥିପାଇଁ କେନ୍ଦ୍ର ସରକାରଙ୍କ ଅଧିକାରୀ ସହ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହିତ ସେ ସମୀକ୍ଷା କରିଥିବା ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।

୨୦୧୪ ମସିହା ସୁଦ୍ଧା ଦେଶରେ ୪୭ଟି ଜିଏରେ ୭୩ଟି ଜିଲ୍ଲାରେ ପାଇପ ଯୋଗେ ଗ୍ୟାସ ବିତରଣ ବ୍ୟବସ୍ଥା ଥିଲା । ଏବେ ସୁଦ୍ଧା ଏହା ୯୪ ଜିଏରେ ପହଂଚିବା ସହ ୧୩୦ ଟି ଜିଲ୍ଲାରେ ପ୍ରକଳ୍ପ ଆରମ୍ଭ ହୋଇଛି । ଚଳିତ ପ୍ରକ୍ରିୟାରେ ଆଉ ୮୬ଟି ନୂଆ ଜିଏରେ ଆଉ ୧୭୬ଟି ଜିଲ୍ଲା ସାମିଲ ହେବ । ଏହି ନୂଆ କରି ଆରମ୍ଭ ହେଉଥିବା ଜିଲ୍ଲାଗୁଡିକ ମଧ୍ୟରେ ଓଡିଶାର ୧୭ଟି ଜିଲ୍ଲା ସାମିଲ ହେଉଛନ୍ତି ।

ଓଡିଶାର ଶିଳ୍ପାୟନ ପାଇଁ ସ୍ୱଚ୍ଛ ଉର୍ଜାର ଆବଶ୍ୟକତାକୁ ଏହି ପାଇପଲାଇନ ଯୋଗୁ ବ୍ୟାପକ ସହଯୋଗ ମିଳିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ତୈଳ ନିଗମ ଇଣ୍ଡକୋ ସହିତ ମିଶି ପାରାଦୀପରେ ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା କରୁଛି । ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମଧ୍ୟ ଶ୍ରୀ ପ୍ରଧାନ ସମୀକ୍ଷା କରିଥିବା କହିଛନ୍ତି ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଆରବ ଦେଶ ମାନଙ୍କରୁ ବାର୍ଷିକ ୪୦ ଏମଟି ପେଟ୍ରୋଲଜାତ ଦ୍ରବ୍ୟକୁ ୨.୫ରୁ ୩ ଲକ୍ଷ କୋଟି ଟଙ୍କା ବ୍ୟୟରେ କ୍ରୟ କରୁଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଦ୍ୱିପାକ୍ଷିକ ବ୍ୟବସାୟକୁ ଦୃଢ କରିବା ପାଇଁ ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନ ଆରବ ଦେଶଗୁଡିକୁ କୃଷିଜାତ ଦ୍ରବ୍ୟ ରପ୍ତାନୀ କରିବାକୁ ବଡ ଯୋଜନା ତିଆରି କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଶକ୍ତି ସୁରକ୍ଷା ପାଇଁ ଭାରତ ଆରବ ଦେଶ ଉପରେ ନିର୍ଭରଶୀଳ ଥିବା ବେଳେ ଏହି ଦେଶ ଗୁଡିକୁ ସେମାନଙ୍କର ଖାଦ୍ୟ ସୁରକ୍ଷା ପାଇଁ ଭାରତ ଉପରେ ନିର୍ଭରଶୀଳ କରିବା ପାଇଁ ପ୍ରଧାନମନ୍ତ୍ରୀ ଯୋଜନା ପ୍ରସ୍ତୁତ କରିଛନ୍ତି । ଭାରତ ତେଲ କିଣିବାରେ ପ୍ରଚୁର ଅର୍ଥ ଖର୍ଚ କରୁଥିବା ବେଳେ ଏହି ଦେଶ ଗୁଡିକ ଭାରତରେ ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷି କ୍ଷେତ୍ରରେ ପୁଂଜିନିବେଶ ପାଇଁ ଯୋଜନା ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପୂର୍ବ ଭାରତକୁ ଗୁରୁତ୍ୱ ପରିପ୍ରେକ୍ଷୀରେ ଓଡିଶା ଯେପରି ଏହି ନୂଆ ସମ୍ଭାବନାରେ ଅଧିକ ଲାଭବାନ ହୋଇ ପାରିବ ସେଥିପାଇଁ ଓଡିଶା ପାଇଁ ଆଗୁଆ ଯୋଜନା ତିଆରି କରିବା ଜରୁରୀ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଓଡିଶାରେ ଧାନର ଉତ୍ପାଦନ ବଢିଛି । ଓଡିଶାର କୃଷିଜାତ ଦ୍ରବ୍ୟକୁ ଆରବରେ ବିକ୍ରୀ କରି ଓଡିଶାର କୃଷକ ଓ ରାଜ୍ୟର ଅର୍ଥନୀତିକୁ ସୁଦୃଢ କରିବା ପାଇଁ ଏକ ସୁଯୋଗ ସୃଷ୍ଟି ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଚାଷୀର ରୋଜଗାରକୁ ଦୁଇ ଗୁଣ କରିବା ପାଇଁ କୃଷି ଉତ୍ପାଦନ ବଢାଇବା ପାଇଁ ପଡିବ । କୃଷି ଉତ୍ପାଦନକୁ ଅଧିକ ମୂଲ୍ୟରେ ବିଦେଶରେ ବିକିଲେ ଓଡିଶାର ଅର୍ଥନୀତିରେ ପ୍ରଗତି ଆସିବ ବୋଲି ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

*Now available*

# INDIA 2018




A Comprehensive Digest for Government of India's policies, programmes and achievements



**Also available as eBook on amazon.in, play.google.com**

**PUBLICATIONS DIVISION**
**Ministry of Information & Broadcasting**
**Government of India**

Soochna Bhawan, CGO Complex, Lodhi Road, New Delhi-110003

For placing order online
please visit: www.bharatkosh.gov.in
website: www.publicationsdivision.nic.in
or please contact:
Phone: 011-24367453, 24367260, 24365609,
e-mail: pdjucir@gmail.com, businesswng@gmail.com

Please visit our Book Gallery at Soochna Bhawan

@ DPD_India

www.facebook.com/publicationsdivision
www.facebook.com/yojanaJournal

**YOJANA (Odia) : Monthly** **May 2018** **RNI No. 57203/93**
ISSN 0971-8346 Total Number of Pages (56)


# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ
ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

### ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

### "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା,
ବିଶେଷାଙ୍କ - ୩୦/- ଟଙ୍କା

### ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**


Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash